R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୨୫
ତିଥି : ଦଶମୀ
୨୩ ମେ' ୨୦୨୫, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur

Vol. - XXIX, No. 225
23 May 2025, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

GRAND SUCCESS

୨୦୨୫ +୨ ବିଜ୍ଞାନ ଏବଂ କଳା ଫଳାଫଳ ରେ ପୁଣିଥରେ ଐତିହାସିକ ସଫଳତା....

GRAND SUCCESS

# PRINCE COLLEGE

PRINCE GROUP OF INSTITUTIONS

The No.1 Residential College for- +2 SCIENCE +2 ARTS

କ୍ରମାଗତ ଭାବେ +୨ ବିଜ୍ଞାନ ରେ ଜିଲ୍ଲାରେ ପ୍ରଥମ ଏବଂ ରାଜ୍ୟରେ ଶ୍ରେଷ୍ଠ ୧୦ ମଧ୍ୟରେ




574 96%
SAGRAM MARNDI
MAYURBHANJ TOPPER
AMONG THE TOP 10 POSITION IN ODISHA




571 95%
GOUTTAM GIRI
MAYURBHANJ 2nd TOPPER

90% ABOVE - 33
500 ABOVE - 86
80% ABOVE - 130+
1ST CLASS - 448

## OUR GLORIOUS 2025 +2 SCIENCE RESULT




## OUR GLORIOUS 2025 +2 ARTS RESULT





And Many More..

## OUR 2025 EXPECTED MEDICAL & IIT ACHIEVERS

OUR 1st Show

Expecting 7 Students Govt. MBBS Selection & 2 JEE Adv. Out of 12 Students in 2025







+2 SCIENCE, +2 ARTS Admission ଏବଂ NEET / JEE COACHING ପାଇଁ ଯୋଗାଯୋଗ କରନ୍ତୁ...

**BARIPADA**
City Office: Palbani, Debendrapur, Campus: Ramnagar
8895102045, 9937701648, 8763574700

www.princecollege.in

**BALASORE**
Campus-1: Central School Square, Campus-2: Sunduri
8763403768, 9337687655, 9937701648



# ବିଶ୍ୱ କଇଁଛ ଦିବସ

ପ୍ରତିବର୍ଷ ମେ’ ୨୩ ତାରିଖରେ ପାଳନ ହୋଇଥାଏ ବିଶ୍ୱ କଇଁଛ ଦିବସ । ଏହି ଦିବସ ପାଳନର ଆରମ୍ଭ ୨୦୦୦ ସମିହାରେ ଆରମ୍ଭ ହୋଇଥିଲା, ଯାହାକୁ ଆମେରିକୀୟ କଇଁଛ ଉଦ୍ଧାର ସଂସ୍ଥା ପ୍ରଯୋଜନା କରିଥାଏ । ଏହି ଦିବସର ପାଳନ କଇଁଛମାନଙ୍କର ସୁରକ୍ଷା ପାଇଁ ଆରମ୍ଭ କରାଯାଇଥିଲା । ଏହାଦ୍ୱାରା ଲୋକଙ୍କୁ ଜୀବଜଗତର ସୁରକ୍ଷା କିପରି ନେଇହେବ ସେ ସମ୍ପର୍କରେ ସଚେତନ କରାଯାଇଥାଏ । ଏହି ଦିବସରେ କଇଁଛ ମାନଙ୍କୁ କିପରି ସୁରକ୍ଷା ଦେଇହେବ ଲୋକଙ୍କୁ ବାର୍ତ୍ତା ଦିଆଯାଇଥାଏ । ସେମାନଙ୍କୁ କିଭଳି ଚୋରାଚାଲାଣ ଓ ଶିକାରରୁ ରକ୍ଷା କରାଯାଇପାରିବ ସେ ନେଇ ଲୋକଙ୍କୁ ବୁଝା ଯାଇଥାଏ । ଏହି ଦିନ ଆମେରିକାରେ ବିଭିନ୍ନ ସ୍ଥାନରେ ଭିନ୍ନଭିନ୍ନ କାର୍ଯ୍ୟକ୍ରମ କରିଆରେ ଏହି ଦିବସର ପ୍ରଚାର ପ୍ରସାର କରାଯାଇଥାଏ ।

## ସୋସିଆଲ କୋଟ୍ସ



“ମା’ ଚରିତ୍ରରେ କାମ କରିବା ଖୁବ ଭଲ ଅନୁଭବ ହୋଇଥାଏ । ତେବେ ଏପର୍ଯ୍ୟନ୍ତ ରିଅଲ ଲାଇଫ୍‌ରେ ମାଆ ହେବାର ସୁଯୋଗ ମିଳିନାହିଁ । ହେଲେ ଏହି ଅନ୍‌ସ୍କ୍ରିନ୍ ରୋଲଟି ମୋତେ ଖୁବ ଭଲ ଲାଗିଛି ।

**ତନିଷା ମୁଖାର୍ଜୀ, ଅଭିନେତ୍ରୀ**



“ଫିଲ୍ମ ପାଇଁ ପ୍ଲାଷ୍ଟିକ ସର୍ଜରୀକୁ ମୁଁ ବିରୋଧ କରିଥାଏ । ମୋତେ ଯଦି କିଏ କେବେ ବି ଏଭଳି ପରାମର୍ଶ ଦିଅନ୍ତି, ତେବେ ତାଙ୍କୁ ମୁହଁ ଉପରେ ଉତ୍ତର ଦେଇ ମନା କରିଥାଏ । ବାଧ କଲେ ଫିଲ୍ମ ହିଁ ଛାଡିଦେଇଥାଏ ।

**ପ୍ରିୟାମଣି, ଅଭିନେତ୍ରୀ**



“କ୍ୟାମେରାମ୍ୟାନ୍ ଦାସ ଦାଦାଙ୍କ ମୃତ୍ୟୁ ଆମ ସମସ୍ତଙ୍କୁ ଦୁଃଖ ଦେଇଛି । ତାଙ୍କର ସବୁବେଳେ ଅଭାବ ଅନୁଭୂତ ହେବ । ସେ ଆମ ଶୋ’ର ଖୁବ ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ଥିଲେ ।

**କପିଳ ଶର୍ମା, ହାସ୍ୟଅଭିନେତା**

# ଅଧିକ ବସିବା କ୍ଷତିକାରକ

ନିକଟରେ ଏକ ରିପୋର୍ଟ ଅନୁସାରେ ଅଧିକ ସମୟ ବସିବା ଆମ ଶରୀରପାଇଁ ବିଶେଷ କ୍ଷତିକାରକ । ଆମେରିକାର ଭାନ୍ଦରବିଲ୍ଟ ବିଶ୍ୱବିଦ୍ୟାଳୟର କିଛି ଗବେଷକ ଏନେଇ ସୂଚନା ଦେଇଛନ୍ତି । ଏହି ବୈଜ୍ଞାନିକମାନେ ପାଖାପାଖି ୭ବର୍ଷ ଧରି କିଛି ବ୍ୟକ୍ତିଙ୍କୁ ଟ୍ରାକ କରିଥିଲେ ଯେଉଁଥିରୁ ଏହି ତଥ୍ୟ ସେମାନଙ୍କୁ ମିଳିଛି । ମିଳିଥିବା ତଥ୍ୟ ଅନୁସାରେ ଜଣେ ଯେତେ ବ୍ୟାୟାମ କଲେ ମଧ ଯଦି ଅଧିକ ସମୟ ଧରି ବସି ରହୁଛନ୍ତି ତେବେ ତାଙ୍କ ମସ୍ତିଷ୍କ ଉପରେ ଏହାର ନକରାତ୍ମକ ପ୍ରଭାବ ପଡୁଛି । ସେମାନେ ସମସ୍ତ ବ୍ୟକ୍ତିଙ୍କ ହାତରେ ଏକ ମନିଟରି ରିଷ୍ଟ ବ୍ୟାଣ୍ଡ ପିନ୍ଧାଯାଇଥିଲା ଯାହା ସେମାନଙ୍କର ମୁଭମେଣ୍ଟକୁ ଟ୍ରାକ କରିଥିଲା । ଏହି ତଥ୍ୟ ଅନୁସାରେ ଯେଉଁମାନେ ଦିନକୁ ପାଖାପାଖି ୧୩ ଘଣ୍ଟା ବସୁଥିଲେ ସେମାନଙ୍କର ମସ୍ତିଷ୍କ ଉପରେ ନକାରାତ୍ମକ ପ୍ରଭାବ ଦେଖିବାକୁ ମିଳିଥିଲା । ଏହା ସେମାନଙ୍କ କ୍ଷେତ୍ରରେ ଆଲଜିମର ରୋଗର ଆଶଙ୍କାକୁ ମଧ ବଢାଇଥାଏ ବୋଲି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି । ତେବେ ଏହି ପ୍ରଭାବ ଉପରେ ବ୍ୟାୟାମର କୌଣସି ପ୍ରଭାବ ନଥିବାରୁ ବୈଜ୍ଞାନିକମାନେ କିଛି କିଛି ସମୟ ବ୍ୟବଧାନରେ ଚାଲିବାକୁ ପରାମର୍ଶ ଦେଇଛନ୍ତି । ଏହି ଗବେଷଣା ବିଶେଷଭାବେ ମସ୍ତିଷ୍କର ସ୍ୱାସ୍ଥ୍ୟ ସମ୍ବନ୍ଧରେ କରାଯାଇଥିଲା ।






# ଅନ୍ତରୀକ୍ଷରେ ବ୍ୟାକ୍ଟେରିଆ

ଚୀନର ବୈଜ୍ଞାନିକଙ୍କୁ ଟିନାଗଙ୍ଗ ସ୍ପେସ୍ ଷ୍ଟେସନରେ ବ୍ୟାକ୍ଟେରିଆର ସନ୍ଧାନ ମିଳିଛି । ଏକ ଅନ୍ତର୍ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ ଏହି ସ୍ପେସ ଷ୍ଟେସନରୁ ପୃଥିବୀକୁ ଆସିଥିବା ସାମ୍ପଲ୍‌ରେ ଏହି ବ୍ୟାକ୍ଟେରିଆକୁ ଠାବ କରାଯାଇଛି । ପ୍ରଥମଥର ପାଇଁ ଏକ ବ୍ୟାକ୍ଟେରିଆ ସ୍ପେସ ଷ୍ଟେସନ ପହଞ୍ଚିଛି । ଏହି ବ୍ୟାକ୍ଟେରିଆର ସମାନତା ପୃଥିବୀରେ ଥିବା ନିଆଲିଆ ସର୍କୁଲାନ୍ସ ବ୍ୟାକ୍ଟେରିଆ ସହିତ ରହିଛି । ତେବେ ଏହା ଅନ୍ତରୀକ୍ଷରେ କେଉଁ ଜୀବ ବଞ୍ଚିବ ସେନେଇ ଚାଲିଥିବା ଗବେଷଣାକୁ ବେଶ୍ ତଥ୍ୟ ଯୋଗାଇବ ବୋଲି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି । ଏହି ବ୍ୟାକ୍ଟେରିଆର ସରଞ୍ଜନାରେ ଏଭଳି ଭିନ୍ନତା ଦେଖିବାକୁ ମିଳିଛି ଯାହା ତାକୁ ମହାକାଶର ପରିବେଶରେ ବଞ୍ଚିବାରେ ସାହାଯ୍ୟ କରିଛି । ତେବେ ଏହି ବ୍ୟାକ୍ଟେରିଆର ସ୍ପେସ ଷ୍ଟେସନରେ ଥିବା ମହାକାଶଚାରୀଙ୍କ ଉପରେ କିଭଳି ପ୍ରଭାବ ରହିଛି ତାକୁ ନେଇ ଗବେଷଣା ଜାରି ରହିଛି । କିଭଳି ଏହା ସେମାନଙ୍କୁ କୌଣସି କ୍ଷତି ନପହଞ୍ଚାଇବ ସେଥିପାଇଁ ବୈଜ୍ଞାନିକ ନିଜର କାର୍ଯ୍ୟ ଜାରି ରଖିଛନ୍ତି ।

## ଇତିହାସ

**୧୪୨୦–** ଅଷ୍ଟ୍ରିଆ ଓ ସିରିଆରୁ ବିଦାହେଲେ ଇହୁଦି ।

**୧୯୧୫–** ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଅଷ୍ଟ୍ରିଆ, ହଙ୍ଗେରି ଓ ଜର୍ମାନୀ ବିରୋଧରେ ଯୁଦ୍ଧ ଘୋଷଣା କଲା ଇଟାଲୀ ।

**୧୯୧୯–** ଜୟପୁର ମହାରାଣୀ ଗାୟତ୍ରୀ ଦେବୀଙ୍କ ଜନ୍ମ ।

**୧୯୩୧–** ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତକାର ବସୁନ୍ଧରା କୋମକଲିଙ୍କ ଜନ୍ମ ।

**୧୯୮୪–** ପ୍ରଥମ ଭାରତୀୟ ମହିଳା ଭାବେ ଏଭରେଷ୍ଟ ଆରୋହଣ କଲେ ବଛେନ୍ଦ୍ରୀପାଲ ।

**୨୦୦୮–** ପୃଥ୍ୱୀ–୨ର ମିସାଇଲର ସଫଳ ପରୀକ୍ଷଣ ।

# କାନ୍ସର ଭାଇରାଲ ହାର



ଚଳିତ କାନ୍ସ ଫେଷ୍ଟିଭାଲ ଅନେକ କାରଣ ପାଇଁ ଚର୍ଚ୍ଚାରେ ରହିଛି । ବିଭିନ୍ନ କାରଣରୁ ଏହା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ତେବେ ଏହି ଭାଇରାଲ ସେଲିବ୍ରିଟି ତାଲିକାରେ ଯୋଡି ହୋଇଛନ୍ତି ଭାରତୀୟ ମଡେଲ ତଥା ଅଭିନେତ୍ରୀ ରୁଚି ଗୁଜାର । ସେ ଏକ ଏଭଳି ହାର ପିନ୍ଧିଛନ୍ତି ଯେଉଁଥିରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଫଟୋ ରହିଛି । ରୁଚିଙ୍କୁ ଏହି ରେଡକାର୍ପେଟରେ ଗୋଲ୍ଡେନ ଲେହେଙ୍ଗାରେ ଦେଖିବାକୁ ମିଳିଥିଲା ଯେଉଁଥିରେ ସେ ପେୟାର କରିଥିଲେ ନରେନ୍ଦ୍ର ମୋଦିଙ୍କ ଫଟୋ ଥିବା ପେଣ୍ଡାଣ୍ଟ । ସେ ତାଙ୍କ ହାରରେ ଏହି ପେଣ୍ଡାଣ୍ଟକୁ ଲଗାଇଥିବା ଦେଖିବାକୁ ମିଳିଥିଲା, ଯାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ତେବେ ସେ ଭାରତର ବିଶ୍ୱରେ ଥିବା ଶକ୍ତିଶାଳୀ ଛବିକୁ ବିଶ୍ୱବାସୀଙ୍କୁ ଜଣାଇବାକୁ ଏଭଳି ଗହଣାକୁ ଚୟନ କରିଥିବା ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ଭାରତ ବର୍ତ୍ତମାନ ସାରା ବିଶ୍ୱରେ ନିଜର ଏକ ସ୍ୱତନ୍ତ୍ର ଓ ଶକ୍ତିଶାଳୀ ଛବି ପ୍ରସ୍ତୁତ କରୁଛି । ସେହିଭଳି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସେ ସମ୍ମାନ ଦେବା ପାଇଁ ଏହି ଗହଣାକୁ କାନ୍ସରେ ପିନ୍ଧିଥିବା ପ୍ରକାଶ କରିଛନ୍ତି ।



# ଡାଲିରୁଟି

**ଆବଶ୍ୟକ ସାମଗ୍ରୀ :** ୨୦୦ ଗ୍ରାମ ବୁଟଡାଲି, ୨୫୦ ଗ୍ରାମ ଅଟା, ୫ ପାଖୁଡ଼ା ରସୁଣ, ୪ଟି ଶୁଖିଲା ଲଙ୍କା, ଅଧାଚାମଚ ଫୁଟଣ, ଏକ ଚଉଠ ଚାମଚ ଡାଲଚିନି ଗୁଣ୍ଡ, ୩ ଚାମଚ ରିଫାଇନ ତେଲ, ସ୍ୱାଦ ଅନୁଯାୟୀ ଲୁଣ ଓ ହଳଦିଗୁଣ୍ଡ ।

**ପ୍ରସ୍ତୁତି ପ୍ରଣାଳୀ :** ପ୍ରଥମେ ବୁଟଡାଲିକୁ ଭଲଭାବେ ଧୋଇ ଦିଅନ୍ତୁ । ତା’ପରେ ଏହାକୁ ଲୁଣ ଓ ହଳଦି ପକାଇ ସିଝାଇ ଦିଅନ୍ତୁ । ରସୁଣ ଓ ୨ଟି ଲଙ୍କାକୁ ଛେଚି ରଖନ୍ତୁ । କଡ଼େଇରେ ତେଲ ଗରମକରି ଫୁଟଣ ଓ ଲଙ୍କା ପକାଇ ଫୁଟାଇ ଦିଅନ୍ତୁ । ତାପରେ ରସୁଣ ଓ ଲଙ୍କା ଛେଚାକୁ ପକାଇ ଅଳ୍ପ ଭାଜି ସିଝା ବୁଟ ଡାଲିକୁ ସେଥିରେ ପକାଇ ଦିଅନ୍ତୁ । କିଛି ସମୟ ପରେ ଏହାକୁ ଓହ୍ଲେଇ ଆଣି ଅଲଗା କରି ରଖନ୍ତୁ । ଅଟାକୁ ଚକଟି ବଡ଼ ଆକାର ରୁଟି ପରି ବେଲି ଗ୍ଲାସ ମୁହଁରେ ଗୋଲ ଗୋଲକରି କାଟି ଦିଅନ୍ତୁ । ଏବେ କଡ଼େଇରେ ପାଣି ଗରମ କରନ୍ତୁ । ପାଣି ଫୁଟି ଗଲାପରେ ଛୋଟ ଛୋଟ ରୁଟିଗୁଡ଼ିକୁ ସେଥିରେ ପକାଇ ସିଝାନ୍ତୁ । ରୁଟି ସିଝି ଗଲାପରେ ବୁଟଡାଲିକୁ ସେଥିରେ ପକାଇ ଦିଅନ୍ତୁ । ଏହା ଫୁଟି ଆସିଲେ ଡାଳଚିନିଗୁଣ୍ଡ ପକାଇ ଓହ୍ଲେଇ ଆଣନ୍ତୁ । ଏଥର ପ୍ରସ୍ତୁତ ହୋଇଗଲା ଡାଲିରୁଟି । ଏହାକୁ ଗରମ ଗରମ ପରିବେଷଣ କରନ୍ତୁ ।

**ଅପର୍ଣ୍ଣା ନାୟକ, ନୂଆଦିଲ୍ଲୀ**



# ଦେଶୀ ଲୁକ୍‌ରେ ଐଶ୍

ବର୍ତ୍ତମାନ ବିଟାଉନ୍ ସେଲିବ୍ରିଟିଙ୍କର କାନ୍ସ ଲୁକ ଭାଇରାଲ ହେବାରେ ଲାଗିଛି । ଏଥିରେ ଅନେକ ଅଭିନେତ୍ରୀ ସାମିଲ ଅଛନ୍ତି । ତେବେ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛନ୍ତି ଐଶ୍ୱର୍ଯ୍ୟା ରାୟ ବଚ୍ଚନ । ଚଳିତ କାନ୍ସରେ ଐଶ୍‌ଙ୍କୁ ଦେଶୀ ଲୁକ୍‌ରେ ଦେଖିବାକୁ ମିଳିଛି । ସେହିଭଳି ଚଳିତ ସିଜିନ୍‌ରେ ତାଙ୍କ ଡ୍ରେସରୁ ଅଧିକ ତାଙ୍କର ମଥାର ସିନ୍ଦୁର ଚର୍ଚ୍ଚାର ପରିସରକୁ ଆସିଛି । ଐଶ୍‌ଙ୍କୁ ଏକ ଆଇବରୀ ରଙ୍ଗର ବନାରସୀ ଶାଢି ସହିତ ଅନ୍‌କଟ ହୀରାର ଗହଣା ପିନ୍ଧିଥିବାର ଦେଖିବାକୁ ମିଳିଛି । ଏହାସହିତ ସେ ନିଜ ମେକଅପ୍‌କୁ ପୂରାପୁରି ଦେଶୀ ଷ୍ଟାଇଲରେ କରିଛନ୍ତି । ଐଶ୍‌ଙ୍କ ଲୁକ୍ ଭାରତୀୟ ପରମ୍ପରାକୁ ପ୍ରତିନିଧିତ୍ୱ କରୁଥିବା ଦେଖିବାକୁ ମିଳୁଛି । ଐଶ୍‌ଙ୍କ ଶାଢି ପ୍ରସିଦ୍ଧ ଫ୍ୟାଶନ ଡିଜାଇନର ମନୀଷ ମଲହୋତ୍ରା ଡିଜାଇନ କରିଥିବା ସୂଚନା ମିଳିଛି । ଏହାପୂର୍ବରୁ ମଧ ଐଶଙ୍କୁ କାନ୍ସରେ ଶାଢିରେ ଦେଖିବାକୁ ମିଳିଛି । ୨୦୦୨ରେ ଦେବଦାସ ଫିଲ୍ମର ସ୍କ୍ରିନିଂ ସମୟରେ ତାଙ୍କୁ ପ୍ରଥମଥର ପାଇଁ ଶାଢିରେ ଦେଖିବାକୁ ମିଳିଥିଲା । ଏହାପରେ ମଧ ସେ ଶାଢିରେ ନଜର ଆସିଛନ୍ତି । ଦର୍ଶକ ସବୁବେଳେ ତାଙ୍କ କାନ୍ସ ଲୁକ୍‌କୁ ଖୁବ ପ୍ରଶଂସା କରନ୍ତି । କେବଳ ଭାରତ ନୁହେଁ ବିଦେଶରେ ମଧ ସେ ନିଜର ଲୁକ ପାଇଁ ପ୍ରଶଂସା ପାଇଥାଆନ୍ତି ।


# ୨୫ ହଜାର ଦାନ୍ତ ଥିବା ପଶୁ

ସମସ୍ତେ ଭାବନ୍ତି ମଣିଷର ସବୁଠାରୁ ଅଧିକ ଦାନ୍ତ ଅର୍ଥାତ ୩୨ଟି ଦାନ୍ତଥାଏ ହେଲେ ଆମ ଜୀବଜଗତରେ ଏଭଳି ଏକ ପଶୁ ରହିଛି ଯାହାର ଦାନ୍ତ ସଂଖ୍ୟା ୨୫ ହଜାର । ଗେଣ୍ଡା ହେଉଛି ଏଭଳି ଏକ ପଶୁ ଯାହାର ଦାନ୍ତ ସଂଖ୍ୟା ହେଉଛି ୨୫ ହଜାର । ଆନିମଲ କିଙ୍ଗଡମ୍‌ରେ ସବୁଠାରୁ ଅଧିକ ଦାନ୍ତ ଥିବା ପଶୁ ଭାବେ ଗେଣ୍ଡାର ନାଁ ରହିଛି । ଏହାର ପାଟି ଖୁବ ଛୋଟ ହେଲେ ଏଥିରେ ଏହି ସମସ୍ତ ଦାନ୍ତ ଖୁବ ସୁନ୍ଦର ଭାବେ ଖଞ୍ଜି ହୋଇ ରହିଥାଆନ୍ତି । ତେବେ ଏହି ଦାନ୍ତ ଗୁଡିକ ଅତି ସାନ ହୋଇଥିବା ବେଳେ ଖୁବ ବିରଳ ଓ ସ୍ୱତନ୍ତ୍ର ଭାବେ ତାର ପାଟି ଭିତରେ ଖଞ୍ଜି ହୋଇ ରହିଥାଆନ୍ତି । ଏହି ଦାନ୍ତକୁ ବ୍ୟବହାର କରି ଗେଣ୍ଡା ନିଜ ଖାଦ୍ୟ ଗିଳିବା ଆଗରୁ ସେମାନଙ୍କୁ କାଟିଥାଏ । ତେବେ ସବୁ ଦାନ୍ତ ନରମ ନଥାଏ ଏଥିରେ ମଧ ଏଭଳି ଶକ୍ତିଶାଳୀ ଦାନ୍ତ ରହିଛନ୍ତି ଯାହା ପଥରକୁ ଚୋବାଇବାରେ ସକ୍ଷମ ।



# ଇଣ୍ଟର୍ନସିପ୍ ପାଇଁ ୧୦ ଟଙ୍କା

ସୋସିଆଲ ମିଡିଆରେ ଅନେକ ସମୟରେ ଅଜବ ଅଜବ ପୋଷ୍ଟ ଭାଇରାଲ ହୋଇଥାଏ, ଯାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସଫଳ ହୋଇଥାଏ । ସେହିଭଳି ଏକ ପୋଷ୍ଟ ୟୁଜର୍ସଙ୍କ ଆଖିରେ ପଡିଛି, ତାହା ହେଲା ଏକ କମ୍ପାନୀର ବିଜ୍ଞାପନ । ଏହି ବିଜ୍ଞାପନ ଅନୁସାରେ ମୁମ୍ବାଇରେ ଏକ କମ୍ପାନୀ ତାର ଇଣ୍ଟର୍ନସିପ ପିଲାଙ୍କ ପାଇଁ ମାସିକ ୧୦ ଟଙ୍କା ଧାର୍ଯ୍ୟ କରିଛନ୍ତି । ତେବେ ଏହି ଇଣ୍ଟର୍ନସିପ୍ ପାଇଁ ମଧ ପାଖାପାଖି ୨ ହଜାର ପିଲା ଆବେଦନ ମଧ କରିଥିବା ଦେଖିବାକୁ ମିଳିଛି । ଯାହାକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଆରମ୍ଭ ହୋଇଛି । ଏହି ଇଣ୍ଟର୍ନସିପ ପାଇଁ କମ୍ପ୍ୟୁଟର ଡିଗ୍ରୀର ଆବଶ୍ୟକତା ରହିଛି । ତେବେ ୟୁଜର୍ସ କମ୍ପାନୀକୁ ଟ୍ରୋଲ କରୁଛନ୍ତି । ପିଲାଙ୍କର ଆବଶ୍ୟକତାର ଫାଇଦା ନ ଉଠାଇବାକୁ ସମସ୍ତେ କମ୍ପାନୀକୁ ଅନୁରୋଧ କରୁଥିବା କମେଣ୍ଟରେ ଦେଖିବାକୁ ମିଳିଛି ।



R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୨୫
ତିଥି : ଦଶମୀ
୨୩ ମେ ୨୦୨୫, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 225
23 May 2025, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

**କଳିଙ୍ଗନଗରରେ ୧ ଲକ୍ଷ ୧୫ ହଜାର କୋଟିର ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଉଦ୍‌ଘାଟନ**

# ନିର୍ମାଣର ଯୁଗ ଆରମ୍ଭ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୨।୫ (ସବ୍ୟୁ) : ଓଡ଼ିଶାର ସମୃଦ୍ଧ ଶିଳ୍ପ ଇତିହାସରେ ଆଉ ଏକ ସଫଳତାର ପୃଷ୍ଠା ଯୋଡ଼ି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଯାଜପୁରର କଳିଙ୍ଗନଗର ଠାରେ ୧ ଲକ୍ଷ ୧୫ ହଜାର କୋଟି ଟଙ୍କାର ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର

**୩୬ ହଜାର ନୂଆ ନିଯୁକ୍ତି ସୁଯୋଗ**

ସ୍ଥାପନ ଓ ଶୁଭ ଉଦ୍‌ଘାଟନ କରିଛନ୍ତି । ମୁଖ୍ୟମନ୍ତ୍ରୀ, ସମୁଦାୟ ୨୦ଟି ପ୍ରକଳ୍ପର ଶିଳାନ୍ୟାସ ଓ ୪ଟି ନୂତନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଛନ୍ତି । ଏହା ଦ୍ୱାରା ପ୍ରାୟ ୩୬ ହଜାର ନୂତନ ନିଯୁକ୍ତି ସୃଷ୍ଟି ହୋଇଛି ।

ସୂଚନାଯୋଗ୍ୟ ଯେ, ଆଜି ପ୍ରାୟ ୪୯ ହଜାର କୋଟି ଟଙ୍କାର ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଏବଂ ପ୍ରାୟ ୬୬ ହଜାର କୋଟି ଟଙ୍କାର ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ ଯାଜପୁର ଜିଲ୍ଲାରେ ହୋଇଛି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଜିର ଏହି କାର୍ଯ୍ୟକ୍ରମ, ଶିଳାନ୍ୟାସ ନୁହେଁ, କି ଉଦ୍‌ଘାଟନ ନୁହେଁ, ଏହା ହେଉଛି ସମୃଦ୍ଧ ଓଡ଼ିଶାର ଭବିଷ୍ୟତର ନିର୍ମାଣ । ଏହିସବୁ ପ୍ରକଳ୍ପ ଯୋଗୁଁ ୩୬ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ଏହା ଏକ ସଂଖ୍ୟା ନୁହେଁ। ପ୍ରତ୍ୟେକ (୯ ପୃଷ୍ଠାରେ)

**ରାଜସ୍ଥାନରେ ମୋଦିଙ୍କ ରଣହୁଙ୍କାର**

# ୨୨ ତାରିଖର ଜବାବ ୨୨ ମିନିଟରେ ଦେଲୁ



ନୂଆଦିଲ୍ଲୀ, ୨୨ । ୫ : ପହଲଗାମ୍‌ରେ ଆତଙ୍କୀ ଆକ୍ରମଣ ୨୨ ତାରିଖରେ ହୋଇଥିଲା । ଏହାର ଜବାବ ୨୨ ମିନିଟରେ ଦିଆଗଲା । ଯେଉଁମାନେ ସିନ୍ଦୂର ଲିଭାଇବାକୁ ବାହାରିଥିଲେ, ସେମାନେ ଏବେ ମାଟିରେ ମିଶିଛନ୍ତି। ଆତଙ୍କବାଦ ବିରୋଧରେ ଲଢ଼ିବା ଏକ ରଣନୀତି ନୁହେଁ, ବରଂ ଏହା ଏକ ନୀତିଗତ ନିଷ୍ପତ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ରାଜସ୍ଥାନରେ ଏକ ସଭାରେ କହିଛନ୍ତି ।

ପ୍ରଧାନମନ୍ତ୍ରୀ ମୋଦି ଆଜି ରାଜସ୍ଥାନ ଗସ୍ତରେ ଯାଇ ଏକ ଜନସଭାକୁ ସମ୍ବୋଧନ କରି କହିଥିଲେ ଯେ ଦିଲ୍ଲୀରୁ ଆସି ବିକେନାର୍‌ର ନାଲ୍ ବିମାନବନ୍ଦରରେ ଅବତରଣ କରିଛି । ପାକିସ୍ତାନ ଏହାକୁ ଧ୍ୱଂସ କରିବାକୁ ଉଦ୍ୟମ କରି ବିଫଳ ହୋଇଛି । ସୀମାର ଆରପଟେ ଥିବା ରହୀମୟାର୍ ଖାନ୍ ଏୟାର ବେସ୍ ରହିଛି । ଏବେ ଏହା ଆଇସିୟୁରେ। କେବେ ଏହା ଖୋଲିବ କେହି ଜାଣିନାହାନ୍ତି । ଭାରତର ସେନା ସେହି ଏୟାର ବେସ୍‌କୁ ଧ୍ୱଂସ କରିଛି । ଦେଶକୁ ବିଫଳ ହେବାକୁ କିମ୍ବା ମୁଣ୍ଡ ନୁଆଁଇବାକୁ ଦିଆଯିବ ନାହିଁ । ଯେଉଁମାନେ ଆମ ମା ଭଉଣୀମାନଙ୍କର ସିନ୍ଦୂର ପୋଛିଥିଲେ, ସେମାନଙ୍କୁ ମାଟିରେ ମିଶାଇ ଦିଆଯାଇଛି । ସେମାନଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିଛି ।

- ଏହା ଆକ୍ରୋଶ ନୁହେଁ, ଭାରତର ରୁଦ୍ର ରୂପ
- ସିନ୍ଦୂର ପୋଛିବାକୁ ଆସିଥିଲେ ମାଟିରେ ମିଶାଇଲୁ
- ମୋ ଧମନୀରେ ରକ୍ତ ନୁହେଁ, ଗରମ ସିନ୍ଦୂର ପ୍ରବାହିତ

ଯେଉଁମାନେ ଭାବୁଥିଲେ ଭାରତ ନୀରବ ରହିବ, ଏବେ ସେମାନେ ଲୁଚି ବୁଲୁଛନ୍ତି । ଅପରେସନ ସିନ୍ଦୂର ଏକ ପ୍ରତିଶୋଧ ନୁହେଁ, ଏହା ନ୍ୟାୟର ନୂଆ ରୂପ । ରାଷ୍ଟ୍ର ଏବେ କଠୋର ପଦକ୍ଷେପ ନେବା ନୀତିକୁ ଗ୍ରହଣ କରିଛି । ପ୍ରତ୍ୟକ୍ଷ ଭାବେ ଶତ୍ରୁଙ୍କ ଉପରେ ଆକ୍ରମଣ କରାଯାଇ ମାଟିରେ ମିଶାଯିବ । ପାକିସ୍ତାନ ଗୋଟିଏ କଥା ଭୁଲିଯିବା ଉଚିତ ନୁହେଁ, ବର୍ତ୍ତମାନ ମୋଦି ହେଉଛି ଭାରତ ମା'ର ସେବାକାରୀ । ମୋଦିର ମୁଣ୍ଡ ଥଣ୍ଡା, ମାତ୍ର ତା'ର ରକ୍ତ ଗରମ । ମୋଦିର ଶିରାରେ ରକ୍ତ ନୁହେଁ, ସିନ୍ଦୂର ପ୍ରବାହିତ ହେଉଛି । ପାକିସ୍ତାନ ସହ କୌଣସି ବାଣିଜ୍ୟ ବା ଆଲୋଚନା ହେବ ନାହିଁ। ଯେତେବେଳେ ଆଲୋଚନା ହେବ କେବଳ ପାକ୍ ଅଧିକୃତ କାଶ୍ମୀର ଉପରେ ହେବ । ଏବେ ଭାରତ (୯ ପୃଷ୍ଠାରେ)

## ଓଡ଼ିଶାରେ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୨।୫ (ସବ୍ୟୁ) : ତିନି ବର୍ଷର ବ୍ୟବଧାନ ପରେ ରାଜ୍ୟରେ ଜଣେ କୋଭିଡ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଆକ୍ରାନ୍ତ ଜଣକ ଜଣେ ବରିଷ୍ଠ ନାଗରିକ ହୋଇଥିବାବେଳେ ସେ ଏକାଧିକ ରୋଗରେ ପୀଡିତ ଅଛନ୍ତି । ଏବେ ସେ କ୍ୱାରେଣ୍ଟାଇନରେ ଅଛନ୍ତି । ସେ ନିକଟରେ ଦିଲ୍ଲୀରୁ ଫେରିଥିଲେ । ରାଜଧାନୀର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି । ସେପଟେ ଏହି ଖବର ଆସିବା ପରେ ତତ୍ପର ହୋଇଉଠିଛି ସ୍ୱାସ୍ଥ୍ୟ ବିଭାଗ । ତେବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ନୂତନ ଗାଇଡଲାଇନ ଜାରି କରାଯାଇନାହିଁ ।

ରାଜଧାନୀ ଭୁବନେଶ୍ୱରରେ କରୋନା ଆକ୍ରାନ୍ତ ଚିହ୍ନଟ ପରେ ଏନେଇ ବ୍ୟସ୍ତ ନହେବାକୁ ପରାମର୍ଶ ଦେଇଛନ୍ତି ସ୍ୱାସ୍ଥ୍ୟ ସଚିବ (୯ ପୃଷ୍ଠାରେ)

# ପ୍ରାକ୍ ମୌସୁମୀ ବର୍ଷା ଦେଲା ଆଶ୍ୱସ୍ତି

ଭୁବନେଶ୍ୱର, ୨୨।୫ (ସବ୍ୟୁ) : ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା ଆରମ୍ଭ ହୋଇଛି । ବିଭିନ୍ନ ଅଞ୍ଚଳରେ ବର୍ଷା ହୋଇଥିବା ଜଣାପଡ଼ିଛି । ଫଳରେ ତାପମାତ୍ରା ୬ରୁ ୮ ଡିଗ୍ରୀ ତଳକୁ ଖସିଆସିଛି । ସପ୍ତାହେ ଧରି ଅସହ୍ୟ ଗୁଳୁଗୁଳିରୁ ଏବେ ଆଶ୍ୱସ୍ତି ମିଳିଛି । ତେବେ ଆସନ୍ତା ୨୭ ତାରିଖ ସୁଦ୍ଧା ପୁଣି ଏକ ଲଘୁଚାପ ଆସୁଛି । ଏହାର ପ୍ରଭାବରେ ସାରା ରାଜ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

**୨୭ରେ ଲଘୁଚାପ, ବର୍ଷିବ ପ୍ରବଳ**

ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ ଏକ୍ସରେ ଉଲ୍ଲେଖ କରିଛନ୍ତି, ୨୭ ତାରିଖ ବେଳକୁ ପଶ୍ଚିମ କେନ୍ଦ୍ରୀୟ ପାର୍ଶ୍ୱବର୍ତ୍ତୀ ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପରବର୍ତ୍ତୀ ଦୁଇଦିନ ମଧ୍ୟରେ ଆହୁରି ଅଧିକ ଘନୀଭୂତ ହୋଇପାରେ । ଫଳରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ହୋଇପାରେ । ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଉପକୂଳ ସମେତ ଆଭ୍ୟନ୍ତରୀଣ ଅଞ୍ଚଳରେ ମଧ୍ୟ ବର୍ଷା ହୋଇପାରେ ।


ରାଜ୍ୟରେ ବିଭିନ୍ନ ସ୍ଥାନରେ ବୁଧବାର ରାତିରୁ ଗୁରୁବାର ଦିନ ତମାମ ଝିପିଝିପି ବର୍ଷା ଲାଗି ରହିଛି। ଏହା ପ୍ରାକ୍ ମୌସୁମୀ ବର୍ଷାର ଆଭାସ । ବାଦଲ ସମୂହର ଗତି ଦକ୍ଷିଣ କିମ୍ବା ଦକ୍ଷିଣ-ପୂର୍ବ ଦିଗରୁ ସ୍ଥଳଭାଗ (୯ ପୃଷ୍ଠାରେ)

## ସୀମା ଲଙ୍ଘିଛି ଇଡି : ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ, ୨୨ ।୫ : ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଉପରେ ସୁପ୍ରିମ୍‌କୋର୍ଟ ବର୍ଷିଛନ୍ତି । ଇଡି ସମସ୍ତ ସୀମାର ଉଲ୍ଲଙ୍ଘନ କରିଛି ବୋଲି ମତ ରଖିଛନ୍ତି । ତାମିଲନାଡୁରେ ଏକ ଚଢ଼ାଉ ଘଟଣାରେ ସୁପ୍ରିମକୋର୍ଟ ଏଭଳି ମନ୍ତବ୍ୟ ଦେଇଛନ୍ତି ।

ତାମିଲନାଡୁ ସରକାରଙ୍କ ଦ୍ୱାରା ପରିଚାଳିତ ମାର୍କେଟିଂ କର୍ପୋରେସନ୍‌ରେ ମାର୍ଚ୍ଚ ଓ ଗତ ସପ୍ତାହରେ ଇଡି ଚଢ଼ାଉ କରିଥିଲା । ଏହା ବିରୋଧରେ ସୁପ୍ରିମକୋର୍ଟରେ ମାମଲା ହୋଇଥିଲା । ସୁପ୍ରିମକୋର୍ଟ କହିଥିଲେ ଯେ ଇଡି ସମସ୍ତ ସୀମା ଅତିକ୍ରମ କରିଛି ଓ ସଂଘୀୟ ବ୍ୟବସ୍ଥାରେ ଥିବା ଚିନ୍ତାଧାରାକୁ ଉଲ୍ଲଂଘନ କରିଛି । ଇଡି ପକ୍ଷରୁ ମଦ ପରିବହନ, ବାର୍ ଲାଇସେନ୍ସ ପ୍ରଦାନରେ ଅନିୟମିତତା ଅଭିଯୋଗରେ ଚଢ଼ାଉ କରାଯାଇଥିଲା । (୯ ପୃଷ୍ଠାରେ)





କଳିଙ୍ଗ ନଗରରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀଙ୍କୁ ମନ୍ତ୍ରୀ, ସାଂସଦ ଓ ବିଧାୟକମାନେ ସ୍ୱାଗତ କରି ପାଛୋଟି ନେଉଛନ୍ତି ।



ଯାଜପୁର କଳିଙ୍ଗ ନଗରରେ ଥିବା ବିଭିନ୍ନ ଶିଳ୍ପାନୁଷ୍ଠାନ ଗୁଡିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପରିଦର୍ଶନ କରୁଛନ୍ତି ।

### କୋଟିଆ ଗ୍ରାମ ସମୂହକୁ ନେଇ

# ରାଜ୍ୟ ସରକାର ଗଠନ କଲେ ୧୬ ଜଣିଆ କମିଟି

ଭୁବନେଶ୍ୱର, (ସବ୍ୟୁ) : କୋଟିଆ ଗ୍ରାମ ସମୂହକୁ ନେଇ ରାଜ୍ୟ ସରକାର ୧୬ ଜଣିଆ କମିଟି ଗଠନ କରିଛନ୍ତି । ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ କମିଟି ଗଠନ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ହୋଇଥିବା ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏହି କମିଟି ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷାକରି ସେଠିକା ବାସିନ୍ଦାଙ୍କୁ ସେବା ଯୋଗାଇବା ଉପରେ ଗୁରୁତ୍ୱ ଦେବ । ଏବେ ବିଭିନ୍ନ ବିଭାଗ ବିଭିନ୍ନ ସେବା ଯୋଗାଉଛନ୍ତି । ତେବେ ସମସ୍ତଙ୍କୁ ଗୋଟିଏ ଛତା ତଳେ ଅଣାଯାଇ ଯୋଜନା ପ୍ରଣୟନ କରାଯିବ । ଏହି ଏକକ ସଂସ୍ଥାରେ ଓଏଏସ୍ କିମ୍ବା ଓଆର୍ଏସ୍ କ୍ୟାଡରର ଜଣେ ଅଫିସରଙ୍କୁ ସ୍ୱତନ୍ତ୍ର ଅଧିକାରୀ ଭାବେ ନିଯୁକ୍ତି ଦିଆଯିବ । ରାଜସ୍ୱ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଏହି ସ୍ୱତନ୍ତ୍ର ସଂସ୍ଥାର ଢାଞ୍ଚା, ଅର୍ଥ ପ୍ରଦାନର ବ୍ୟବସ୍ଥା, ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ନେଇ ଅନୁଧ୍ୟାନ କରିବେ । ଏହି କମିଟିରେ ରାଜସ୍ୱ ସଚିବ ସଦସ୍ୟ ଅବାହକ ଥିବାବେଳେ ଗୃହ ବିଭାଗର ଏସ୍ସିଏସ୍, ଏସ୍ଟି, ଏସ୍ସି ବିଭାଗର ପ୍ରମୁଖ ସଚିବ, ଗ୍ରାମ୍ୟ ଉନ୍ନୟନ ବିଭାଗର ସଚିବ, ଶ୍ରମ ବିଭାଗ ପ୍ରମୁଖ ସଚିବ, ଖାଦ୍ୟ ଯୋଗାଣ ବିଭାଗର ପ୍ରମୁଖ ସଚିବ, ଓଏଲ୍ଏଲ୍ ଏବଂ ସି-ଡିପାର୍ଟମେଣ୍ଟର ପ୍ରମୁଖ ସଚିବ, ଆଇନ ବିଭାଗ ପ୍ରମୁଖ ସଚିବ, ଗଣଶିକ୍ଷା ବିଭାଗ ସଚିବ, ପଞ୍ଚାୟତିରାଜ ବିଭାଗ କମିଶନର ତଥା ସଚିବ, ସ୍ୱାସ୍ଥ୍ୟ ବିଭାଗର କମିଶନର ବା ସଚିବ, ଦକ୍ଷିଣାଞ୍ଚଳର ଆର୍ଡିସି, ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି, କୋରାପୁଟର ଜିଲ୍ଲାପାଳ ଓ ଏସ୍ପିଙ୍କୁ ସଦସ୍ୟ କରାଯାଇଛି ।

### ଅପରେସନ ହ୍ୱାଇଟ୍ ସ୍ୱାଇଡର

# ୫ ମାସରେ ୩୩ ମାମଲା, ୭୮ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଅପରେସନ ହ୍ୱାଇଟ୍ ସ୍ୱାଇଡରରେ ସାଢେ ୪ ମାସ ମଧ୍ୟରେ ୩୩ ମାମଲା ହେବା ସହ ୭୮ଜଣଙ୍କୁ ଗିରଫ କରିଛି ଭୁବନେଶ୍ୱର ପୋଲିସ । ୭୮ଜଣଙ୍କ ପାଖରୁ ୮୦ଲକ୍ଷ ଟଙ୍କାର ବ୍ରାଉନସୁଗର, ୧କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଓ ୧ଲକ୍ଷ ୨୨ ହଜାର ୩୩୩ ଟଙ୍କା ଜବତ ହୋଇଥିବା ପୋଲିସ କହିଛି ।

୮୨୧ଗ୍ରାମ୍, ୬୩୦ ମିଲିଗ୍ରାମ୍ ବ୍ରାଉନସୁଗର ଜବତ କରାଯିବା ସହ ୪୨ଜଣଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତମାନଙ୍କୁ ୧୮ଟି ମାମଲାରେ କୋର୍ଟଚାଲାଣ କରାଯାଇଥିବା ବେଳେ ସେମାନଙ୍କ ନିକଟରୁ ତିନୋଟି କାର୍, ଗୋଟିଏ ଅଟୋ, ୯ଟି ବାଇକ୍ ଓ ୨୦ଟି ମୋବାଇଲ ଜବତ ହୋଇଛି । ୧୮ଟି ମାମଲାରେ ଅଭିଯୁକ୍ତମାନଙ୍କ ନିକଟରୁ ନଗଦ ୯୭ ହଜାର ୭୦୦ ଟଙ୍କା ଜବତ କରାଯାଇଥିବା ପୋଲିସ କହିଛି ।

**୮୦ଲକ୍ଷର ବ୍ରାଉନସୁଗର, ୧ କ୍ୱିଣ୍ଟାଲ ଗଞ୍ଜେଇ ଜବତ**

ସେହିପରି ଏକ କ୍ୱିଣ୍ଟାଲ ୧୭କେଜି ୬୪୫ଗ୍ରାମ୍ ଗଞ୍ଜେଇ ଜାନୁଆରୀରୁ ମେ' ୨୧ ତାରିଖ ମଧ୍ୟରେ ଜବତ କରାଯିବା ସହ ୩୬ଜଣଙ୍କୁ ଗିରଫ କରାଯାଇଛି । ସେମାନଙ୍କୁ ୧୫ଟି ମାମଲାରେ କୋର୍ଟଚାଲାଣ କରାଯାଇଥିବା ସୂଚନା ମିଳିଛି । ଏହି ଅଭିଯୁକ୍ତମାନଙ୍କ ନିକଟରୁ ୨୪ ହଜାର ୬୩୦ ଟଙ୍କା ଜବତ ହୋଇଥିବା ବେଳେ ୨ଟି କାର୍, ୮ଟି ବାଇକ୍ ଓ ୮ଟି ମୋବାଇଲ ଜବତ ହୋଇଥିବା ପୋଲିସ କହିଛି । ଅପରେସନ ହ୍ୱାଇଟ୍ ସ୍ୱାଇଡରରେ ଆଗକୁ ଏହିପରି ଏନ୍ଡିପିଏସ୍ ମାମଲାରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବା ସହ ସେମାନେ କାରବାର କରୁଥିବା ନିଶାଦ୍ରବ୍ୟ ଜବତ କରାଯିବ । ପୋଲିସ ବ୍ରାଉନସୁଗର ଓ ଗଞ୍ଜେଇ କାରବାର କରୁଥିବା ବ୍ୟବସାୟୀଙ୍କ ଉପରେ ତୀକ୍ଷ୍ଣ ନଜର ରଖିଛି ।

# ସୁଧାକର ବର୍ଗୀ ଓଏସ୍ଏସ୍ସିର ଅଧ୍ୟକ୍ଷ

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍ଏସ୍ସି)ର ଅଧ୍ୟକ୍ଷ ଭାବେ ଏହାର ସଦସ୍ୟ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ସୁଧାକର ବର୍ଗୀଙ୍କୁ ନିଯୁକ୍ତି ଦିଆଯାଇଛି । ସେ ନିଜ ଦାୟିତ୍ୱ ସହ ଏହି ଦାୟିତ୍ୱକୁ ନିର୍ବାହ କରିବେ । ତେବେ ଏହାର ଅଧ୍ୟକ୍ଷ ଥିବା ଶ୍ରୀ ଅଭୟ ଦେଇଥିବା ଇସ୍ତଫାକୁ ସରକାର ଗ୍ରହଣ କରିଛନ୍ତି । ମେ ୧୯ରେ ସେ ଇସ୍ତଫା ଦେଇଥିଲେ ।

# ବିଜେଡ଼ିର ଶୃଙ୍ଖଳାଗତ କମିଟି

ଭୁବନେଶ୍ୱର (ସବ୍ୟୁ): ବିଜେଡ଼ିର ରାଜ୍ୟସ୍ତରୀୟ ଶୃଙ୍ଖଳାଗତ କମିଟି ଗଠନ କରାଯାଇଛି । ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କର ନିର୍ଦ୍ଦେଶକ୍ରମେ ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ପ୍ରଦୀପ ଅମାତ, ଚନ୍ଦ୍ର ଶେଖର ସାହୁ, ରାଜଶ୍ରୀ ମଲ୍ଲିକ, ସାରଦା ଜେନା, ସସ୍ମିତା ସେଠୀ ଓ ଡ. ଲୋପାମୁଦ୍ରା ମହାପାତ୍ରଙ୍କୁ ସଦସ୍ୟ ଭାବେ ନିଆଯାଇଛି ।

# ଧିରେ ଧିରେ ଫିଟୁଛି ଗୁପ୍ତଚର ଜ୍ୟୋତି ଓ ପ୍ରିୟଙ୍କାଙ୍କ ଗୁମର

ପୁରୀ, (ସବ୍ୟୁ) : ପାକିସ୍ତାନ ଗୁପ୍ତଚର ଅଭିଯୋଗରେ ଗିରଫ ହୋଇଥିବା ହରିଆଣା ଯୁବତୀ ଜ୍ୟୋତି ମାଲହୋତ୍ରାଙ୍କ ଗୁମର ଧୀରେ ଧୀରେ ଫିଟିବାରେ ଲାଗିଛି । ସେ ତାଙ୍କ ବୃଦ୍ଧା ମା ଚନ୍ଦେର କାନ୍ତାଙ୍କ ସହ ପୁରୀ ମାର୍କେଟ ଛକ ନିକଟ ଜଗନ୍ନାଥ ବଲ୍ଲଭ ଭକ୍ତ ନିବାସରେ ଗତ ବର୍ଷ ସେପ୍ଟେମ୍ବର ୨୧ ତାରିଖରେ ରହି ୨୨ ତାରିଖ ସନ୍ଧ୍ୟାରେ ଛାଡିଥିଲେ । ଏହି ଦୁଇ ଦିନିଆ ରହଣି ସମୟରେ ସେ ତାଙ୍କ ବାନ୍ଧବୀ ପୁରୀର ପ୍ରିୟଙ୍କା ସେନାପତିଙ୍କ ସହ ଶ୍ରୀମନ୍ଦିର, ସମୁଦ୍ରକୂଳ ରାସ୍ତା ,ଚିଲିକା ଓ ବିଭିନ୍ନ ସ୍ଥାନ ବୁଲିବା ସହ ଭିଡିଓ ଉତ୍ତୋଳନ କରିଥିଲେ । ଶ୍ରୀମନ୍ଦିର ଡ୍ରୋନ ଭିଡିଓ ଉତ୍ତୋଳନ କରୁଥିବା ଯୁବକଙ୍କ ସହ ପ୍ରିୟଙ୍କା ଓ ଜ୍ୟୋତିଙ୍କ କଣ ସମ୍ପର୍କ ରହିଛି ସେ ନେଇ ଷଷ୍ଠ ଦିନରେ ମଧ୍ୟ ତଦନ୍ତ ଜାରି ରହିଛି । ଅନ୍ୟ ପକ୍ଷରେ ଅଦ୍ୟାବଧି ପ୍ରିୟଙ୍କାଙ୍କ ପତ୍ତା ମିଳୁନାହିଁ । ସେ କେଉଁଠି ଅଛନ୍ତି ସେ ସଂପର୍କରେ ମଧ୍ୟ ଜାଣିବା ପାଇଁ ଗଣମାଧ୍ୟମ ପକ୍ଷରୁ ଉଦ୍ୟମ ଜାରି ରହିଥିଲେ ମଧ୍ୟ କୌଣସି ସୂଚନା ହସ୍ତଗତ ହେଉନାହିଁ । ଏ ସବୁ କାରଣରୁ ଶ୍ରୀମନ୍ଦିର ସୁରକ୍ଷା ଉପରେ ରାଜ୍ୟ ସରକାର ଓ ଜିଲ୍ଲା ପୋଲିସ ପ୍ରଶାସନ ଅଧିକ ସତର୍କ ଓ ସଜାଗ ହେବାର ଆବଶ୍ୟକ ରହିଛି ବୋଲି ମତ ପ୍ରକାଶ ପାଉଛି ।

### ବାଂଲାଦେଶୀ ଅନୁପ୍ରବେଶକାରୀ ପ୍ରସଙ୍ଗକୁ ନେଇ ତାତିଲେ ଯୁବକ

# ଜନଶୁଣାଣୀରେ ମେୟରଙ୍କୁ ଘେରିଲେ, କଳା ପତାକା ଦେଖାଇଲେ

ଭୁବନେଶ୍ୱର (ସବ୍ୟୁ): ବାଂଲାଦେଶୀ ନାଗରିକଙ୍କୁ ତଡିପାର ପ୍ରସଙ୍ଗରେ ବିଏମସି ମେୟର ସୁଲୋଚନା ଦାସ ଦେଇଥିବା ମନ୍ତବ୍ୟ ପରେ ତେଜିଛି ବିରୋଧ । ଏହାର ପ୍ରତିବାଦରେ ଗୁରୁବାର ନୀଳାଦ୍ରିବିହାରରେ ଥିବା ୧୪ ନମ୍ବର ୱାର୍ଡ ଅଫିସ ସମ୍ମୁଖରେ ମେୟରଙ୍କୁ କଳା ପତାକା ପ୍ରଦର୍ଶନ କରିଛନ୍ତି କିଛି ଯୁବକ । କେବେଳ ସେତିକି ନୁହେଁ ମେୟରଙ୍କ ବିରୋଧରେ ନାରାବାଜି କରିଥିଲେ ।



ନୀଳାଦ୍ରିବିହାରରେ ଥିବା ୧୪ ନମ୍ବର ୱାର୍ଡ ଅଫିସ ଜନଶୁଣାଣୀ ପାଇଁ ପହଞ୍ଚିଥିଲେ ବିଏମସି ମେୟର । ୱାର୍ଡ ଅଫିସ ସମ୍ମୁଖରେ କଳା ପତାକା ପ୍ରଦର୍ଶନ କରିଛନ୍ତି କିଛି ଯୁବକ । ବାଂଲାଦେଶୀ ମେୟରଙ୍କୁ ବିଦା କର ବୋଲି ଯୁବକମାନେ ନାରା ଦେଇଥିଲେ । ଏହି ଘଟଣା ପରେ ପ୍ରତିକ୍ରିୟା ରଖି ପୁଣି ସମାନ କଥା ଦୋହରାଇଛନ୍ତି ବିଏମସି ମେୟର । ସେ କହିଛନ୍ତି, ଦୀର୍ଘ ଦିନ ଧରି ରାଜଧାନୀରେ ରହୁଥିବା ବାଂଲାଦେଶୀ ନାଗରିକ ଯେଉଁମାନଙ୍କର ଭୋଟର ଓ ରାସନ କାର୍ଡ ଅଛି, ସେମାନଙ୍କ ପ୍ରତି କ'ଣ କାର୍ଯ୍ୟାନୁଷ୍ଠାନ ନିଆଯିବ । ସେନେଇ ସରକାର ଚିନ୍ତା କରନ୍ତୁ । ସରକାର ଯାହା ନିଷ୍ପତ୍ତି ନେବେ ତାହା କାର୍ଯ୍ୟକାରୀ କରାଯିବ ବୋଲି ସୁଲୋଚନା ସ୍ପଷ୍ଟ କରିଦେଇଛନ୍ତି ।

ପୂର୍ବରୁ ମେୟର କହିଥିଲେ, ଅନୁପ୍ରବେଶକାରୀ ଚିହ୍ନଟ ପ୍ରକ୍ରିୟାରେ ବିଏମସି ସହଯୋଗ କରିବ । ଯେଉଁମାନଙ୍କର ଭୋଟର ପରିଚୟ ପତ୍ର, ଆଧାର କାର୍ଡ ଓ ରାସନ କାର୍ଡ ଅଛି ସେମାନଙ୍କର କୌଣସି ସମସ୍ୟା ନାହିଁ। ଯେଉଁମାନେ ଅବୈଧ ଭାବେ ସୀମା ପାର୍ ହୋଇ ଆସୁଛନ୍ତି ବା ଯେଉଁମାନଙ୍କର ଖାତା ଖତିୟାନ ନାହିଁ, ତାଙ୍କୁ ସହରରୁ ବାହାର କରାଯିବ । ମେୟରଙ୍କ ଏହି ମନ୍ତବ୍ୟ ପରେ ବିବାଦ ତେଜିଥିଲା ।

ସୂଚନାଯୋଗ୍ୟ, ଅଣନାଗରିକ ଓଡ଼ିଶାରେ ରହିବେ ନାହିଁ । ରାଜ୍ୟରୁ ବାଂଲାଦେଶୀଙ୍କୁ ହଟାଇବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ଜିଲ୍ଲା କଥା ଛାଡ଼ନ୍ତୁ, ଜାଲ୍ କାଗଜ ଧରି ରାଜଧାନୀର ଛାତି ଉପରେ ବି ବାଂଲାଦେଶୀ ରାଜ୍ କଲେଣି । କେତେବେଳେ ମାନବ ଚାଲାଣ ମାମଲାରେ ମାଳମାଳ ଯୁବତୀ ବନ୍ଧା ହେଉଛନ୍ତି ତ, ପୁଣି କେତେବେଳେ ଦେଶର ସୁରକ୍ଷା ଚିନ୍ତା । ରାଜ୍ୟ ସରକାରଙ୍କର ନିର୍ଦ୍ଦେଶ ପରେ ନୋଡାଲ୍ ଏଜେନ୍ସୀ ଭାବରେ ଦାୟିତ୍ୱ ନେଇଛି ଏସଟିଏଫ୍ । ସେଥିପାଇଁ ସମସ୍ତ ଜିଲ୍ଲା ପୁଲିସର ସହ ଯୋଗାଯୋଗରେ ରହି ବେଆଇନ୍ ବାଂଲାଦେଶୀଙ୍କ ତାଲିକା ପ୍ରସ୍ତୁତି ଚାଲିଛି । ଏପରିକି ବାଂଲାଦେଶୀଙ୍କୁ ରାଜ୍ୟରୁ ତଡ଼ିବାକୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଁଞ୍ଚିଛି ।

# ଯୁକ୍ତ ୨ରେ କିସ୍‌ର ଉତ୍ସାହଜନକ ସଫଳତା

ଭୁବନେଶ୍ୱର,(ସବ୍ୟୁ): ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି । ଏଥିରେ କିସ୍‌ର ଛାତ୍ରଛାତ୍ରୀମାନେ ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି । ରାଜ୍ୟରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ପାସ ହାର ଯଥାକ୍ରମେ ୮୦.୫୧, ୮୭.୪୯ ଓ ୮୩.୦୩ ଥିବା ବେଳେ କିସ୍ର ପାସ୍ ହାର ଉତ୍ସାହଜନକ ରହିଛି । ଚଳିତବର୍ଷ ମଧ୍ୟ କିସ୍ର ଛାତ୍ରୀମାନେ ଛାତ୍ରଙ୍କ ଅପେକ୍ଷା ଭଲ ପ୍ରଦର୍ଶନ କରିଛନ୍ତି । କିସ୍‌ରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ମୋଟ ୧୮୭୦ ଛାତ୍ରଛାତ୍ରୀ ୨ ପରୀକ୍ଷା ଦେଇଥିଲେ । ସେଥି ମଧ୍ୟରୁ କଳାରେ ୩୨ ପ୍ରତିଶତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ପାସ୍ କରିଥିବାବେଳେ ବିଜ୍ଞାନ ଓ ବାଣିଜ୍ୟରେ ଯଥାକ୍ରମେ ୪୦ ଓ ୩୮ ପ୍ରତିଶତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ପାସ୍ କରିଛନ୍ତି ।



କଳାରେ ପ୍ରମିଳା ଖିଲ ସର୍ବାଧିକ ୮୪ ପ୍ରତିଶତ ନମ୍ବର ରଖି କଲେଜ ଟପ୍ପର ହୋଇଥିବା ବେଳେ ବିଜ୍ଞାନରେ କ୍ରିଷ୍ଣା କହଁର ସର୍ବାଧିକ ୮୯ ପ୍ରତିଶତ ରଖି ଓ ବାଣିଜ୍ୟରେ ଜେମା ସିଂହ ସର୍ବାଧିକ ୮୭ ପ୍ରତିଶତ ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି । କିସ୍ ଫଳାଫଳ ନେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆନନ୍ଦ ପ୍ରକାଶ କରିବା ସହ ଦ୍ୱାଦଶ ପରୀକ୍ଷାରେ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଶ୍ରୀ ସାମନ୍ତ କହିଛନ୍ତି, କିସ୍ କଲେଜର ଅଧ୍ୟାପକ, ଅଧ୍ୟାପିକାଙ୍କ ନିଷ୍ଠା ଓ ସମୟକୁ ସମୟ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ ଏବଂ ଛାତ୍ରଛାତ୍ରୀମାନଙ୍କ ଅକ୍ଲାନ୍ତ ପରିଶ୍ରମ କିସ୍କୁ ଏହି ସଫଳତା ଆଣିଦେଇଛି ।

### ଅନ୍ନପୂର୍ଣ୍ଣା ଥିଏଟର ବି ରେ ମଞ୍ଚସ୍ଥ ନାଟକ ରକ୍ତ ର ରଙ୍ଗ

କଟକ, (ସବ୍ୟୁ):ଅନ୍ନପୂର୍ଣ୍ଣା ଥିଏଟର ବି ଗ୍ରୁପ୍ ଦ୍ୱାରା ନାଟକ ରକ୍ତ ର ରଙ୍ଗ ମଞ୍ଚସ୍ଥ ହୋଇଯାଇଛି । ଥିଏଟର ଅଭିଯାନ ଏବଂ ଅନ୍ନପୂର୍ଣ୍ଣା ଥିଏଟର ବି ଗ୍ରୁପ୍ ର ମିଳିତ ଆନୁକୁଲ୍ୟରେ ଏହି ନାଟକ ପରିବେଷଣ ହୋଇଥିଲାଛ ଭାବଗ୍ରାହୀ ଦାଶଙ୍କ ଦ୍ୱାରା ରଚିତ ନାଟକଟିର ନିର୍ଦ୍ଦେଶନା ଦେଇଥିଲେ ଅନ୍ନପୂର୍ଣ୍ଣା ର ନିର୍ଦ୍ଦେଶକ ଅକ୍ଷୟ ରଣା । ସହନିର୍ଦ୍ଦେଶକ ଥିଲେ ଚୌଧୁରୀ ଶାଶ୍ୱତ ମହାପାତ୍ର । ଅଭିନେତା ପ୍ରେମାନନ୍ଦ ସ୍ୱାଇଁ,ସତ୍ୟଜିତ୍ ବଳ, ମୃତ୍ୟୁଞ୍ଜୟ ବରାଳ ଅଭିନେତ୍ରୀ ସ୍ୱପ୍ନାରାଣୀ ପାତ୍ର,ପ୍ରିୟଙ୍କା ପାଢ଼ୀ,ସୁକନ୍ୟା ସ୍ୱାଇଁ,ଏବଂ ସୁଭସ୍ମିତା ସ୍ୱାଇଁ ପ୍ରଭୃତି ତାଙ୍କର ନିଖୁଣ ଅଭିନୟ ପ୍ରଦର୍ଶନ କରିଥିଲେ । ଏହି କାର୍ଯକ୍ରମ ରେ ମୁଖ୍ୟ ଅତିଥି ଥିଲେ । ବିଶିଷ୍ଟ ଲେଖିକା ଡ ସୁନିତୀ ମୁଣ୍ଡ , ଏବଂ ଟେଟ୍ରାହେଡ୍ରନ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ତ୍ରିଦେବ ବେହେରା । ସମ୍ପାଦିକା ଅଲ୍ଲାଦିନ୍ କର ,ସଭାପତି ନୃସିଂହ ପ୍ରସାଦ ରାୟଗୁରୁ, ଉପସଭାପତି ଶୁଭାଶିଷ କର,ଉପଦେଷ୍ଟା ବିକାଶ ଦାଶ, ନାଟକଟିର ଭୂୟସୀ ପ୍ରଶଂସା କରିଥିଲେ ଛ ଏହି କାର୍ଯକ୍ରମଟିକୁ ରଶ୍ମିତା ପରିଜା, ଜଳନ୍ଧର ମହାନ୍ତି, ଆଲୋକ ସ୍ୱାଇଁ, ଆଶିଷ ମହାନ୍ତି, ସଫିଉଲ୍ ହକ୍,ଜଗନ୍ ମହାନ୍ତି, ଚନ୍ଦନ ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

### ଏସସି/ଏସଟିଙ୍କ ଜମି ହଡପ କରିପାରିବେନି ପ୍ରଭାବଶାଳୀ

# ସରକାର କିଣିବେ ଆଦିବାସୀଙ୍କ ଜମି

ଭୁବନେଶ୍ୱର, (ସବ୍ୟୁ): ଅନୁସୂଚିତ ଜାତି(ଏସସି) ଓ ଜନଜାତି(ଏସଟି)ଙ୍କୁ ଚାପରେ ପକାଇ ସେମାନଙ୍କର ଜମିକୁ ହଡପ କରି ପାରିବେ ନାହିଁ ପ୍ରଭାବଶାଳୀ ଲୋକ । ଆଦିବାସିଙ୍କ ଜମି ଅଣଆଦିବାସୀଙ୍କୁ କିଣିପାରିବେନି । ଏସସି /ଏସଟି ଚାହିଁଲେ ଝିଅ ବାହାଘର, ଚିକିତ୍ସା, ପିଲାଙ୍କ ଉଚ୍ଚ ଶିକ୍ଷା ପାଇଁ ସରକାରଙ୍କୁ ଜମି ବିକ୍ରି କରି ପାରିବେ । ସରକାର ଏହାକୁ ୨ରୁ ୩ ବର୍ଷ ଯାଏଁ ସୁରକ୍ଷିତ ଭାବେ ରଖିବେ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ।



ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ରାଜ୍ୟରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ଜମିକୁ ସୁରକ୍ଷିତ ରଖିବା ପାଇଁ ଗଠନ ହେବ କର୍ପସ ଫଣ୍ଡ । ଏସସି ଓ ଏସଟିଙ୍କ ଜମି ବିକ୍ରି କରିବା ପାଇଁ ହେଲେ ସେ ସିଧାସଳଖ ସରକାରଙ୍କ ପାଖକୁ ଯିବେ । ଏସ୍ସି ଓ ଏସଟିଙ୍କ ଜମିକୁ ଚାପ ପକାଇ ହଡପ କରିପାରିବେ ନାହିଁ ବିଲ୍ଡର । ପୂର୍ବରୁ କିଛି ବିଲ୍ଡର ଚାପ ପକାଇ ଜମି ହଡପ କରିଥିବା ନଜରକୁ ଆସିଛି । ଆଦିବାସୀମାନେ କୌଣସି ଚାପର ବଶବର୍ତ୍ତୀ ହୋଇ ଜମି ବିକ୍ରି ଅଧ୍ୟକ୍ଷତାରେ କମିଟି ଗଠନ କରାଯିବ । କମିଟିରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ସଚିବ, ନିର୍ଦ୍ଦେଶକ, ବିଶେଷଜ୍ଞ ରହିବେ । ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଗୃହ କମିଟି, ବିଧାୟକଙ୍କ ପରାମର୍ଶ ନିଆଯିବ । ସମସ୍ତଙ୍କ ପରାମର୍ଶ ନେଇ କମିଟି ରିପୋର୍ଟ ଦେବା ପରେ ନିଷ୍ପତ୍ତି ହେବ । ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକମାନେ ଝିଅ ବାହାଘର, ଚିକିତ୍ସା, ପିଲାଙ୍କ ଉଚ୍ଚ ଶିକ୍ଷା ପାଇଁ ଜମି ବିକ୍ରି କରିବାକୁ

**ଖୁବ୍‌ଶୀଘ୍ର କର୍ପସ ଫଣ୍ଡ ଗଠନ ହେବ**

କରୁନାହାନ୍ତି ବୋଲି ଯାଞ୍ଚ କରିବାକୁ ସମସ୍ତ ଉପଜିଲ୍ଲାପାଳ ଓ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ଏ ନେଇ ଖୁବ୍‌ଶୀଘ୍ର କର୍ପସ ଫଣ୍ଡ ଗଠନ କରିବେ ରାଜ୍ୟ ସରକାର । ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ସଚିବଙ୍କ ଚାହୁଁଥିଲେ, ସରକାର ଏହି ଜମିକୁ କିଣିବେ । ୨ରୁ ୩ ବର୍ଷ ସରକାର ସୁରକ୍ଷିତ ରଖିବେ । ଜମି ମାଲିକ ଚାହିଁଲେ ପରବର୍ତ୍ତୀ ସମୟରେ ନେବେ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।

# ୨୦୩୫ ସୁଦ୍ଧା ସ୍ଥାପନ ହେବ ଭାରତର ମଡ୍ୟୁଲାର ଅନ୍ତରୀକ୍ଷ କେନ୍ଦ୍ର: ଇସ୍ରୋ ଅଧ୍ୟକ୍ଷ

ଭୁବନେଶ୍ୱର, (ସବ୍ୟୁ): ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଅର୍ଥାତ୍ ଇସ୍ରୋ ମହାକାଶରେ ୨୦୩୫ ସୁଦ୍ଧା ଏକ ମଡ୍ୟୁଲାର ମହାକାଶ କେନ୍ଦ୍ର – ଭାରତୀୟ ଅନ୍ତରୀକ୍ଷ ଷ୍ଟେସନ୍'' ସ୍ଥାପନ କରିବାର ଯୋଜନା ରଖିଛି ବୋଲି ବୁଧବାର ଇସ୍ରୋର ଅଧ୍ୟକ୍ଷ ତଥା ମହାକାଶ ବିଭାଗର ସଚିବ ଡକ୍ଟର ଭି. ନାରାୟଣନ୍ କହିଛନ୍ତି । ବିଏଏସ୍‌ର ସ୍ଥାପନା ମହାକାଶ ଗବେଷଣା ଏବଂ ତତ୍ସମ୍ପର୍କିତ ଅତ୍ୟାଧୁନିକ ମହାକାଶ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଭାରତର ସ୍ଥିତିକୁ ସୁଦୃଢ଼ କରିବ ବୋଲି ସେ କହିଛନ୍ତି । ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍ଡ ଟୁ ବି ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀ, ଗବେଷକ ଏବଂ ଫ୍ୟାକଲ୍ଟିମାନଙ୍କ ସହିତ ଆଲୋଚନା ପରିପ୍ରେକ୍ଷୀରେ ଏହି ସୂଚନା ଦେଇଛନ୍ତି ଇସ୍ରୋର ଅଧ୍ୟକ୍ଷ । ଭାରତର ପ୍ରଥମ ମାନବ ମହାକାଶ ମିଶନ, 'ଗଗନାୟନ' ୨୦୨୭ ମାର୍ଚ୍ଚ ସୁଦ୍ଧା କାର୍ଯ୍ୟକାରୀ ହେବା ନିମନ୍ତେ ପ୍ରଚେଷ୍ଟା ଚାଲିଥିବା ବେଳେ ଏଥି ନିମନ୍ତେ ୪ ଜଣ ଟେଷ୍ଟ ପାଇଲଟଙ୍କୁ ମହାକାଶଚାରୀ ଭାବେ ପ୍ରଶିକ୍ଷଣ ଦିଆଯାଉଥିବା ସେ ପ୍ରକାଶ କରିଛନ୍ତି । ଏହା ପୂର୍ବରୁ ମନୁଷ୍ୟ ନ ଥାଇ ଏହି ପରୀକ୍ଷା କରାଯିବ । ସେହିପରି ୨୦୪୭ ସୁଦ୍ଧା ଭାରତ ବିଶ୍ୱରେ ଏକ ମହାକାଶ ଶକ୍ତି ଭାବେ ନିଜକୁ ପ୍ରସ୍ତୁତ କରିବାର ଲକ୍ଷ୍ୟ ରଖିଛି । ଏପର୍ଯ୍ୟନ୍ତ ଋଷିଆ, ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଚୀନ୍ ହିଁ ମହାକାଶକୁ ମାନବ ପଠାଇବାରେ ସଫଳ ହୋଇପାରିଛନ୍ତି ବୋଲି ସେ କହିଥିଲେ ।





ଜଣେ ରକେଟ ବିଶେଷଜ୍ଞଭାବେ ପରିଚିତ ଡକ୍ଟର ନାରାୟଣନ କହିଥିଲେ ଯେ ଯଦିଓ ଭାରତର ମହାକାଶ ଅଭିଯାନ ୧୯୬୨ରେ ଆରମ୍ଭ ହୋଇଥିଲା ଏହି ଯାତ୍ରା ଖୁବ୍ ଲମ୍ବା ଥିଲା । ଦେଶ ଏବେ ଜଣେ ଭାରତୀୟଙ୍କୁ ନିରାପଦ ଭାବେ ଚନ୍ଦ୍ରକୁ ପଠାଇ ପୁଣି ସଫଳତାର ସହ ଫେରାଇ ଆଣିବା ନିମନ୍ତେ ଲକ୍ଷ୍ୟ ରଖିଛି । ସେ କହିଥିଲେ ୧୯୬୯ ମସିହାରେ ଯେତେବେଳେ ଇସ୍ରୋ ପ୍ରତିଷ୍ଠା ହୋଇଥିଲା ସେତେବେଳକୁ ଯୁକ୍ତରାଷ୍ଟ୍ର ଆମେରିକା ସଫଳତାର ସହ ନିଲ ଆର୍ମଷ୍ଟ୍ରଙ୍ଗଙ୍କୁ ଚନ୍ଦ୍ରକୁ ପଠାଇସାରିଥିଲା । ତେବେ ବିଳମ୍ବରେ ଆରମ୍ଭ ହେବା ସତ୍ତ୍ୱେ ଇସ୍ରୋ ଖୁବ୍ ଦୃଷ୍ଟାନ୍ତମୂଳକ ବିକାଶ କରିପାରିଛି । ୧୯୮୦ ମସିହାରେ ପ୍ରଥମ ଥର ପାଇଁ ଭାରତ ମହାକାଶକୁ ୩୫ କେଜିର ସାଟେଲାଇଟ୍ ପଠାଇବାରେ ସଫଳ ହୋଇପାରିଥିଲା । ପରବର୍ତ୍ତୀ ସମୟରେ ଭାରତ ୬ଟି ପିର ଲଞ୍ଚ ଭେହିକଲ ନିର୍ମାଣ କରିବାକୁ ସକ୍ଷମ ହୋଇଛି । ମାତ୍ର ୨୭ ଦିନ ମଧ୍ୟରେ ଏକ ୪୦ ମହଲା ଉଚ୍ଚର ରକେଟ ପ୍ରସ୍ତୁତ କରିବା ଭାରତ ନିମନ୍ତେ ଏକ ଉଲ୍ଲେଖନୀୟ ସଫଳତା ବୋଲି ସେ କହିଥିଲେ । ଡ. ନାରାୟଣନ୍ କହିଥିଲେ ଯେ ଏପରି ଏକ ସମୟ ଥିଲା ଯେତେବେଳେ କ୍ରାୟୋଜେନିକ ଇଞ୍ଜିନ୍ ର ଜ୍ଞାନକୌଶଳ ନିମନ୍ତେ ଭାରତ ଅନ୍ୟ ଦେଶମାନଙ୍କର ସାହାଯ୍ୟ ଲୋଡ଼ି ଅପଦସ୍ତ ଓ ଅପମାନିତ ହୋଇଥିଲା । ମାତ୍ର ଦେଶ ଏହା ଏବେ ନିଜେ ନିର୍ମାଣ କରିବାକୁ ସକ୍ଷମ ଅଟେ । ଏ ପର୍ଯ୍ୟନ୍ତ ଭାରତ ୩ଟି କ୍ରାୟୋଜେନିକ ଇଞ୍ଜିନ୍ ପ୍ରସ୍ତୁତ କରିସାରିଥିବା ବେଳେ ସେଥିରୁ ୨ଟି ସଂପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ ବୋଲି ସେ କହିଥିଲେ ।

ଭାରତ ପ୍ରଥମ ଦେଶ ଭାବେ ଚନ୍ଦ୍ରର ଦକ୍ଷିଣ ମେରୁରେ ଚନ୍ଦ୍ରାୟାନ୍-୩କୁ ଅବତରଣ କରାଇପାରିବା ସହ ଚନ୍ଦ୍ରପୃଷ୍ଠରେ ଜଳର ସନ୍ଧାନ ପାଇପାରିଥିବା ଏକ ବିରାଟ ସଫଳତା ବୋଲି ପ୍ରକାଶ କରି ସେ ଭାରତ ଗୋଟିଏ ମିଶନ୍‌ରେ ମହାକାଶରେ ୧୦୦ରୁ ଅଧିକ ସାଟେଲାଇଟ୍ ସ୍ଥାପନ କରି ବିଶ୍ୱ ରେକର୍ଡ କରିଥିବା କହିଥିଲେ । ଭାରତ ହେଉଛି ଏକ ମାତ୍ର ଦେଶ ଯିଏକି ପ୍ରଥମ ପ୍ରୟାସରେ ହିଁ ମଙ୍ଗଳ ଗ୍ରହର ଅରବିଟରେ ପହଂଚିବାରେ ସକ୍ଷମ ହୋଇପାରିଛି ବୋଲି ସେ କହିଥିଲେ । ଡକ୍ଟର ନାରାୟଣନ୍ କହିଥିଲେ ଯେ ଚନ୍ଦ୍ରାୟାନ -୪ ଏକ ଜଟିଳ ମିଶନ ଭାବେ ଉଭା ହୋଇପାରେ । କାରଣ ଏହି ମିଶନ ଜରିଆରେ ଚନ୍ଦ୍ରରେ ଥିବା ପଦାର୍ଥକୁ ଆଣିବାର ଯୋଜନା ରଖାଯାଇଛି । ସେହିପରି ଭାରତ ଜାପାନ୍‌ର ସହଭାଗିତାରେ ଚନ୍ଦ୍ରାୟାନ-୫ ଲଂଚ୍ କରିବାର ଯୋଜନା ରଖିଥିବା ସେ କହିଛନ୍ତି । ସୋଆରେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସୋଆର ଅନ୍ତରାଷ୍ଟ୍ରୀୟ ଉପଦେଷ୍ଟା ମଣ୍ଡଳୀର ଅଧ୍ୟକ୍ଷ ତଥା ଆଇଆଇଟି ଖଡ଼ଗପୁରର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଦାମୋଦର ଆଚାର୍ଯ୍ୟ ଉପସ୍ଥିତ ଥିଲେ । ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଡକ୍ଟର ନାରାୟଣନ୍‌ଙ୍କୁ ସ୍ୱାଗତ କରିଥିବା ବେଳେ ଅତିରିକ୍ତ ଡିନ୍ (ଷ୍ଟୁଡେଂଟ ଆଫେୟାର୍ସ) ଆଇଟିଇଆର ପ୍ରଫେସର ରେଣୁ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ ।

# ଯୁକ୍ତ ଦୁଇ ବିଜ୍ଞାନରେ ଆଦର୍ଶ କ୍ଲାସେସର ସଫଳତା

କଟକ, (ସ୍ୱ.ପ୍ର): ଚଳିତ ବର୍ଷ ଯୁକ୍ତଦୁଇ ବିଜ୍ଞାନ ପରୀକ୍ଷାରେ କଟକ କଲେଜ ଛକ ସ୍ଥିତ ଆଦର୍ଶ କ୍ଲାସେସର ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ କୃତକାର୍ଯ୍ୟ ହୋଇ ଶିକ୍ଷାନୁଷ୍ଠାନର ଗୌରବ ବୃଦ୍ଧି କରିଛନ୍ତି । ଆଦର୍ଶ କ୍ଲାସେସର ଛାତ୍ରୀ ତନିସ୍କା ରାଉତ ସର୍ବମୋଟ ୫୭୯ ନମ୍ବର (୯୬.୬%) ରଖି ରେଭେନ୍ସା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ବିଭାଗରେ ଶୀର୍ଷସ୍ଥାନ ଅଧିକାର କରିଥିବା ବେଳେ ସେହି ବିଦ୍ୟାଳୟର ବିଜ୍ଞାନ ବିଭାଗର (୯୦%)ରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କ ତାଲିକାରେ ୧୩ ଜଣ ହେଉଛନ୍ତି ଆଦର୍ଶ କ୍ଲାସେସରେ ପଢୁଥିବା ଛାତ୍ରଛାତ୍ରୀ । ସେମାନେ ହେଲେ, ସୁଜନ ସାଗର ଷଡ଼ଙ୍ଗୀ-୫୭୦, ପ୍ରତୀକ୍ଷା ପଣ୍ଡା-୫୬୩, ଶୁଭ୍ରାଂସୁ ସାହୁ-୫୬୨, ଆର୍ଯ୍ୟମାନ ଦାସ-୫୬୦, ଜ୍ୟୋତିର୍ମୟୀ ପ୍ରିୟଦର୍ଶିନୀ-୫୬୦, ପରମିତା ନାୟକ-୫୫୮, ବର୍ଷା ପ୍ରିୟଦର୍ଶିନୀ ନାୟକ-୫୫୩, ଆଶିଷ ରାମଦତ ରାଉତ-୫୫୦,





ଅମିଷା ବେହେରା-୫୪୦ ଏବଂ ଦିପାଲୀ ସୁବୁଦ୍ଧି-୫୪୦ ନମ୍ବର ରଖି ଶିକ୍ଷାନୁଷ୍ଠାନର ସମ୍ମାନ ବଢାଇଛନ୍ତି । ଏହି ଆଶାତୀତ ସଫଳତା ପାଇଁ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ଦୁଃଶାସନ ସାହୁ (ସିପୁନ ସାର) ଓ ଅନ୍ୟ ଅଧ୍ୟାପକ-ଅଧ୍ୟାପିକାମାନେ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

## ବଣୁଆ ହାତୀଙ୍କ ଉପଦ୍ରବ ବିରିକୋଟରେ ଭାଙ୍ଗିଲେ ଘର

ଭଞ୍ଜନଗର, (ସବ୍ୟୁ): କିଛି ଦିନର ବ୍ୟବଧାନ ପରେ ପୁଣି ମାତିଲେ, ବଣୁଆ ହାତୀ ପଲ । ଗାଁ ମୁହାଁ ହୋଇ, ଗୋଟିଏ ଘର ସମ୍ପୂର୍ଣ୍ଣ ଭାଙ୍ଗିବା ସହ ପାଖ ସ୍କୁଲର ଝରକା ତାଡି ଦେଲେ । ଗଂଜାମ ଜିଲ୍ଲା ଭଂଜନଗର ଉତ୍ତର ଘୁମୁସର ବନଖଣ୍ଡ, ମୁଜାଗଡ ବନାଞ୍ଚଳ ଅନ୍ତର୍ଗତ ବିରିକୋଟ ଗାଁ ନିକଟରେ ଘଟିଛି ଏଭଳି ଘଟଣା । ଏହି ଗାଁ ର ରୀତା ନାୟକଙ୍କ ଘର ଭାଙ୍ଗି ଦେଇଛନ୍ତି ହାତୀପଲ। ଖବର ପାଇ ବନ ବିଭାଗର କିଛି କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚିଥିଲେ । ତଥାପି ଗାଁକୁ ଲାଗିରହିଥିବା ଜଙ୍ଗଲ ନିକଟରେ ରାତି ତମାମ ଛକି ରହିଥିଲେ ହାତୀପଲ। ସଂପୃକ୍ତ ଅଞ୍ଚଳରେ ଏବେ ୨୫ ଟି ହାତୀ ବୁଲୁଥିବା ନେଇ ବନବିଭାଗ ପକ୍ଷରୁ ଜଣା ପଡିଥିବା ବେଳେ ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି ।

### ବନ୍ଧୁକ ମୁକ୍ତ ଓ ଅପରାଧୀଙ୍କୁ ଦମନ ପାଇଁ ସ୍ୱତନ୍ତ୍ର ଡ୍ରାଇଭ

## ପୋଲିସ ଜାଲରେ ପୁଣି ୧୨ ଦୁର୍ଦ୍ଧାନ୍ତ ଅପରାଧୀ, ମାରଣାସ୍ତ୍ର ଜବତ

ବ୍ରହ୍ମପୁର, (ସବ୍ୟୁ): ଗତ ସପ୍ତାହକ ମଧ୍ୟରେ ବ୍ରହ୍ମପୁର ପୋଲିସକୁ ବଡ ସଫଳତା ମିଳିଛି। ବିଭିନ୍ନ ଥାନା ଇଲାକାର ୧୨ ଦୁର୍ଦ୍ଧାନ୍ତ ଅପରାଧୀଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ଠାରୁ ୬ ଟି ବନ୍ଧୁକ , ୧୨ ଗୁଳି, ଖଣ୍ଡା ଜବତ ହୋଇଛି । ଅପରାଧୀଙ୍କୁ ଦମନ ଓ ବନ୍ଧକ ମୁକ୍ତ ଉଦ୍ଦେଶ୍ୟରେ ଗଞ୍ଜାମ ଏସ୍‌ପି. ଡା. ସର୍ଣା ବିବେକ ଏମ.ଙ୍କ ନେତୃତ୍ୱରେ ଗଠନ ହୋଇଥିବା ସ୍ୱତନ୍ତ୍ର ପୋଲିସ ଟିମ୍ ପକ୍ଷରୁ ବିଭିନ୍ନ ଥାନା ଅଂଚଳରେ ଅପରେସନ୍ ଜୋରଦାର ରହିଛି । ବନ୍ଧୁକ ଓ ଗୁଳି ଜବତ କରି ଏହି ସ୍ୱତନ୍ତ୍ର ପୁଲିସ ଟିମ୍ ଏକ ବଡ ସଫଳତା ହାସଲ କରିଥିବା ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜି ନୀତି ଶେଖର ଏକ ସାମ୍ବାଦିକ ସମ୍ମିଳନୀରେ ଗୁରୁବାର ସୂଚନା ଦେଇଛନ୍ତି । ଆଜି ବ୍ରହ୍ମପୁର ପୋଲିସ ଜିଲ୍ଲା ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦକ୍ଷିଣାଂଚଳ ଆଇଜି ଶେଖର ଗିରଫ ହୋଇଥିବା ଅପରାଧୀମାନେ ବିଭିନ୍ନ ଥାନା ଗୁଡିକରେ ଏକାଧିକ ଅପରାଧ ମାମଲାରେ ଜଡିତ ରହିଛନ୍ତି ଓ ସେମାନଙ୍କ ଠାରୁ ଜବତ ହୋଇଥିବା ବନ୍ଧୁକ ଗୁଳି ଗୁଡିକର ଡିଜାଇନ୍ ବିହାର ମୁଙ୍ଗେରରୁ ପ୍ରସ୍ତୁତ ହେଉଥିବା ବନ୍ଧୁକ ଡିଜାଇନ୍ ଭଳି ରହିଛି ବୋଲି କହିଛନ୍ତି । ଆଗରୁ ଏବଂ ଏବେ ଗିରଫ ହୋଇଥିବା ଅପରାଧୀମାନଙ୍କ ସହିତ ବାହାର ରାଜ୍ୟର ଅପରାଧୀଙ୍କ ଲିଙ୍କ ନେଇ ଆଉ ଏକ ପୋଲିସ ଟିମ୍ ଖୋଳତାଡ କରୁଛି । ଏଥିରେ ସୁରାଗ ମିଳିବା ମାତ୍ରେ ଆଗାମୀ ଦିନରେ ସୂଚନା ଦିଆଯିବ । ସେହିପରି ବ୍ରହ୍ମପୁର ପୋଲିସ ଜିଲ୍ଲାରେ ବନ୍ଧୁକ ମୁକ୍ତ ତଥା ଅପରାଧୀଙ୍କ ଦମନ ଉଦ୍ଦେଶ୍ୟରେ ଗଞ୍ଜାମ ଏସ୍‌ପିଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ପୁଲିସ ଟିକ୍ ଅପରେସନ୍ ଅଭିଯାନ ଜାରି ରହିବ। ଖୁବ୍ ଶୀଘ୍ର ଉକ୍ତ ଅପରାଧୀମାନଙ୍କୁ ଧରାଯିବ ବୋଲି ବୋଲି ଦକ୍ଷିଣାଂଚଳ ଆଇଜି କହିଛନ୍ତି ।

ସୂଚନାନୁସାରେ ବ୍ରହ୍ମପୁର ପୋଲିସର ବଡବଜାର, ସଦର, ନିମଖଣ୍ଡି ଓ ଦିଗପହଣ୍ଡି ଥାନା ଅଂଚଳରୁ ୧୨ ଜଣ ଅପରାଧୀଙ୍କୁ ଗିରଫ କରାଯାଇଛି । ସେମାନଙ୍କ ଠାରୁ ୬ ବନ୍ଧୁକ ଓ ୧୨ଟି ଗୁଳି ଜବତ ହୋଇଛି । ବଡବ୍ଜାର ଥାନା ପକ୍ଷରୁ ଗିରଫ ଅଭିଯୁକ୍ତ ମାନେ ହେଲେ ଶ୍ରୀରାମନଗରର ଭାଲୁ ସାମଲ( ୪୬), ଲିଙ୍ଗରାଜ ସାମଲ(୨୨), ଶଙ୍କରପୁର ସାହିର ସତ୍ୟନାରାୟଣ ଦାସ(୨୧( ଓ ରାମକୃଷ୍ଣ ନଗରର କେ. ପ୍ରସାଦ ରାଓ(୨୯) । ସେହିପରି ସଦର ଥାନା ଅନ୍ତର୍ଗତ ଲାଞ୍ଜିଆର ମଣ୍ଟୁ ଗୌଡ଼(୨୧), ସୁକୁଣ୍ଡା ଗ୍ରାମର ରାକେଶ ପାଢ଼ୀ(୨୫), ବେନ୍ଦାଳିଆ ଗ୍ରାମର ପାର୍ଥ ଦାସ(୨୨)ଓ ଲାଞ୍ଜିଆର ରଞ୍ଜନ ନାୟକ(୨୬)ଛ ସେହିପରି ନିମଖଣ୍ଡି ଥାନା ଅନ୍ତର୍ଗତ ଖାରବେଳ ନଗରର ଅଶୋକ କୁମାର ପାଣିଗ୍ରାହୀ(୩୦), ନିମଖଣ୍ଡିର ଟୁନା ନାୟକ(୨୮) ଓ ଲକ୍ଷ୍ମୀନୃଶିଙ୍ଗ ସାହିର ସଂଗ୍ରାମ ପାଣିଗ୍ରାହୀ (୨୭) । ସେହିପରି ଦିଗପହଣ୍ଡି ଥାନା



ଅନ୍ତର୍ଗତ ପଦ୍ମନାଭାପୁରର ଅଜିତ ସେଠୀ (୨୬)। ବଡବଜାର ପୋଲିସ ପକ୍ଷରୁ ଦୁଇଟି ବନ୍ଧୁକ, ୪ଗୋଟି ଜୀବନ୍ତ ଗୁଳି, ଗୋଟିଏ ଖଣ୍ଡା ଓ ଗୋଟିଏ ଲୁହା ଛଡ଼ ଜବତ ହୋଇଛି। ସେହିପରି ସଦର ପୋଲିସ ପକ୍ଷରୁ ଗୋଟିଏ ବନ୍ଧୁକ, ୩ଟି ଗୁଳି, ଓ ଗୋଟିଏ ଖଣ୍ଡା ଜବତ ହୋଇଛି। ସେହିପରି ନିମଖଣ୍ଡି ଥାନା ପକ୍ଷରୁ ଦୁଇଟି ବନ୍ଧୁକ, ୪ଗୋଟି ଗୁଳି ଜବତ ହୋଇଛି। ସେହିପରି ଦିଗପହଣ୍ଡି ପୋଲିସ ପକ୍ଷରୁ ଗୋଟିଏ ବନ୍ଧୁକ, ଓ ଗୋଟିଏ ଗୁଳି ଜବତ ହୋଇଛି। ପୋଲିସ ଏହି ଅପରେସନରେ ୬ଟି ମୋବାଇଲ ମଧ୍ୟ ଜବତ କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଆଇଜିଙ୍କ ସହ ବ୍ରହ୍ମପୁର ଏସପି ଡା. ସର୍ଣାବିବେକ ଏମ. ଉପସ୍ଥିତ ଥିଲେ। ସେହିପରି ଅନ୍ୟ ବରିଷ୍ଠ ଅଧିକାରୀ, ଥାନାଧିକାରୀ ଓ ସେମାନଙ୍କ ଟିମ ପ୍ରମୁଖ ଉପସ୍ଥିତ ଥିଲେ ।

### ଓଡିଶା ଯାତ୍ରୀ ଚାଳକଙ୍କ ରୋଜଗାର ୨କୋଟିରୁ ଅଧିକ

## ଯାତ୍ରୀ ଆପ୍‌ରେ ଯୋଡ଼ି ହେବ ଆମ୍ବୁଲାନ୍ସ ସେବା

ଭୁବନେଶ୍ୱର(ସବ୍ୟୁ): ରାଜ୍ୟ ପରିବହନ ବିଭାଗ ଆରମ୍ଭ କରିଥିବା ଓଡ଼ିଶା ଯାତ୍ରୀ ଏବେ ଚାଳକଙ୍କୁ ଭଲ ରୋଜଗାର ଦେଇଛି । ପାଞ୍ଚମାସ ମଧ୍ୟରେ ୧୦ହଜାରରୁ ଅଧିକ ଡ୍ରାଇଭର ୨କୋଟି ଟଙ୍କାରୁ ଅଧିକ ଆୟ କରିସାରିଲେଣି । ଏହି ସରକାରୀ କ୍ୟାବ୍ ବ୍ୟବସ୍ଥାରେ କମିଶନିଂ ନଥିବାରୁ ଅଧିକରୁ ଅଧିକ ଚାଳକ ଏଥିପ୍ରତି ଆକୃଷ୍ଟ ହେଉଛନ୍ତି । ବର୍ତ୍ତମାନ ସୁଦ୍ଧା ୧୦ହଜାର ଚାଳକ ଏଥିରେ ନିଜକୁ ପଞ୍ଜିକୃତ କରିସାରିଲେଣି । ଇତି ମଧ୍ୟରେ ଏହା ୨ ଲକ୍ଷ ଟ୍ରିପ୍ ମାର୍କ ଅତିକ୍ରମ କରିଛି ବୋଲି ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ କହିଛନ୍ତି ।




ସରକାରୀ କ୍ୟାବ୍ ବ୍ୟବସ୍ଥା ଅତ୍ୟନ୍ତ ସୁରକ୍ଷିତ ହୋଇଥିବାରୁ ଲୋକମାନେ ଏଥିପ୍ରତି ଆସ୍ଥା ପ୍ରକଟ କରୁଛନ୍ତି । ବର୍ତ୍ତମାନ ସୁଦ୍ଧା ଭୁବନେଶ୍ୱର ଓ କଟକରେ ଏକ ଲକ୍ଷ ୬୧ହଜାର ଲୋକ ଭଡା ସମ୍ପୂର୍ଣ୍ଣ ହୋଇ ସାରିଲାଣି । ଏଥିରେ ସର୍ବାଧିକ ଟ୍ରିପ୍ ରହିଛି ରାଜଧାନୀରେ । ସାଢେ ୧୦ଲକ୍ଷରୁ ଅଧିକ ଲୋକେ ଏହି ଆପରେ ସର୍ଚ୍ଚ କରିଥିବା ଜଣାଯାଇଛି । ରାଜଧାନୀରେ ଗାଡିଚାଳକମାନେ ଏହି କ୍ୟାବ୍ ବ୍ୟବସ୍ଥାରେ ୨କୋଟି ୫ଲକ୍ଷ ଟଙ୍କା ଆୟ କରିଥିବାବେଳେ କଟକରେ ୫ଲକ୍ଷ ୯୦ହଜାର ଟଙ୍କା ଆୟ କରିଛନ୍ତି । ଏ ବାବଦରେ ସେମାନଙ୍କୁ କୌଣସି ଅର୍ଥ କମିଶନ ବାବଦରେ ଦେବାକୁ ପଡୁନାହିଁ ।

ଓଡିଶା ଯାତ୍ରୀ ଉପରେ ପୁଲିସ୍ ନଜର ରଖିଥିବାରୁ ଏହା ଅତ୍ୟନ୍ତ ସୁରକ୍ଷିତ ବୋଲି କୁହାଯାଉଛି । ଯଦି କୌଣସି ବ୍ୟକ୍ତି ଅସୁବିଧାରେ ପଡନ୍ତି ତେବେ ତୁରନ୍ତ ପୁଲିସକୁ ଜଣାଇଲେ ଉଭୟ ପୁଲିସ୍ ଓ ପରିବହନ ବିଭାଗ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବେ । ଏଥିଯୋଗୁଁ ଅନ୍ୟ କ୍ୟାବ୍ ଚାଳକମାନେ ଯେଭଳି ଯାତ୍ରୀମାନଙ୍କ ବୁକିଂକୁ ବାରମ୍ବାର ବାତିଲ କରିବା ସହିତ ବିଳମ୍ବିତ ରାତିରେ ନଗଦ ଆକାରରେ ଅଧିକ ଅର୍ଥ ଦାବି କରୁଛନ୍ତି, ତାହା ଓଡିଶା ଯାତ୍ରୀରେ ପରିଲକ୍ଷିତ ହେଉନାହିଁ । ପରିବହନ ବିଭାଗ ଇତି ମଧ୍ୟରେ ଓଡିଶା ଯାତ୍ରୀ ସହିତ ଘରୋଇ ଆମ୍ବୁଲାନ୍ସକୁ ଯୋଡିବା ପାଇଁ ଯାଉଛି । ଏହାଦ୍ୱାରା ଓଡିଶା ଯାତ୍ରୀର କଳେବର ବୃଦ୍ଧି ପାଇବା ସହିତ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଶୋଷଣରୁ ମୁକୁଳିପାରିବେ ।

## କଂଗ୍ରେସର ମୟୂରଭଞ୍ଜ ଜିଲ୍ଲା ପଞ୍ଚାୟତ ପରିଷଦ ସଭାପତି ଭାବେ ଇଂ ଶିବାନନ୍ଦ ଦାସ ନିଯୁକ୍ତି

ବାରିପଦା, (ସବ୍ୟୁ) : ଅଖିଳ ଭାରତ କଂଗ୍ରେସ ପଂଚାୟତ ପରିଷଦର ସଭାପତି ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ସୁବୋଧ କାନ୍ତ ସହାୟଙ୍କ ନିଷ୍ପତି କ୍ରମେ ପୂର୍ବତନ ବିଧାୟକ ତଥା ରାଜ୍ୟ ପଞ୍ଚାୟତ ପରିଷଦ ସଭାପତି ଅକ୍ଷୟ କୁମାର ଆଚାର୍ଯ୍ୟଙ୍କ ଅନୁମୋଦନ କ୍ରମେ ଇଂ ଶିବାନନ୍ଦ ଦାସ ମୟୂରଭଞ୍ଜ ଜିଲ୍ଲା ପଂଚାୟତ ପରିଷଦ ସଭାପତି ଭାବେ ନିଯୁକ୍ତି ପାଇଛନ୍ତି । ଆଗାମୀ ଦିନରେ ମହାତ୍ମା ଗାନ୍ଧୀ, ପଣ୍ଡିତ ଜବାହାରଲାଲ ନେହେରୁ, ସ୍ୱର୍ଗତା ଇନ୍ଦିରା ଗାନ୍ଧୀ, ତଥା ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଆଦର୍ଶକୁ ପାଥେୟ କରି ବୁଥ ତଥା ପଂଚାୟତ ସ୍ତରରୁ ସମାଜର ଅବହେଳିତ ନିଷ୍ପେସିତ, ତଥା ଅନଗ୍ରସର ଲୋକଙ୍କୁ ମୁଖ୍ୟସ୍ରୋତରେ ସାମିଲ କରାଯିବା ସହ କଂଗ୍ରେସ ଦଳକୁ ମଜବୁତ କରାଯିବ ବୋଲି ଶ୍ରୀ ଦାସ ସୂଚନା ଦେଇଛନ୍ତି । ଉକ୍ତ ନିଯୁକ୍ତିରେ ଇଂ ଦାସ ପିସିସି ସଭାପତି ଭକ୍ତ ଚରଣ ଦାସ, ରାଜ୍ୟ ପଂଚାୟତ ପରିଷଦ ସଭାପତି ଅକ୍ଷୟ ଆଚାର୍ଯ୍ୟ, ଜିଲ୍ଲା ସଂଯୋଜିକା ତଥା ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ, ପୂର୍ବତନ ଜିଲ୍ଲା ସଭାପତି ହେମନ୍ତ ଦାସ, ନିରୋଜ ଲୋଚନ ଦାସ, ପୂର୍ବତନ ଅଖିଳ ଭାରତ ଆଦିବାସୀ ସେଲ ଉପାଧ୍ୟକ୍ଷ ଶ୍ୟାମ ସୁନ୍ଦର ହାଁସଦାଃ, ବରିଷ୍ଠ ଆଇନଜୀବି ବିଜନ ଦାସ, ପୂର୍ବତନ ଜିଲ୍ଲା ଉପସଭାପତି ଅରବିନ୍ଦ ଦାସ, ପିସିସି ସଭ୍ୟ ଯୋଗେଶ ଅଗ୍ରୱାଲ, ପୂର୍ବତନ ରାଜ୍ୟ ସମ୍ପାଦକ ଅଜୟ ମହାପାତ୍ର, ପୂର୍ବତନ ଆଇନ ସେଲ ଅଧ୍ୟକ୍ଷ ଜ୍ୟୋତି ପ୍ରକାଶ ରଥ, ପୂର୍ବତନ ଜିଲ୍ଲା ଏସ୍‌ଟି ସେଲ ସଭାପତି ଚୈତନ ହାଁସଦାଃ, ପୂର୍ବତନ ଉପସଭାପତି ଅଶୋକ ଅଧିକାରୀ, ବରିଷ୍ଠ କଂଗ୍ରେସ ନେତା, ପ୍ରଦୀପ ମିଶ୍ର, ଦୀପକ ଦାସ, ଅଶୋକ ଗିରି, ମୀନକେତନ ବେହେରା ପ୍ରମୁଖଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଉକ୍ତ ନିଯୁକ୍ତିକୁ ପୂର୍ବତନ ମହିଳା ସଭାପତି ସୁସ୍ମିତା ଘୋଷଲ, ପୂର୍ବତନ ଜିଲ୍ଲା ଛାତ୍ର ସଭାପତି ମୋତି ପ୍ରକାଶ ଦାସ, କୃଷକ ସେଲ ସଭାପତି ଦୀପକ ଦାଶ, ପୂର୍ବତନ ଓବିସି ସେଲ ସଭାପତି ଦିଲ୍ଲୀପ ନାୟକ ଓ ଶେଖ ମୁସ୍ତଫା ପ୍ରମୁଖ ସ୍ୱାଗତ କରିଛନ୍ତି ।

### ଜଳିଗଲା ଦୋକାନ

## ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ନଷ୍ଟ

ବାରିପଦା, (ସବ୍ୟୁ) : ବାରିପଦା ସହର ମୁଖ୍ୟ ବଜାର ଏମପିକେ ବାଳିକା ବିଦ୍ୟାଳୟ ସମ୍ମୁଖରେ ଗୁରୁବାର ସକାଳ ସମୟରେ ଏକ ଇଲେକ୍ଟ୍ରୋନିକ ଦୋକାନରେ କୌଣସି କାରଣ ବଶତଃ ନିଆଁ ଲାଗିବାରୁ ଦୋକାନଟି ସମ୍ପୂର୍ଣ୍ଣ ଜଳିଯିବା ସହ ଦୋକାନ ପାଶର୍ବରେ ଥିବା ଏକ ଛୋଟ ଦୋକାନର ମଧ୍ୟ ଆଂଶିକ କ୍ଷୟକ୍ଷତି ହୋଇଛି। ଘଟଣାରୁ ପ୍ରକାଶ ଯେ, ଗୁରୁବାର ସକାଳ ୬ଟା ସମୟରେ ବାରିପଦା ମୁଖ୍ୟବଜାର ସ୍ଥିତ କେ.କେ ଏଣ୍ଟର ପ୍ରାଇଭେଟ୍ ନାମକ ଦୋକାନରେ କୌଣସି କାରଣ ବଶତଃ ସର୍ଟ ସର୍କଟ ହେତୁ ଦୋକାନରେ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଲୋକେ ଦୋକାନରୁ ଧୂଆଁ ବାହାରୁ ଥିବାର ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ନିଆଁର ଭୟାବହ ଏତେ ଥିଲା ଯେ, ଅଗ୍ନିଶମ କର୍ମଚାରୀ ନିଆକୁ ଆୟତ୍ତ କରିପାରି ନଥିଲେ। ନିଆଁ ଲିଭାଇବା ପାଇଁ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ।

ଦୋକାନ ପାଶର୍ବରେ ଥିବା ଏକ ଛୋଟ ଦୋକାନ ଓ ଏକ ଡ୍ରେସ୍ ଦୋକାନରେ ମଧ୍ୟ ଆଂଶିକ ନିଆଁ ଲାଗିଥିବା ଜଣାପଡିଛି। ତେବେ ମାଲିକଙ୍କ ପ୍ରତିକ୍ରିୟା ନେବାରୁ ସେ ପ୍ରକାଶ କରିଥିଲେ ପ୍ରାୟ ୫୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାରେ ଇଲେକ୍ଟ୍ରୋନିକ ସାମଗ୍ରୀର କ୍ଷତି ହୋଇଛି। ଦୋକାନ ଭିତରେ ଥିବା ସମସ୍ତ ଇଲେକ୍ଟ୍ରୋନିକ ସାମଗ୍ରୀ ଗୁଡିକ ସମ୍ପୂର୍ଣ୍ଣ ଭାବେ ଜଳିପୋଡ଼ି ପାଉଁଶ ହୋଇଯାଇଛି।

## ଯୁକ୍ତ୨ରେ ପିଜେ ଶିକ୍ଷାନୁଷ୍ଠାନର ସଫଳତା

ଭୁବନେଶ୍ୱର, (ସବ୍ୟୁ): ପଞ୍ଚାନନ ଜେନା ମେମୋରିଆଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ ପଞ୍ଚାନନ ଜେନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉଭୟ ବିଜ୍ଞାନ ଓ କଳା ବିଭାଗରେ ଅଭୂତପୂର୍ବ ସଫଳତା ପାଇଛନ୍ତି । ବିଜ୍ଞାନରେ ୭୫ ପ୍ରତିଶତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଅବଶିଷ୍ଟ ଛାତ୍ରଛାତ୍ରୀମାନେ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ବିକ୍ରମ ଓରାମ ଏବଂ ଆୟୁଷ୍ମତୀ ସାହୁ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ବେଳେ ଈଶାନ୍ କୁମାର ନାଏକ ଓ ରେବତୀ ଦଣ୍ଡସେନା ୮୯ ପ୍ରତିଶତ ରଖିଛନ୍ତି । କଳା ବିଭାଗର ଛାତ୍ରଛାତ୍ରୀମାନେ ମଧ୍ୟ



ଭଲ ପ୍ରଦର୍ଶନ କରିଛନ୍ତି । ଏହି ସଫଳତା ପାଇଁ ଅନୁଷ୍ଠାନର ଚେୟାରମ୍ୟାନ୍ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଜେନା ଓ ଭାଇସ୍ ଚେୟାରମ୍ୟାନ୍ ଶ୍ରୀଯୁକ୍ତ ପ୍ରମୋଦ ଜେନା, ସମସ୍ତ କୃତୀ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

ଏହି ଅବସରରେ ଉଭୟ ଚେୟାରମ୍ୟାନ୍ ଓ ଭାଇସ୍ ଚେୟାରମ୍ୟାନ୍, ପିଜେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନିର୍ଦ୍ଦେଶକ, ଡ଼ଃ ରାଜୀବ କୁମାର ପଣ୍ଡା, ଓ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କୁ ସାଧୁବାଦ ଦେବା ସହିତ ଭୂୟସୀ ପ୍ରଶଂସା କରିଛନ୍ତି ଏବଂ ଆଗାମୀ ବର୍ଷମାନଙ୍କରେ ଆହୁରି ଅଧିକ ସଫଳତା ପାଇଁ ପ୍ରେରିତ କରିଛନ୍ତି ।

ପିଜେ ଶିକ୍ଷାନୁଷ୍ଠାନ ସମୂହର ନିର୍ଦ୍ଦେଶକ ଲକ୍ଷ୍ମୀଧର ବିଶ୍ୱାଳ, ଅଧ୍ୟକ୍ଷ ସଞ୍ଜୟ କୁମାର ଦାସ, ଉପାଧ୍ୟକ୍ଷ ଆଶିଷ କୁମାର ବେଉରିଆ ଓ ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କ ଉପସ୍ଥିତିରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଅଛି ।

## ମାଟ୍ରିକ ପରୀକ୍ଷାର ମେଧାବୀ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ

ବୁଗୁଡ଼ା, (ସବ୍ୟୁ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଉତ୍କଳ ଛାତ୍ର ସଂଘ ପକ୍ଷରୁ ମେଧାବୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ଛାତ୍ର ସଂଘ ବୁଗୁଡ଼ା ବ୍ଲକ୍ ସଭାପତି ରଜତ କୁମାର ପୃଷ୍ଟିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭାରତୀୟ ଷ୍ଟେଟ ବ୍ୟାଙ୍କ ବୁଗୁଡ଼ା ଶାଖା ପରିଚାଳକ ଗଣେଶ ପ୍ରସାଦ ପଣ୍ଡା , ମୁଖ୍ୟବକ୍ତା ଭାବେ ଶିକ୍ଷକ ଜୟନ୍ତ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଗୋପାଳ କୃଷ୍ଣ ଜେନା, ସୁନିଲ କୁମାର ପଣ୍ଡା ଓ ସୌଭାଗ୍ୟ ମହାନ୍ତି ପ୍ରମୁଖ ଯୋଗଦେଇ ମେଧାବୀ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲେ।

ଏ ଅବସରରେ ମ୍ୟାଟ୍ରିକ ପରୀକ୍ଷା–୨୦୨୫ର ବୁଗୁଡା ବ୍ଲକ ଟପ୍ପର ହୋଇଥିବା ବିରଞ୍ଚିପୁର ଶ୍ରୀ ରାଧାକୃଷ୍ଣ ହାଇସ୍କୁଲର ଛାତ୍ରୀ ପୁନମ୍ ପ୍ରଧାନ ଏବଂ ତାଳସାକର ହାଇସ୍କୁଲ ଟପ୍ପର ବିଭୁ ପ୍ରଧାନ ଓ ଖୋଳଖାଳି ହାଇସ୍କୁଲ ଟପ୍ପର ଲୋପାମୁଦ୍ରା ସାହାଣିଙ୍କ ସମେତ ଅନ୍ୟାନ୍ୟ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଆୟୋଜକ ଛାତ୍ର ସଂଘ ସମ୍ପାଦକ ରାକେଶ ଜେନା ପରିଚାଳନା କରିଥିଲେ।

## ଡ୍ରିମ୍‌ସ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶତପ୍ରତିଶତ ସଫଳତା



କଟକ, (ସବ୍ୟୁ): ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପ୍ରକାଶିତ ଯୁକ୍ତ ୨ ବିଜ୍ଞାନ ଫଳାଫଳରେ ଡ୍ରିମ୍‌ସ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶତପ୍ରତିଶତ ସଫଳତା ହାସଲ କରିଛି। ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୯୧% ପ୍ରଥମ ଶ୍ରେଣୀରେ ଓ ୯% ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଛାତ୍ରୀ ଜ୍ୟୋତିଶ୍ରୀ ଲେଙ୍କା ୯୧% ( ୫୪୭) ନମ୍ବର ରଖି ବିଦ୍ୟାଳୟ ଟପର ହୋଇଛନ୍ତି । ନିଟ୍ ପରୀକ୍ଷାରେ ଭଲ ର୍ୟାଙ୍କ ପାଇ ମେଡିକାଲ ପଢିବାର ଲକ୍ଷ୍ୟ ରଖିଥିବା ଜ୍ୟୋତିଶ୍ରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।

ଶତପ୍ରତିଶତ ସଫଳତା ହାସଲ କରିଥିବାରୁ ଡ୍ରିମ୍‌ସର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ ଓ ନିର୍ଦ୍ଦେଶିକା ଚିନ୍ମୟୀ ରଥ ପ୍ରମୁଖ କୃତକାର୍ଯ୍ୟ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଶିକ୍ଷାଦାନ କ୍ଷେତ୍ରରେ ନିରନ୍ତର ପ୍ରଚେଷ୍ଟା ପାଇଁ ବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକାଙ୍କୁ ସାଧୁବାଦ ଜ୍ଞାପନ କରିଛନ୍ତି ।

## ରାଜୀବ ଗାନ୍ଧୀଙ୍କ ୩୪ତମ ଶ୍ରାଦ୍ଧବାର୍ଷିକୀରେ ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ରକ୍ତଦାନ ଶିବିର

ବାରିପଦା, (ସବ୍ୟୁ) : ସ୍ୱର୍ଗୀୟ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୩୪ତମ ଶ୍ରାଦ୍ଧବାର୍ଷିକି ଉପଲକ୍ଷେ ସର୍ବଭାରତୀୟ ଯୁବ କଂଗ୍ରେସର ନିର୍ଦ୍ଦେଶକ୍ରମେ ରାଜ୍ୟ ଯୁବ କଂଗ୍ରେସ ସଭାପତି ରଂଜିତ ପାତ୍ରଙ୍କ ଆହ୍ୱାନରେ ମୟୂରଭଞ୍ଜ ଜିଲ୍ଲା ଯୁବ କଂଗ୍ରେସ ତରଫରୁ ଯୁବ କଂଗ୍ରେସ ସଭାପତି ସରୋଜ ନାଏକଙ୍କ ନେତୃତ୍ୱରେ ବାରିପଦା ଷ୍ଟାଡିୟମ କନଫାରେନ୍ସ ହଲଠାରେ ମୟୂରଭଞ୍ଜ ଜିଲ୍ଲା ଯୁବ କଂଗ୍ରେସ ତରଫରୁ ରକ୍ତଦାନ ଶିବିର ଆୟୋଜିତ ହୋଇଛି । ଉକ୍ତ କାର୍ଯ୍ୟକ୍ରମକୁ ବରିଷ୍ଠ କଂଗ୍ରେସ ନେତା ପ୍ରଭାସ କର ମହାପାତ୍ର ଆନୁଷ୍ଠାନିକ ଭାବରେ ଉଦ୍ଘାଟନ କରିଥିବା ବେଳେ କାର୍ଯ୍ୟକ୍ରମକୁ ବାରିପଦା



ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପ୍ରାର୍ଥୀ ପ୍ରମୋଦ ହେମ୍ବ୍ରମ ସହଯୋଗ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ, ପୂର୍ବତନ ସିଡବ୍ଲ୍ୟୁସି ସଦସ୍ୟ ତଥା ପୂର୍ବତନ ସାଂସଦ ଶୁଶିଳା ତିରିଆ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ହେମନ୍ତ ଦାସ ଓ ନିରୋଜ ଲୋଚନ ଦାସ ଏବଂ ବରିଷ୍ଠ କଂଗ୍ରେସ ନେତା ପ୍ରଦୀନ କୁମାର ମିଶ୍ର, ଅଶୋକ ଅଧିକାରୀ, ବିଜୟ କୁମାର ସିଂ, ଜ୍ୟୋତିପ୍ରକାଶ ରଥ, ଶାନ୍ତନୁ ପାଲ ଓ ଚୈତନ୍ୟ ହାଁସଦାଃ ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପୂର୍ବତନ ଏସ୍‌ସି ସେଲ ଅଧ୍ୟକ୍ଷ ଶୋଭାକର ମୁଖି, ବ୍ଲକ କଂଗ୍ରେସ ସଭାପତି ଧୃବେନ୍ଦ୍ର ନାଥ ସି, ରାଜେଶ ପଢିଆରୀ, ଯୁବନେତା ଏମ୍‌ଡି ନାଜିର ଉଲହକ, ମୋହନ ଦାସ, ଅଶୋକ ପଟ୍ଟନାୟକ, ସନାତନ ଦେ, ନିରଂଜନ ଦାସ, ମୋହନ ଦାସ, ଅଜିତ ବେହେରା, ଶୁଭ କୁମାର ମହାନ୍ତ, ବିକ୍ରମ ବର୍ମା, ଅମରଜିତ ବାରିକ ଓ କାର୍ତ୍ତିକ ଦାସ ପ୍ରମୁଖ ସହଯୋଗ କରିଥିଲେ । ଉକ୍ତ ଶିବିରରେ ୫୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି ।


# NOTICE

GOVERNMENT OF INDIA
MINISTRY OF ENVIRONMENT, FOREST AND CLIMATE CHANGE
REGIONAL OFFICE, BHUBANESWAR, ODISHA

**Online Proposal No.: FP/OR/Pipeline/463506/2024** **Date : 28.02.2025**

**To,**
**The Addl. Chief Secretary,**
**Forest, Environment & CC Deptt.,**
**Government of Odisha,**
**Bhubaneswar – 751 001**

**Subject: Diversion of 0.144 ha of forest land (0.026 ha in Bonai Forest Division + 0.118 ha in Rourkela Forest Division) in RoW of PWD Road for construction of Water Pipeline Project which includes Water Intake Well, Underground Water Pipeline with OFC Duct from Kurarhi River in village Badarama to existing Kamanda Steel Plant under Koira Tahasil, Dist-Sundargarh by M/s Rungta Mines Ltd.**

Sir/Madam,

I am directed to refer to State Govt. letter No.FE-DIV-FLD-0006-2025-1858/FE&CC dated 18.01.2025, PCCF & HoFF, Odisha's letter No.4107/9F(Pipeline)-62/2024 dated 19.02.2025 and Online Proposal No.FP/OR/Pipeline/463506/2024 on the above mentioned subject seeking prior approval of the Ministry of Environment, Forest & Climate Change under Section 2 of Van (Sanrakshan Evam Samvardhan) Adhiniyam, 1980.

2. After due consideration of the proposal of the State Government, the Ministry of Environment, Forest & Climate Change hereby conveys ***'Stage-I/in-principle'*** approval for diversion of 0.144 ha of forest land (0.026 ha in Bonai Forest Division + 0.118 ha in Rourkela Forest Division) in RoW of PWD Road for construction of Water Pipeline Project which includes Water Intake Well, Underground Water Pipeline with OFC Duct from Kurarhi River in village Badarama to existing Kamanda Steel Plant under Koira Tahasil, Dist-Sundargarh by M/s Rungta Mines Ltd., subject to the fulfillment of the following conditions.

**1. General Conditions**

| S. No. | Conditions |
|---|---|
| 1.1 | The legal status of forest land proposed for diversion shall remain unchanged. |
| 1.2 | The user agency shall transfer online, the Net Present Value (NPV) of 0.144 ha forest land being diverted under this proposal, as per the Orders of Hon'ble Supreme Court of India dated 28.03.2008, 24.04.2008 and 09.05.2008 in Writ Petition (Civil) No.202/1995 and the guidelines issued by this Ministry vide its letter No.5-3/2011-FC (Vol-I) dated 06.01.2022, and 22.03.2022. The requisite funds shall be transferred through online portal in CAMPA account of the State concerned. |
| 1.3 | The user agency shall transfer the cost of plantation of 100 nos. of plants (including 10 years maintenance) at the current wage rate in consultation with State Forest Department in the account of CAMPA of the concerned State through online portal. The Scheme may include appropriate provision for anticipated cost increase for works scheduled for subsequent years. The State Govt. shall inform the site of the plantation. |
| 1.4 | The State Govt. shall revisit the SSWLCP prepared as per the Stage-II/Final approval given for diversion of 3.93 ha of forest land pertaining to expansion of the project within Kamanda Steel Plant in Bonai Forest Division including the impact area because of water pipeline. The State Govt. shall realize the difference amount, if any from the user agency. |
| 1.5 | At the time of payment of Net Present Value (NPV) at the then prevailing rate, the user agency shall furnish an undertaking to pay the additional amount of NPV, if so determined, as per the final decision of the Hon'ble Supreme Court of India. |
| 1.6 | The KML files of the area to be diverted shall be uploaded on the e-Green watch portal with all requisite details before submitting compliance report for seeking Stage-II approval. |
| 1.7 | All the funds received from the user agency under the project shall be transferred/ deposited in CAMPA account only through e-portal **(https://parivesh.nic.in/).** Amount deposited through other mode will not be accepted as compliance of the Stage-I clearance. |
| 1.8 | The compliance report of the Stage-I approval shall be uploaded on e-portal **(https://parivesh.nic.in/)**. |
| 1.9 | The complete compliance of the FRA, 2006 shall be ensured by way of prescribed certificate from the concerned District Collector. |
| 1.10 | The boundary of the proposed forest land for diversion, shall be demarcated on ground at the project cost, by erecting four feet high reinforced cement concrete pillars, each inscribed with its serial number, distance from pillar to pillar and GPS co-ordinates. |
| 1.11 | The user agency shall obtain Environment Clearance as per the provisions of the Environmental (Protection) Act, 1986, if applicable. |
| 1.12 | The pipeline shall be laid down 1.2 meter below the ground level and RoW width shall be 1.00 meter in forest area as proposed by the State Govt. and after laying down of pipe line, the ground will be leveled simultaneously. |
| 1.13 | No labour camp shall be established on the forest land and the user agency shall provide fuels preferably alternate fuels to the labourers and the staff working at the site so as to avoid any damage and pressure on the nearby forest areas. |
| 1.14 | No additional or new path will be constructed inside the forest area for any activity related to the project work. |
| 1.15 | The user agency while executing works, shall not fell any tree or damage forest growth in the surrounding forest area in any manner. |
| 1.16 | The layout plan of the proposed forest land shall not be changed without the prior approval of Ministry of Environment, Forest & Climate Change. |
| 1.17 | The forest land shall not be used for any purpose other than that specified in the proposal. |
| 1.18 | The forest land proposed to be diverted shall under no circumstances be transferred to any other user agency, department or person without the prior approval of Ministry of Environment, Forest & Climate Change. |
| 1.19 | No damage to the flora and fauna of the adjoining area shall be caused. |
| 1.20 | The concerned Divisional Forest Officer, will monitor and take necessary mitigative measures to ensure that there is no adverse impact on the forests in the surrounding area. |
| 1.21 | The user agency shall submit annual self monitoring report on compliance of stipulated conditions to the Nodal Officer (FCA) of the State and concerned Regional Office of this Ministry by the end of March every year. |
| 1.22 | Any other conditions that the Ministry of Environment, Forests & Climate Change may impose from time to time in the interest of afforestation, conservation and management of flora and fauna in the area, shall be complied by the user agency. |
| 1.23 | The State Govt. and user agency shall ensure compliance to provisions of the all Acts, Rules, Regulations, Guidelines, NGT Order (s) & Hon'ble Court Order (s) pertaining to this project, if any, for the time being in force, as applicable to the project. |
| 1.24 | Violation of any of these conditions will amount to violation of Van (Sanrakshan Evam Samvardhan) Adhiniyam, 1980 and action would be taken as prescribed in Para 1.16 of Consolidated Guidelines and Clarification issued under Van (Sanrakshan Evam Samvardhan) Adhiniyam, 1980 and Van (Sanrakshan Evam Samvardhan) Rules, 2023 vide Ministry's letter dated 29.12.2023. |

**2. Standard conditions**

**3. Specific Conditions**

3. After receipt of the report on compliance to the conditions stipulated above, from the State Government of Odisha, final/Stage-II approval for diversion of the said forest land under Section 2 of Van (Sanrakshan Evam Samvardhan) Adhiniyam, 1980 will be issued by this Ministry. Transfer of forest land to user agency should not be effected by the State Government of Odisha till final/Stage-II approval for its diversion is issued by the Ministry of Environment, Forest & Climate Change.

4. "The State Govt. or a Senior Office not below the Rank of a Divisional Forest Officer, having jurisdiction over the forest land proposed to be diverted, duly authorized in this behalf by the State Govt. can pass an order for tree cutting and commencement of work of a linear project in forest land for a period of one year (**"working permission"** means permission granted to linear project before final approval to mobilize the resources to commence the preliminary project work other than black topping, concretization, laying of railway tracks, charging of transmission lines, etc.). Such order shall be passed only after full realization of funds for compensatory afforestation, Net Present Value (NPV), Wildlife conservation Plan, plantation of dwarf species of medicinal plants, and all other compensatory levies, specified in the Stage-I (in-principle) approval from the User Agency, and where ever applicable, transfer and mutation of non-forest/ revenue forest land in favour of State Forest Department, declaration of PF/RF and compliance of other statues including ST&OTFD (Recognition of Forest Rights) Act, 2006" as stipulated in Para 11.1 of Chapter-11 of Consolidated Guidelines and Clarification issued under Van (Sanrakshan Evam Samvardhan) Adhiniyam, 1980 and Van (Sanrakshan Evam Samvardhan) Rules, 2023 vide Ministry's letter dated 29.12.2023.

**Copy To**

1. The Inspector General of Forests (ROHQ), Ministry of Environment, Forest & Climate Change, Indira Paryavaran Bhawan, Jor Bagh Road, Aliganj, New Delhi – 110003.
2. The Addl. PCCF & Nodal Officer (FCA), Forest Department, Govt. of Odisha, Aranya Bhawan, Chandrasekharpur, Bhubaneswar-751023.
3. The Director, M/s Rungta Mines Ltd. (Kamanda Steel Plant), At/PO: Barbil, Dist: Keonjhar-758035, Odisha.

**Your's faithfully**
(Dr. Padma Mahanti)
Dy. Inspector General of Forests (C)

### ଟାଟା ଷ୍ଟିଲ୍ କଳିଙ୍ଗନଗର ପ୍ଲାଣ୍ଟର ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ ଉଦ୍‌ଘାଟିତ

## ବିସ୍ତାର ପ୍ରକଳ୍ପର ଉଦ୍‌ଘାଟନ ଆମ ମିଳିତ ଯାତ୍ରାର ଆଉ ଏକ ଶକ୍ତିଶାଳୀ ପ୍ରତୀକ : ମୁଖ୍ୟମନ୍ତ୍ରୀ



ବ୍ୟାସନଗର, (ଜିପ୍ର): ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଟାଟା ଷ୍ଟିଲ କଳିଙ୍ଗନଗର ପ୍ଲାଣ୍ଟର ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ କାର୍ଯ୍ୟର ଉଦଘାଟନ କରଛନ୍ତି ।ଏହି ସମ୍ପ୍ରସାରଣ ଫଳରେ ପ୍ଲାଣ୍ଟରେ କ୍ରୁଡ ଷ୍ଟିଲ ଉତ୍ପାଦନ କ୍ଷମତା ବାର୍ଷିକ ୩ ନିୟୁତ ଟନ୍ ରୁ ୮ ନିୟୁତ ଟନ୍ (ଏମଟିପିଏ)କୁ ବୃଦ୍ଧି ହେବା କୁ ଯାଉଛି । ଯାଜପୁର ଜିଲ୍ଲାସ୍ଥିତ ଏହି ପ୍ଲାଣ୍ଟରେ ଆୟୋଜିତ ସମାରୋହରେ ସମବାୟ, ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଉଦ୍ୟୋଗ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଯାଜପୁର ସାଂସଦ ଡଃ ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସନାୟକ, ବଡଚଣା ବିଧାୟକ ଅମର କୁମାର ନାୟକ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ କୁମାର ଶର୍ମା, ଇପିକଲ ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂହ ପୁନିଆ ଏବଂ ଯାଜପୁର ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ ଉପସ୍ଥିତ ଥିଲେ । ଉଦଘାଟନୀ ସମାରୋହରେ ସାମିଲ ହୋଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଆଜି ଟାଟା ଗ୍ରୁପ୍ ସହ ଆମ ଯାତ୍ରାରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟକୁ ଛୁଇଁଛୁ । ଟାଟା ଗ୍ରୁପ୍ ଗତ ଶତାବ୍ଦୀ ଧରି ଭରସା, ଉତ୍କୃଷ୍ଟତା ଓ ରାଷ୍ଟ୍ର ନିର୍ମାଣ ପ୍ରତି ପ୍ରତିବଦ୍ଧତାର ପ୍ରତୀକ ହୋଇରହିଛି । ଟାଟାଷ୍ଟିଲ କଳିଙ୍ଗନଗର କାରଖାନା ବିସ୍ତାର ପ୍ରକଳ୍ପର ଉଦ୍ଘାଟନ ଆମ ମିଳିତ ଯାତ୍ରାର ଆଉ ଗୋଟିଏ ଶକ୍ତିଶାଳୀ ପ୍ରତୀକ । ସୁରକ୍ଷା, ସ୍ଥାୟିତ୍ୱ ଓ ସମୁଦାୟ ସେବା ପାଇଁ ଟାଟା ଗ୍ରୁପ୍ ସବୁବେଳେ ତାର ପ୍ରତିବଦ୍ଧତାକୁ ବଜାୟ ରଖିଛି । ଓଡ଼ିଶାପ୍ରତି ଅତୁଟ ବିଶ୍ୱାସ ପାଇଁ ଟାଟା ଗ୍ରୁପକୁ ଧନ୍ୟବାଦ । ଆମେ ମିଳିତ ଭାବେ କେବଳ କାରଖାନା ନୁହେଁ, ଭବିଷ୍ୟତ ତିଆରି କରୁଛୁ । ଏହି କାର୍ଯ୍ୟକ୍ରମରେ ଟାଟା ଷ୍ଟିଲର ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ଟି ଭି ନରେନ୍ଦ୍ରନ, ଟାଟା ଷ୍ଟିଲର ଉପ ସଭାପତି (କର୍ପୋରେଟ ସର୍ଭିସେସ) ଡି ବି ସୁନ୍ଦର ରାମମଙ୍କ ସମେତ ରାଜ୍ୟର ବହୁ ବରିଷ୍ଠ ନେତା, ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଗୋଷ୍ଠୀର ସଦସ୍ୟ ଏବଂ କମ୍ପାନୀ କର୍ମଚାରୀ ଉପସ୍ଥିତ ଥିଲେ । ଏହି ବିସ୍ତାରିତ ଅତ୍ୟାଧୁନିକ ପ୍ଲାଣ୍ଟ ଭବିଷ୍ୟତ ପାଇଁ ଇସ୍ପାତ ନିର୍ମାଣ ନିମନ୍ତେ ପରିବେଶ ଗଠନ ଦିଗରେ କମ୍ପାନୀର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ।ଟାଟା ଷ୍ଟିଲର ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ଟି ଭି ନରେନ୍ଦ୍ରନ କହିଛନ୍ତି, କଳିଙ୍ଗନଗର ଆମ ପାଇଁ ଏକ ଉତ୍ପାଦନ ପ୍ଲାଣ୍ଟ ଠାରୁ ବହୁତ ଅଧିକ । ଯେତେବେଳେ ସମାଜ, ସରକାର ଓ ଉଦ୍ୟୋଗ ମିଳିତ ଭାବେ କାର୍ଯ୍ୟ କରନ୍ତି, ସେତେବେଳେ ଏପରି ବିକାଶ ସମ୍ଭବ ହୋଇଥାଏ । ଏହି ପ୍ଲାଣ୍ଟ ସଂପ୍ରସାରଣ ଓଡ଼ିଶା ପ୍ରତି ଆମର ଗଭୀର ବିଶ୍ୱାସ ଏବଂ ଦୀର୍ଘମିଆଦୀ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ନିରନ୍ତର ସମର୍ଥନ ପାଇଁ ଆମେ ମୁଖ୍ୟମନ୍ତ୍ରୀ, ଓଡ଼ିଶାର ଜନତା ଓ ଭାରତ ସରକାରଙ୍କୁ କୃତଜ୍ଞତା ଜଣାଉଛୁ । ମିଳିତ ଭାବେ ଆମେ କେବଳ ଇସ୍ପାତ ନୁହେଁ ବରଂ ଏକ ଶକ୍ତିଶାଳୀ, ଆତ୍ମନିର୍ଭରଶୀଳ ଭାରତ ଗଠନ କରୁଛୁ ।ଭାରତର ସବୁଠାରୁ ଆଧୁନିକ ଓ ଉନ୍ନତ ଇଣ୍ଟିଗ୍ରେଟେଡ୍ ଷ୍ଟିଲ ପ୍ଲାଣ୍ଟ ମଧ୍ୟରୁ ଅନ୍ୟତମ ହେଉଛି ଟାଟା ଷ୍ଟିଲ କଳିଙ୍ଗନଗର, ଯାହା ଅଟୋମୋଟିଭ୍, ପ୍ରତିରକ୍ଷା, ଅବସ୍ଥାପନା, ଇଞ୍ଜିନିୟରିଂ, କ୍ୟାପିଟାଲ୍ ଗୁଡ୍ସ, ତେଲ ଏବଂ ଗ୍ୟାସ, ନବୀକରଣୀୟ ଉର୍ଜା ଓ ଜାହାଜ ନିର୍ମାଣ ପରି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡିକ ପାଇଁ ବିଶ୍ୱମାନ୍ୟତା ସମ୍ପନ୍ନ ଷ୍ଟିଲ ଉତ୍ପାଦନ କରୁଛି । ଏହାଯୋଗେ ଟାଟା ଷ୍ଟିଲ, ଭାରତ ସରକାରଙ୍କ ଆତ୍ମନିର୍ଭର ଭାରତ' ଦୃଷ୍ଟିଭଙ୍ଗୀ କୁ ସମର୍ଥନ ଦେଇପାରିଛି ।କଳିଙ୍ଗନଗର ପ୍ଲାଣ୍ଟ ର ଏହି ନୂତନ ବ୍ଲାଷ୍ଟ ଫର୍ନେସ୍ ଦେଶର ସର୍ବବୃହତ । ୫୮୭୦ ଏମ୍ କ୍ୟୁ ଆୟତନ ସହିତ, ଦୀର୍ଘ ସମୟ ଚାଲିପାରିବା ପାଇଁ ପରିବେଶ ଅନୁକୂଳ ଡିଜାଇନ୍ ଏବଂ ଉତ୍ପାଦନ ପ୍ରକ୍ରିୟାରେ ଏହା ଉନ୍ନତି ଆଣିପାରିଛି । ଏହି ବ୍ଲାଷ୍ଟ ଫର୍ନେସ୍ ହଟ୍ ମେଟାଲ୍ ଉତ୍ପାଦନରେ ଇନ୍ଧନ ଖର୍ଚ୍ଚରେ ଉନ୍ନତି ଆଣିବା ପାଇଁ ଭାରତରେ ପ୍ରଥମ ଥର ପାଇଁ ଚାରୋଟି ଶ୍ରେଷ୍ଠ ଦହନଶୀଳ ଷ୍ଟୋଭ୍ ବ୍ୟବହାର କରିବ । କଳିଙ୍ଗନଗର କାରଖାନାର ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣରେ ରହିଥିବା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ମଧ୍ୟରେ ରହିଛ ଏକ ପେଲେଟ୍ ପ୍ଲାଣ୍ଟ, କୋକ୍ ପ୍ଲାଣ୍ଟ ଏବଂ କୋଲଡ ରୋଲିଂ ମିଲ୍ । ସେଗୁଡ଼ିକରେ ଉନ୍ନତ ପ୍ରଯୁକ୍ତି ଓ ସ୍ଥାୟିତ୍ୱ ଅଭ୍ୟାସକୁ ସମନ୍ୱିତ କରାଯାଇଛି ।

## ଭତ୍ତା ପାଇଁ ଘୁଷୁଡ଼ି ଘୁଷୁଡ଼ି ଗଲେ ୮୦ ବର୍ଷୀୟ ବୃଦ୍ଧ



କେନ୍ଦ୍ରାପଡ଼ା ,(ସ୍ୱପ୍ର) : ରାସ୍ତାରେ ଘୁସୁରି ଘୁସୁରି ଭତ୍ତା ଆଣିବାକୁ ପଞ୍ଚାୟତ କାର୍ଯ୍ୟାଳୟ ଗଲେ ୮୦ବର୍ଷୀୟ ବୃଦ୍ଧ । ଘଟଣା ଘଟିଛି କେନ୍ଦ୍ରାପଡା ଜିଲ୍ଲା କୋର ପଞ୍ଚାୟତରେ । କୋର ଗାଁ ର ବୃଦ୍ଧ ଶ୍ରୀଧର ସାହୁ ଆଜି ମାସିକ ଭତ୍ତା ପାଇଁ ରାସ୍ତାରେ ଘୁସୁରି ଘୁସୁରି ଯାଉଥିବା ଦେଖିବାକୁ ମିଳିଥିଲା । ତେବେ ପୂର୍ବରୁ ଶ୍ରୀଧରଙ୍କ ଝିଅ ତାଙ୍କ ଭତ୍ତା ନେଉଥିବା ବେଳେ ପଞ୍ଚାୟତ ଅଧିକାରୀ ଚଳିତ ମାସରୁ ଝିଅକୁ ଭତ୍ତା ଦେବା ପାଇଁ ମନା କରିଦେଲେ । ଫଳରେ ଚାଲିବାକୁ ଅକ୍ଷମ ବୃଦ୍ଧ ରୋଗାକ୍ରାନ୍ତ ଶ୍ରୀଧର ନିଜ ଭତ୍ତା ନେବା ପାଇଁ ଘୁସୁରି ଘୁସୁରି ପଞ୍ଚାୟତ ଅଫିସ୍‌କୁ ଯାଉଥିଲେ । ଯେଉଁ ଦୃଶ୍ୟ ଦେଖି ପଂଚାୟତର ଶତାଧିକ ଲୋକ, ବୃଦ୍ଧଙ୍କୁ ବାଟରେ ଅଟକାଇଥିଲେ । ପରେ ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିକଟକୁ ଯାଇ ଅଭିଯୋଗ କରିବା ସହ ଉକ୍ତ ଅଂଚଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା । ତେବେ ପରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଧା ବାଟରେ ଶ୍ରୀଧରଙ୍କୁ ଭତ୍ତା ଦେଇଥିଲେ । କୋର ପଞ୍ଚାୟତରେ ଭତ୍ତା ପ୍ରଦାନ ନେଇ ନାନା ଅନିୟମିତତା ଅଭିଯୋଗ ହୋଇଛି । ଏ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

## ମହିଳାଙ୍କ ଆତ୍ମହତ୍ୟା : ବାପଘର ଲୋକ ଆଣିଲେ ହତ୍ୟା ଅଭିଯୋଗ



ସାଲେପୁର,(ସବ୍ୟୁ) :ମାନସିକ ନିର୍ଯ୍ୟାତନା ସହ୍ୟ କରିନପାରି ବିବାହିତା ମହିଳା ବେକରେ ଲୁଗା ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି । ବାପଘର ଲୋକେ ଆଣିଲେ ଶାଶୁଘର ଲୋକଙ୍କ ନାମରେ ହତ୍ୟା ଅଭିଯୋଗ । ସୂଚନା ମୁତାବକ କଟକ ଜିଲ୍ଲା ଜଗତପୁର ଥାନା ଅଞ୍ଚଳର ସାବିତ୍ରୀ ନାୟକ ସାଲେପୁର ଥାନା ମିର୍ଜାପୁର ପଞ୍ଚାୟତ ଧର୍ମାଗତପୁର ଗାଁ ର ଉମାକାନ୍ତ ବେହେରାଙ୍କୁ ବୈଦିକ ରୀତିନୀତି ରେ ଆଜକୁ ଚାରି ବର୍ଷ ତଳେ ବିବାହ କରିଥିଲେ । ଦେଢ଼ ବର୍ଷ ର ଏକ ପିଲା ଥିବା ବେଳେ ଶାଶୁ ଘରର ପରିବାର ରେ ସବୁବେଳେ ସାବିତ୍ରୀ ଙ୍କୁ ମାନସିକ, ଶାରୀରିକ ନିର୍ଯାତନା ଦିଆ ଯାଉଥିଲା ବୋଲି ବାପଘର ଲୋକେ ଅଭିଯୋଗ ଆଣିଛନ୍ତି । ଶେଷରେ ନିର୍ଯ୍ୟାତନା ସହି ନ ପାରି ଆଜି ନିଜ ଘରେ କବାଟ ବନ୍ଦ କରି ବେକରେ ଲୁଗା ବାନ୍ଧି ସାବିତ୍ରୀ ଆତ୍ମ ହତ୍ୟା କରିଥିବା ଜଣାଯାଇଛି । ଏନେଇ ବାପ ଘର ପକ୍ଷରୁ ଝିଅକୁ ଶାଶୁ ଘର ଲୋକେ ନିର୍ଯ୍ୟାତନା ଦେଇ ମାରି ଦେଇ ଥିବା ଅଭିଯୋଗ କରିଛନ୍ତ । ସାଲେପୁର ପୋଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

## କୁଜଙ୍ଗ ପୋଷ୍ଟ ଅଫିସ୍ ଆଧାର କମ୍ପ୍ୟୁଟର ଅଚଳ

କୁଜଙ୍ଗ ,(ସବ୍ୟୁ) : ଆଠମାସ ହେବ କୁଜଙ୍ଗ ପୋଷ୍ଟ ଅଫିସ୍‌ରେ ଆଧାର କମ୍ପ୍ୟୁଟର ଅଚଳ। ଏହାକୁ ମରାମତି କରାଯାଉନାହିଁ। ପ୍ରତିଦିନ ଜନସାଧାରଣମାନେ ଆଧାର କାମ କରିବାପାଇଁ ଆସି ଏଠାରେ ହତୋତ୍ସାହିତ ଓ ନିରାଶ ହୋଇ ଘୋର ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ପୋଷ୍ଟମାଷ୍ଟର ଏଥିପାଇଁ ଦୁଃଖ ପ୍ରକାଶ କରିଛନ୍ତି। କେନ୍ଦ୍ର ସରକାର ପୋଷ୍ଟ ଅଫିସ୍‌ମାନଙ୍କରେ ଆଧାର ସଂଶୋଧନ କରାଯିବ ବୋଲି ଘୋଷଣା କରିବା ପରେ ଏଠାରେ ବହୁ ଭିଡ଼ ପରିଲକ୍ଷିତ ହେଉଥିଲା। କେତେକ ଲୋକ ଭିଡ଼ ଯୋଗୁଁ ପରଦିନକୁ ଅପେକ୍ଷା କରୁଥିଲେ। ଡାକ ବିଭାଗର ଉଚ୍ଚ କର୍ତୃପକ୍ଷ ଏହି ଦିଗରେ କାହିଁକି ଦୃଷ୍ଟି ଦେଉନାହାନ୍ତି ସେଥିନେଇ ଉଦ୍‌ବେଗ ପ୍ରକାଶ ପାଇଛି। ୧୮ଟି ଉପ ଡାକଘର ଏହି କୁଜଙ୍ଗ ପୋଷ୍ଟ ଅଫିସ୍ ଅଧୀନରେ କାର୍ଯ୍ୟ କରୁଛି। ବହୁ ଗୁରୁତ୍ୱପୂର୍ଣ୍ଣ ଡାକଘର ଗୁଡ଼ିକୁ ଏଠାରୁ ଚିଠି ଆଦାନ ପ୍ରଦାନ କରାଯାଉଛି। ଏହି ମୁଖ୍ୟ ପୋଷ୍ଟ ଅଫିସ୍ ଅଧୀନରେ ସୁଦୂର ଢ଼ିଙ୍କିଆ, ବାଲିତୁଠ, ମହାନଦୀ ଆରପଟ ତିଖିରି ଓ ତୈଳ ବିଶୋଧନାଗାର ପ୍ରଭୃତି ଦୂରସ୍ଥାନମାନଙ୍କୁ ଡାକ ଓ ଗୁରୁତ୍ୱପୂର୍ଣ୍ଣ ଚିଠିପତ୍ରମାନ ପଠାଯାଉଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଚାଲିଥିବାବେଳେ ଏଠାରେ ସାଧାରଣ ଲୋକଙ୍କ ପାଇଁ ପାନୀୟ ଜଳର ଘୋର ଅଭାବ ପରିଲକ୍ଷିତ ହେଉଛି। କାର୍ଯ୍ୟକରୁଥିବା ଅଫିସ୍ ଘର ଏବଂ ଛାତ ପାଟିଗଲାଣି। ତାହା ମରାମତି କରାଯାଉନାହିଁ। ପ୍ରବଳ ଭିଡ଼ ପରିଲକ୍ଷିତ ହେଉଥିବାବେଳେ ଅଧିକ କାଉଂଟର ଖୋଲାଯାଉନାହିଁ। ଫଳରେ ଜନସାଧାରଣମାନେ ଘଂଟା ଘଂଟା ଅପେକ୍ଷାକରି ଘୋର ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏ ଦିଗରେ ଦୃଷ୍ଟି ଦିଆଯିବାକୁ ଆଜାଦ୍ ହିନ୍ଦ ସାଂସ୍କୃତିକ ଅନୁଷ୍ଠାନ,ବରିଷ୍ଠ ନାଗରିକ ସଂଘ, ଆଥ୍‌ଲେଟିକ୍ କ୍ଲବ୍, ପ୍ରିୟବନ୍ଧୁ ଅନୁଷ୍ଠାନ ଓ ସାଧାରଣରେ ଦାବି ହେଉଛି।

## ଭଡା ଘରୁ ଶ୍ରମିକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

### ହତ୍ୟା ଅଭିଯୋଗ ଆଣିଲେ ବାପା

ମଙ୍ଗଳପୁର,(ସବ୍ୟୁ) : ଯାଜପୁର-ଧାମରା ୨୦ ନଂ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ ନିୟୋଜିତ ଜଣେ ଡିପ୍ଲୋମାଧାରୀ ଯୁବକଙ୍କ ମୃତଦେହ ଦଶରଥପୁର ଥାନା କଟିକଟା ପଞ୍ଚାୟତ ପଞ୍ଚରା ସାହିରେ ଥିବା ଏକ ଭଡାଘରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିବା ଜଣାଯାଇଛି । ମୃତ ଯୁବକ ପଟାମୁଣ୍ଡାଇ ଥାନା ସୋବଲା ଗାଁ ଅଭୟ ପରିଡାଙ୍କ ପୁଅ ମନୋରଞ୍ଜନ ପରିଡା(୩୦)ବୋଲି ସୂଚନା ମିଳିଛି । ସୂଚନା ପାଇ ଦଶରଥପୁର ଥାନା ପୁଲିସ ମୃତଶରୀରକୁ ଜବଦ କରି ବ୍ୟବଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହିତ ଉକ୍ତ ଭଡା ଘରେ ରହୁଥିବା ମୃତ ଯୁବକଙ୍କ ୪ ଜଣ ସାଥୀଙ୍କୁ ଥାନାରେ ଅଟକ ରଖିଥିବା ବେଳେ ମୃତ ଯୁବକଙ୍କ ବାପା ଅଭୟ ପରିଡା ତାଙ୍କ ପୁଅ ମନୋରଞ୍ଜନକୁ ଯୋଜନା ବଦ୍ଧ ଭାବେ ହତ୍ୟା କରାଯାଇଥିବା ଦଶରଥପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ ୨୦ନଂ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ କରୁଥିବା ଏଆରଏସଏସ ଠିକାସଂସ୍ଥାରେ ପଟାମୁଣ୍ଡାଇ ଥାନା ସୋବଳା ଗାଁର ଜୈନିକ ଶ୍ରମିକ ଠିକାଦାରଙ୍କ ମାର୍ଫତରେ ସେହି ଗାଁ ଅଭୟ ପରିଡାଙ୍କ ପୁଅ ମନୋରଞ୍ଜନ ପରିଡା (୩୦) ବିଗତ ୧ ବର୍ଷରୁ ଅଧିକ ଦିନ ହେବ ନିୟୋଜିତ ଥିବା ବେଳେ ନିଜ କାର୍ଯ୍ୟ ସାରି ମନୋରଞ୍ଜନ ଦଶରଥପୁର ବ୍ଲକ ଝୁମ୍ପୁରୀ ବଜାର ନିକଟରେ ଥିବା ଏକ ଭଡାଘରେ ରୁହନ୍ତି । ବିଭିନ୍ନ ସମୟରେ ମନୋରଞ୍ଜନ ସେହି ଠିକାସଂସ୍ଥାରେ କାର୍ଯ୍ୟ କରି କଟିକଟା ପଞ୍ଚାୟତ ପଞ୍ଚରା ସାହିସ୍ଥିତ ଭଡା ଘରେ ରହୁଥିବା ଅନ୍ୟ କିଛି ସାଥି ଶ୍ରମିକଙ୍କ ନିକଟକୁ ବୁଲିବାକୁ ଆସନ୍ତି । ମନୋରଞ୍ଜନ ଗତ ବୁଧବାର ରାତିରେ କଟିକଟା ପଞ୍ଚରାସାହି ସ୍ଥିତ ସାଥି ଶ୍ରମିକ ରହୁଥିବା ଉକ୍ତ ଭଡା ଘରକୁ ବୁଲିବାକୁ ଆସିଥିଲେ ହେଲେ ଆଜି ସକାଳ ପ୍ରାୟ ୯ ଟାରେ ବାପା ଅଭୟ ପରିଡ଼ା ଏକ ଅଜଣା ମୋବାଇଲରୁ ପୁଅ ମନୋରଞ୍ଜନ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ସୂଚନା ପାଇ ଘଟଣା ସ୍ଥଳରେ ପହଁଚି ମନୋରଞ୍ଜନଙ୍କ ମୃତ୍ୟୁ ଆତ୍ମହତ୍ୟା କାରଣରୁ ନୁହେଁ ବରଂ ତାଙ୍କୁ ଯୋଜନା ବଦ୍ଧ ଭାବେ ହତ୍ୟା କରାଯାଇଛି ବୋଲି ସନ୍ଦେହ କରିବା ସହିତ ଏହି ହତ୍ୟା କାଣ୍ଡରେ ସମ୍ପୃକ୍ତ ଠିକସଂସ୍ଥାରେ କାର୍ଯ୍ୟ କରୁଥିବା କିଛି ସାଥି ଶ୍ରମିକଙ୍କ ସମ୍ପୃକ୍ତି ରହିଥିବା ଦଶରଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ଦଶରଥପୁର ଥାନା ପୁଲିସ ଘଟଣାକୁ ନେଇ ୮୭/୨୫ ରେ ଏକ ମାମଲା ରୁଜୁ କରିବା ସହିତ ଛାନଭିନ କରିଥିବା ଜଣାଯାଇଛି ।

## ରଘୁନାଥପୁରର ବିନୀତ ଯୁକ୍ତ ୨ ବିଜ୍ଞାନରେ ଟପ୍ପର

ରଘୁନାଥପୁର,(ସବ୍ୟୁ) : ଯୁକ୍ତ ୨ ବିଜ୍ଞାନରେ ୫୮୬ନମ୍ବର, ୯୭.୬୬ ପ୍ରତିଶତ ମାର୍କ ରଖି ରଘୁନାଥପୁର ଗ୍ରାମର ବିନୀତ କୁମାର ମହାନ୍ତି ଓଡିଶା ଟପ୍ପର ହୋଇଛନ୍ତି। ପ୍ରକାଶଥାଉକି, ବିନୀତ କଟକର ସରସ୍ୱତୀ ଜୁନିୟର ସାଇନ୍ସ କଲେଜରେ ଯୁକ୍ତ ୨ ବିଜ୍ଞାନ ପଢୁଥିଲେ। ବିନୀତ ହେଉଛନ୍ତି ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ରଘୁନାଥପୁର ଗ୍ରାମର ପିତା ବିଜୟାନନ୍ଦ ମହାନ୍ତି ଓ ମାତା ଶୈଳବାଳା ମହାନ୍ତିଙ୍କର ପୁତ୍ର ଅଟନ୍ତି। ବିନୀତ ଦିନକୁ ୧୧ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ପାଠ ପଢିବା ସହିତ ଭଲିବଲ ଖେଳିବାକୁ ଭଲପାଆନ୍ତି। ବିନୀତ୍ କହିବା ଅନୁସାରେ ଫଳକୁ ଆଶା ନରଖି ପରିଶ୍ରମ କଲେ ନିଶ୍ଚିତ ଫଳ ମିଳିବ ବୋଲି ସେ ପ୍ରକାଶ କରିଛନ୍ତି। ଏହି ସଫଳତାର ଶ୍ରେୟ ସେ ତାଙ୍କର ପିତା, ମାତା, ପରିବରର ସମସ୍ତ ସଦସ୍ୟ ଏବଂ ସରସ୍ୱତୀ ଜୁନିୟର ସାଇନ୍ସ କଲେଜର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ପ୍ରଦାନ କରିଛନ୍ତି। ଭବିଷ୍ୟତରେ ସେ ଜଣେ ଇଞ୍ଜିନିୟର ହେବେ ବୋଲି ଲକ୍ଷ୍ୟ ରଖିଛନ୍ତି। ବିନୀତ୍ ଏହି ସଫଳତା ପାଇ ରଘୁନାଥପୁର ବ୍ଲକ ଓ ଜିଲ୍ଲାର ଗୌରବ ଆଣିଥିବାରୁ ଆଗାମୀ ଓଡିଶାର ପ୍ରତିଷ୍ଠାତା ବିଜୟ କୁମାର ସ୍ୱାଇଁ, ସଭାପତି ପ୍ୟାରୀମୋହନ ପଟ୍ଟନାୟକ, ମାନସ ଅଧ୍ୟାପକ ଶରତ କୁମାର ରାଉତରାୟ, ଅଧ୍ୟାପକ ଆଶିଷ ଚକ୍ରବର୍ତ୍ତୀ, ପ୍ରାଧ୍ୟାପକ ଦେବେନ୍ଦ୍ର ନାଥ ବାରିକ, ବାନାମ୍ବର ଜେନା, ସମ୍ଭୁନାଥ ମହାନ୍ତି, ପ୍ରଦିପ୍ତ ନାୟକ ପ୍ରମୁଖ ଶୁଭେଚ୍ଛା ଜଣାଇବା ସହିତ ଉତ୍ତୋରତ୍ତେ ଉନ୍ନତି କାମନା କରିଛନ୍ତି।

## ବେସରକାରୀ ଜାଗାରେ ପଡିଥିବା ମାଟିକୁ ଦେଖାଇ ମନରେଗା ବିଲ୍ ମସୁଧା

ବିଞ୍ଝାରପୁର,(ସବ୍ୟୁ) : ବେସରକାରୀ ଜାଗାରେ ନିର୍ମାଣ କରାଯାଇଥିବା ଏକ ରାସ୍ତାକୁ ଦେଖାଇ ଏନଆରଇଜିଏସ ଯୋଜନାରେ ପଶାଇ ବିଲ କରାଇ ନେବା ପାଇଁ ହଇଥିବା ଏକ ଯୋଜନା କୁ ସ୍ଥାନୀୟ ଲୋକେ ନାପସନ୍ଦ କରିଛନ୍ତି । ପ୍ରକାଶ ଯେ ବିଞ୍ଝାରପୁର ଥାନା ତଥା ବରୀ ବ୍ଲକର ଅଙ୍ଗାଳୋ ପଞ୍ଚାୟତର ଅରିଲୋ ନିକଟରେ କାଣୀ ନଦୀବନ୍ଧର ବିକାଶ ଓ ନଦୀ ତଟର ସୁରକ୍ଷା କାଯ୍ୟ ଚାଲିଛି । ଠିକାଦାର ପଥର ଓ ମ୍ୟାଟେରିଆଲ ବୁହାଇ ନେବା ପାଇଁ ଜଣେ ଲୋକଙ୍କ ଜାଗାରେ ମାଟି ପକାଇ ଏକ ରାସ୍ତା ନିର୍ମାଣ କରିଥିଲେ । ଆଜି ଅଚାନକ ଏହି ରାସ୍ତା ନିକଟରେ ପଂଚାୟତ ତରଫରୁ ଏକ ମନରେଗା ଯୋଜନାର ବୋର୍ଡ ଲାଗିଥିବାରୁ ଲୋକେ ଚକିତ ହୋଇଥିଲେ । ପ୍ରାଇଭେଟ୍ ଭାବରେ ନିର୍ମିତ ଏହି ରାସ୍ତା ମନରେଗା ରେ ହୋଇଥିବା କଥା ବୋର୍ଡରେ ଦର୍ଶା ଯାଇଛି । ଯାହାର ବ୍ୟୟ ଅଟକଳ ୧ଲକ୍ଷ ପଚାଶ ହଜାର ବୋଲି ଲେଖା ଯାଇଥିବା ଦେଖିବାକୁ ମିଳିଛି । ଏ ପ୍ରକାର କାର୍ଯ୍ୟକୁ ସାଧାରଣର ନାପସନ୍ଦ କରାଯାଇଛି । ବରୀ ବ୍ଲକର ବିଡିଓ ଏହାର ତଦନ୍ତ କରିବାକୁ ଦାବୀ ହୋଇଛି।

## ଯୁକ୍ତ ୨ ପରୀକ୍ଷାରେ ପିପି ଓ ଏସ୍‌ଏମ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା

ନିଶ୍ଚିନ୍ତକୋଇଲ,(ସବ୍ୟୁ) :ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହଲ୍ଲାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଅସୁରେଶ୍ୱର ସ୍ଥିତ ସୁଭଦ୍ରା ମହତାବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ଚଳିତ ବର୍ଷ ଯୁକ୍ତ ୨ ବିଜ୍ଞାନ, ବାଣିଜ୍ୟ ଓ କଳା ବିଷୟରେ ସଫଳତା ଲାଭ କରିଛି । ପିପି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନ ବିଷୟରେ ମୋଟ୍ ୧୧୬ଜଣ ପରୀକ୍ଷା ଦେଇଥିଲା ବେଳେ ୩୮ଜଣ ପ୍ରଥମ ଶ୍ରେଣୀରେ ପାସ୍ କରିଥିଲା ବେଳେ ୩୩ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୧୮ଜଣ ତୃତୀୟ ଶ୍ରେଣୀରେ ପାସ କରିଥିବା ବେଳେ ୨୭ଜଣ ଫେଲ ହୋଇଛନ୍ତି । ଚଳିତ ବର୍ଷ ସୂର୍ଯ୍ୟକାନ୍ତ ନନ୍ଦ ୫୩୮ ନମ୍ବର ରଖି ବିଜ୍ଞାନରେ କଲେଜ ଟପ୍ପର ହୋଇଥିବା ଜଣାଯାଇଛି । ସେହିପରି କଳା ବିଷୟରେ ମୋଟ୍ ୨୫୪ଜଣ ପରୀକ୍ଷା ଦେଇଥିଲା ବେଳେ ପ୍ରଥମ ଶ୍ରେଣୀରେ ୧୭ଜଣ ,ଦ୍ୱିତୀୟ ଶ୍ରେଣୀରେ ୨୬ଜଣ ଓ ତୃତୀୟ ଶ୍ରେଣୀରେ ୧୦୬ଜଣ ପାସ କରିଥିବା ବେଳେ ୧୦୫ଜଣ ଫେଲ୍ ହୋଇଛନ୍ତି । ଚଳିତ ବର୍ଷ କଲ୍ୟାଣୀ ଦାସ ସର୍ବାଧିକ ୪୮୩ନଂ ରଖି କଲେଜ ଟପ୍ପର ହୋଇଥିବା ଜଣାଯାଇଛି । ସେହିପରି ଅସୁରେଶ୍ୱର ସ୍ଥିତ ସୁଭଦ୍ରା ମହତାବ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନ ବିଷୟରେ ୮୫ଜଣ ପରୀକ୍ଷା ଦେଇଥିଲା ବେଳେ ପ୍ରଥମ ଶ୍ରେଣୀରେ ୨୨ଜଣ,ଦ୍ୱିତୀୟ ଶ୍ରେଣୀରେ ୨୩ଜଣ ଓ ତୃତୀୟ ଶ୍ରେଣୀରେ ୧୮ଜଣ ପାସ କରିଥିବା ବେଳେ ୨୨ଜଣ ଫେଲ ହୋଇଥିବା ଜଣାଯାଇଛି । ସେହିପରି ବାଣିଜ୍ୟ ବିଷୟରେ ମୋଟ୍ ୯ଜଣ ପରୀକ୍ଷା ଦେଇଥିଲା ବେଳେ ପ୍ରଥମ ଶ୍ରେଣୀରେ ୧ଜଣ, ଦ୍ୱିତୀୟ ଶ୍ରେଣୀରେ ୨ଜଣ, ତୃତୀୟ ଶ୍ରେଣୀରେ ୩ଜଣ ପାସ କରିଥିବା ବେଳେ ୩ଜଣ ଫେଲ ହୋଇଛନ୍ତି । ସେହିପରି କଳା ବିଷୟରେ ମୋଟ୍ ୨୬୦ଜଣ ପରୀକ୍ଷା ଦେଇଥିଲା ବେଳେ ପ୍ରଥମ ଶ୍ରେଣୀରେ ୪୮ଜଣ, ଦ୍ୱିତୀୟ ଶ୍ରେଣୀରେ ୩୫ଜଣ ଓ ତୃତୀୟ ଶ୍ରେଣୀରେ ୧୨୨ ଜଣ ପାସ୍ କରିଥିବା ବେଳେ ୫୩ଜଣ ଫେଲ ହୋଇଥିବା ଜଣାଯାଇଛି ।

## ଯୁକ୍ତ ୨ ପରୀକ୍ଷା ଫଳକୁ ନେଇ ଖୁସିର ଲହରୀ

ଜଗତସିଂହପୁର,(ସବ୍ୟୁ) :ମହିଳୋ ସ୍ଥିତ ଉତ୍କଳ ଭାରତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚଳିତ ବର୍ଷ ଯୁକ୍ତ ୨ ପରୀକ୍ଷାରେ ଛାତ୍ରଛାତ୍ରୀମାନଙ୍କ ଫଳାଫଳକୁ ନେଇ ଖୁସିର ଲହରୀ ଖେଳି ଯାଇଛି ।ଚଳିତ ବର୍ଷ କଳା, ବିଜ୍ଞାନ ଓ ବାଣିଜ୍ୟରେ ଫଳାଫଳ ଭଲ ହୋଇଥିବାରୁ ଅଧକ୍ଷ ଡକ୍ଟର ସୁଧୀର କୁମାର ମହାନ୍ତି ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।ଉତ୍କଳ ଭାରତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କଳାରେ ୧୨୨ ଜଣ ପରୀକ୍ଷା ଦେଇଥିବା ବେଳେ ବିଜ୍ଞାନରେ ୬୩ ଓ ବାଣିଜ୍ୟରେ ୩୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ ।ସେମାନଙ୍କ ମଧ୍ୟରୁ କଳାରେ ୧୨୨ ଜଣ ପରୀକ୍ଷାର୍ଥୀ ମାନଙ୍କ ମଧ୍ୟରୁ ୧୦୭ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି ।ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୭ ଜଣ,ଦ୍ୱିତୀୟ ଶ୍ରେଣୀରେ ୩୫ ଓ ତୃତୀୟ ଶ୍ରେଣୀରେ ୬୫ ଜଣ କୃତକାର୍ଯ୍ୟ ହୋଇଛନ୍ତି ।କଳାରେ ସୌରବ୍ରତ ସାହୁ ସର୍ବାଧୀକ ୪୨୬ ନମ୍ବର ରଖିଛନ୍ତି ।ସେହିପରି ବିଜ୍ଞାନରେ ୬୩ ଜଣ ପରୀକ୍ଷାର୍ଥୀ ମାନଙ୍କ ମଧ୍ୟରୁ ୬୦ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି ।ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୩୬ ଜଣ,ଦ୍ୱିତୀୟ ଶ୍ରେଣୀରେ ୨୩ ଓ ତୃତୀୟ ଶ୍ରେଣୀରେ ୦୧ ଜଣ କୃତକାର୍ଯ୍ୟ ହୋଇଛନ୍ତି ।ବିଜ୍ଞାନରେ ସୁଦିପ୍ତା ବାରିକ ସର୍ବାଧୀକ ୪୪୭ ନମ୍ବର ରଖିଛନ୍ତି ।ସେହିପରି ବାଣିଜ୍ୟରେ ୩୦ ଜଣ ପରୀକ୍ଷାର୍ଥୀ ମାନଙ୍କ ମଧ୍ୟରୁ ୨୭ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି ।ସେମାନଙ୍କ ମଧ୍ୟରୁ ଦ୍ୱିତୀୟ ଶ୍ରେଣୀରେ ୮ ଓ ତୃତୀୟ ଶ୍ରେଣୀରେ ୧୯ ଜଣ କୃତକାର୍ଯ୍ୟ ହୋଇଛନ୍ତି ।ବାଣୀଜ୍ୟରେ ସେକ ହସମତ ଅଲ୍ଲୀ ସର୍ବାଧୀକ ୩୩୮ ନମ୍ବର ରଖିଛନ୍ତି ।ଏହି ଛାତ୍ରଛାତ୍ରୀମାନଙ୍କ କୃତକାର୍ଯ୍ୟ ପାଇଁ ଉତ୍କଳ ଭାରତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଅନନ୍ତ ନାରାୟଣ ଚୌଧୁରୀ,ସୁରେନ୍ଦ୍ର କୁମାର ରଥ,ପ୍ରଶାନ୍ତ କୁମାର ସ୍ୱାଇଁ,ପ୍ରତିମା ଦାଶ,ମାନସୀ ସାହୁ,ସମ୍ବିତ ରଥ,ବିଭୂତି ଭୂଷଣ ଦାସ,ସନ୍ତୋଷ କୁମାର କାନୁନଗୋ,ପ୍ରସନ୍ନ ସ୍ୱାଇଁ,ବୈକୁଣ୍ଠନାଥ ଜେନା,ସୁରେନ୍ଦ୍ରନାଥ ନାୟକ,ବସନ୍ତ କୁମାର ପରିଡା,ସୁଶାନ୍ତ କୁମାର ସାହୁ,ପ୍ରବୀଣ କୁମାର ମହାନ୍ତି ପ୍ରମୁଖ ଛାତ୍ରଛାତ୍ରୀମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

## ଯୁକ୍ତ ଦୁଇ କଳାରେ ସବିତା, ବାଣିଜ୍ୟରେ ପ୍ରଭାତ, ବିଜ୍ଞାନରେ ଶୁଭସ୍ମିତା ବ୍ଲକ ଟପ୍ପର

ରାଜନଗର, (ସବ୍ୟୁ) : ଯୁକ୍ତ ଦୁଇ ବାଣିଜ୍ୟ , କଳା ଓ ବିଜ୍ଞାନ ପରୀକ୍ଷା ଫଳ ଗତକାଲି ପ୍ରକାଶ ପାଇଛି । ରାଜନଗର ସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଯୁକ୍ତ ଦୁଇ ବାଣିଜ୍ୟରେ ପ୍ରଭାତ ବାରିକ ୪୫୩ ମାର୍କ ରଖି ଉତୀର୍ଣ୍ଣ ହୋଇଛନ୍ତି । ପ୍ରଭାତ ରାଜନଗର ବ୍ଲକରେ ବାଣିଜ୍ୟ ବିଭାଗରେ ଟପ୍ପର ହୋଇଛନ୍ତି । ରାଜନଗରସ୍ଥିତ ଭାରତ ମାତା କୋଚିଙ୍ଗ ସେଣ୍ଟରରେ ସେ ଶିକ୍ଷାଦାନ କରୁଥିଲେ । ତାଙ୍କ ସଫଳତାରେ ଭାରତମାତା କୋଚିଙ୍ଗ ସେଣ୍ଟରର ଅଧକ୍ଷ ସଞ୍ଜୟ କୁମାର ବାଗ ଶୁଭେଛା ଜଣାଇଛନ୍ତି । ଏହି ମହାବିଦ୍ୟାଳୟର ଶୁଭସ୍ମିତା ରାଉତ ଯୁକ୍ତ ଦୁଇ ବିଜ୍ଞାନରେ ୪୮୬ ମାର୍କ ରଖି ରାଜନଗର ବ୍ଲକର ଟପ୍ପର ହୋଇଛନ୍ତି । ସେହିପରି ରାଜନଗର ବ୍ଲକ ଅନ୍ତର୍ଗତ ନାଗା ନାରାୟଣ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ସବିତା ଜାନା ଯୁକ୍ତ ଦୁଇ କଳାରେ ୫୧୫ ମାର୍କ ରଖି ବ୍ଲକ ଟପର ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ବ୍ଲକ ଟପର ସବିତା କୁ ବିଦ୍ୟାଳୟର ଅଧକ୍ଷ ମାନସ ରଞ୍ଜନ ମିଶ୍ର ଓ ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ କାର୍ତ୍ତିକ ଚନ୍ଦ୍ର ବେହେରା ଓ ଅଧ୍ୟାପକ ଅଧ୍ୟାପିକା ମାନେ ଶୁଭେଚ୍ଛା ଜଣାଇଛନ୍ତି ।

## ୧୯୯୩ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

ପାଣିକୋଇଲି, (ସବ୍ୟୁ) : କୋରାଇ ବ୍ଲକ ଅନ୍ତର୍ଗତ ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟର୧୯୯୩ ବ୍ୟାଚର ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ କରଦା ପଂଚାୟତର କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପୁର୍ବତନ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ ଚିନ୍ତାମଣୀ ବେହେରା ଉଦଘାଟନ କରିଥିଲେ। ଇତ୍ୟବସରରେ ବିଦ୍ୟାଳୟର ଛାତ୍ର ସ୍ୱର୍ଗତ ଅଶୋକ କୁମାର ପଣ୍ଡା, ସ୍ୱର୍ଗତ ସଂଜୟ କୁମାର ସାହୁ, ସ୍ୱର୍ଗତ ଅବନୀ କୁମାର ପଣ୍ଡାଙ୍କୁ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଶ୍ରଦ୍ଧାସୁମନ ଅର୍ପଣ କରାଯିବା ସହିତ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବର୍ତମାନର ସ୍ତତିରେ କିଏ କେଉଁ ପରିସ୍ଥିତିରେ ଅଛି, କଣ କରୁଛି ଓ ପାରିବାରିକ ସମସ୍ୟ କଣ ରହିଛି ଏନେଇ ନିଜ ନିଜ ମଧ୍ୟରେ ଭାବ ବିନିମୟ କରିଥିଲେ । ସ୍ୱାର୍ଥପର ଦୁନିଆରେ ପରସ୍ପର ମଧ୍ୟରେ ବନ୍ଧୁତା ବଜାୟ ରଖିବାକୁ ଏହା ଏକ ପ୍ରୟାସ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମାନସ କୁମାର ଦାସ, ପ୍ରେମେଶ ମହାକୁଡ଼, ବିଜୟ ସେଠୀ, କାମିନୀ ବାରିକ, ଅନୁସୟା ସାହୁ, ଅଂଜୁବାଳଳା ସାହୁ, ମନୋରମା ସ୍ୱାଇଁ ସମେତ ଅନ୍ୟମାନେ ଭାଗ ନେଇଥିଲେ।

## କଲେଜ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ନିଶ୍ଚିନ୍ତକୋଇଲି, (ସବ୍ୟୁ) : ନିଶ୍ଚିନ୍ତକୋଇଲି ବ୍ଲକ ଅଧିନ ଅସୁରେଶ୍ୱର ସୁଭଦ୍ରା ମହତାବ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୨ ପରୀକ୍ଷାରେ ଟପ୍ପର ହୋଇଥିବା ବିଦ୍ୟାର୍ଥୀ ମାନଙ୍କୁ କଲେଜ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି । କଲେଜ ଅଧକ୍ଷ ବିରଞ୍ଚିନାରାୟଣ ପଣ୍ଡାଙ୍କ ପୌରହିତ୍ୟରେ ଚଳିତବର୍ଷ କଳାରେ ଶୁଭଶ୍ରୀ ମହାରଣା ୫୦୧ନଂ ରଖି କଳାରେ ଟପର ହୋଇଥିବା ବେଳେ ଆଶୁତୋଷ ନାୟକ ୪୮୨ରଖି ବିଜ୍ଞାନରେ ଟପ୍ପର ଏବଂ ନାଜିଆ ଫିରଦୋସ ୩୬୯ନମ୍ବର ରଖି ବାଣିଜ୍ୟରେ ଟପ୍ପର ହୋଇଥିବାରୁ ତାଙ୍କୁ ମାନପତ୍ର, ଉପଢୌକନ,ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅଧ୍ୟାପକ ମନମୋହନ ଖଟୁଆ, ରଜନୀକାନ୍ତ ପଣ୍ଡା, ରଂଜନ କୁମାର ସେଠୀ, ସୁଧୀର କୁମାର ଦାସ, ବିଜୟ କୁମାର ପରିଡ଼ା ,ରମାକାନ୍ତ ସାମଲ ଓ ଶିଶିର ରାଉତ ପ୍ରମୁଖ ଯୋଗ ଦେଇ କୃତୀ ବିଦ୍ୟାର୍ଥୀ ମାନଙ୍କୁ ଉଚ୍ଚ ଶିକ୍ଷାରେ ବିଭିନ୍ନ ସୋପାନ ଚଢିବା ପାଇଁ ସୁପରାମର୍ଶ ପ୍ରଦାନ କରିବା ସହିତ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

## ବ୍ଲକ ଟପ୍ପରଙ୍କୁ ଧର୍ମଶାଳା ପ୍ରେସ କ୍ଲବ ପକ୍ଷରୁ ସମ୍ବର୍ଦ୍ଧନା




ଧର୍ମଶାଳା,(ସବ୍ୟୁ) : ଗତକାଲି ରାଜ୍ୟରେ ଯୁକ୍ତ ୨ ପରୀକ୍ଷା ଫଳ ପ୍ରକାଶ ପାଇଛି । ଏହି କ୍ରମରେ ଧର୍ମଶାଳା ବ୍ଲକ ଜାରକାସ୍ଥିତ ରେନେସା କଲେଜର ଯୁକ୍ତ ୨ ବିଜ୍ଞାନ ଛାତ୍ର କାହ୍ନୁଚରଣ ସେଠୀ ବ୍ଲକରେ ଅଧିକ ନମ୍ବର ରଖି ଏ୧ରେ ଉତିର୍ଣ୍ଣ ହୋଇଛନ୍ତି । ଏଥିଲାଗି ଆଜି ଧର୍ମଶାଳା ପ୍ରେସ କ୍ଲବ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଆଜି ପୁର୍ବାହ୍ନରେ ଧର୍ମଶାଳା ପ୍ରେସ କ୍ଲବ ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ବରିଷ୍ଠ ସାମ୍ବାଦିକ ବଟକୃଷ୍ଣ ପରିଡ଼ା, ପୂର୍ଣ୍ଣଚନ୍ଦ୍ର ଶତପଥୀ, ଅଖିଳ କୁମାର ସ୍ୱାଇଁ ଉପସ୍ଥିତ ରହି ବ୍ଲକରେ ଟପର ହୋଇଥିବା ଛାତ୍ର କାହ୍ନୁଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ କ୍ଲବର ସଦସ୍ୟ ସୁବ୍ରତ କୁମାର ଜେନା , ବିନୋଦ ବିହାରୀ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ । ଛାତ୍ର କାହ୍ନୁ ତାଙ୍କର ଏହି ସଫଳତାର ଶ୍ରେୟ ଗୁରୁଜୀ ବିଭୂତି ଭୂଷଣ ରାଉତ, ଅଧକ୍ଷ ଜ୍ଞାନରଞ୍ଜନ ଜେନା, ଚିନ୍ମୟ କୁମାର ସାହୁ ଓ ବାପା ଭୀମସେନ ସେଠୀ ଓ ମାଆ ପ୍ରମିଳା ସେଠୀଙ୍କୁ ଦେଇଥିଲେ। ଭବିଷ୍ୟତରେ ସେ ଜଣେ ଡ଼ାକ୍ତର ହେବେ ବୋଲି କହିଥିଲେ। କହ୍ନୁ ଜଣେ ଗରିବ ଘରର ମେଧାବୀ ଛାତ୍ର ହୋଇଥିବାରୁ ଉଚ୍ଚ ଶିକ୍ଷା ପାଇଁ ତାଙ୍କୁ ସହାୟତା ଯୋଗାଇ ଦେବାକୁ ଦାବିହୋଇଛି।

## ଗଛ କାଟିବାକୁ ନେଇ ମରଣାନ୍ତକ ଆକ୍ରମଣ

ମାହାଙ୍ଗା, (ସବ୍ୟୁ) : ଗତ ୧୪ ତାରିଖ ବୁଧବାର ଦିନ ମାହାଙ୍ଗା ଥାନା ଅନ୍ତର୍ଗତ ବୁଦୁକୁନିଆ ଗ୍ରାମର ବଟକୃଷ୍ଣ ଦାସ ନିଜ ବିଲ ନିକଟରେ ଥିବା ଏକ ଆକାଶୀ ଗଛକୁ ବିକ୍ରି କରିଥିବା ସମୟରେ କିଛି ଲୋକଙ୍କ ସହିତ ବଚସା ହୋଇଥିଲା । ଏହି ବଚସାକୁ କେନ୍ଦ୍ର କରି ମଲ୍ଲୀପୁରା ଗ୍ରାମର ଦାମୋଦର ସ୍ୱାଇଁଙ୍କ ପୁତ୍ର ଶିବାନନ୍ଦ ସ୍ୱାଇଁ (ଗୋବରା) ବଟକୃଷ୍ଣଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ । ଠେଙ୍ଗା ମାଡରେ ବଟକୃଷ୍ଣଙ୍କ ହାତ ଭାଙ୍ଗିଯାଇଥିଲା ବେଳେ ମୁଣ୍ଡରେ ଶକ୍ତ ଆଘାତ ଲାଗିଛି । ବଟକୃଷ୍ଣଙ୍କ ଅବସ୍ଥା ଗୁରୁତର ହେବାରୁ ଚିକିତ୍ସା ନିମନ୍ତେ ତାଙ୍କୁ କଟକ ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ଅପରପକ୍ଷରେ ଆକ୍ରମଣ କାରୀ ଧମକ ଦେଇ କହିଥିଲା ଯେ ଯଦି ମୋ ବିରୁଦ୍ଧରେ ଥାନାରେ ଅଭିଯୋଗ କର ମୁଁ ତୋର ବଂଶ ଲୋପ କରିଦେବି । ଏ ସଂପର୍କରେ ବଟକୃଷ୍ଣଙ୍କର ପୁଅ ସ୍ମୃତିରଂଜନ ଦାସ ତା. ୧୫.୦୫.୨୦୨୫ ରିଖରେ ମାହାଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ମାହାଙ୍ଗା ଥାନା ପୋଲିସ କେଶ ନଂ ୧୪୪/୨୫ ରେ ମାମଲା ରୁଜୁ କରିଥିଲା ବେଳେ ବର୍ତ୍ତମାନ ସୁଦ୍ଧା ଆକ୍ରମଣକାରୀଙ୍କୁ ଗିରଫ କରିନଥିବା ଯୋଗୁ ସାଧାରଣରେ ଅସନ୍ତୋଷ ବଢିବାରେ ଲାଗିଛି । ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ସହ ବଟକୃଷ୍ଣଙ୍କୁ ନ୍ୟାୟ ପ୍ରଦାନ ନିମନ୍ତେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସେ ଆକୁଳ ନିବେଦନ କରିଛନ୍ତି ।

## ଲାଞ୍ଚ ନେବା ଅଭିଯୋଗ : ତିଗିରିଆ ଏଏସଆଇ ଗିରଫ

ଆଠଗଡ଼, (ସବ୍ୟୁ): ଗୁରୁବାର ଦିନ କଟକ ଜିଲ୍ଲାର ତିଗିରିଆ ପୁଲିସ ଷ୍ଟେସନର ଜଣେ ସହକାରୀ ସବ-ଇନ୍ସପେକ୍ଟର (ଏଏସଆଇ)ଙ୍କୁ ୫,୦୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ଓଡ଼ିଶା ଭିଜିଲାନ୍ସ ଗିରଫ କରିଛି ।ଗିରଫ ଅଧିକାରୀ ଜଣକ କଟକ ଜିଲ୍ଲାର ତିଗିରିଆ ପୁଲିସ ଷ୍ଟେସନର ଏଏସଆଇ ପ୍ରଦୀପ କୁମାର ବେହେରା ଜଣାଯାଇଛି । ଗ୍ରାମ ବିବାଦ ସମ୍ପର୍କରେ ଅଭିଯୋଗକାରୀଙ୍କଠାରୁ ଲାଞ୍ଚ ଗ୍ରହଣ କରୁଥିବା ସମୟରେ ଏଏସଆଇ ପ୍ରଦୀପଙ୍କୁ ଧରାପଡ଼ିଥିଲେ । ବିବାଦରେ ସାମିଲ ଥିବା ଉଭୟ ପକ୍ଷ ପାଲଟା ରିପୋର୍ଟ ଦାଖଲ କରିଥିଲେ, ଯାହା ପରେ ମାମଲାର ପାରସ୍ପରିକ ଆପୋଷ ସମାଧାନ କରାଯାଇଥିଲା ।ସମାଧାନ ସତ୍ତ୍ୱେ, କାଉଣ୍ଟର ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ନ ନେବା ପାଇଁ ଏଏସଆଇ ଅଭିଯୋଗକାରୀଙ୍କଠାରୁ ଲାଞ୍ଚ ଦାବି କରିଥିବା ଅଭିଯୋଗ ହୋଇଥିଲା ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି, ଭିଜିଲାନ୍ସ ଅଧିକାରୀମାନେ ଜାଲ ବିଛାଇ ବେହେରାଙ୍କୁ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ସମୟରେ ଗିରଫ କରିଥିଲେ । ତାଙ୍କ ନିକଟରୁ ୫ ହଜାର ଟଙ୍କା ପ୍ରମାଣ ଭାବରେ ଜବତ କରାଯାଇଛ । ଗିରଫ ପରେ, ସମ୍ଭାବ୍ୟ ଆୟ ବର୍ହିଭୂତ ସମ୍ପତ୍ତିର ତଦନ୍ତ ପାଇଁ ବେହେରାଙ୍କ ସହିତ ଜଡିତ ଥିବା ତିନୋଟି ସ୍ଥାନରେ ଏକକାଳୀନ ତଲାସୀ କରାଯାଉଛି ।ଏନେଇ କଟକ ଭିଜିଲାନ୍ସ ଥାନାରେକେସ୍ ନମ୍ବର ୧୨/୨୦୨୫)ଛ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି ।

## କୁହୁଡିରେ ଲବଣ ସତ୍ୟାଗ୍ରହ ସ୍ମୃତି ସ୍ମାରକୀ ଦିବସ ପାଳିତ




ଅସ୍ତରଙ୍ଗ ,(ସବ୍ୟୁ) :ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ସହୀଦ ସ୍ମୃତି ପୀଠ କୁହୁଡି ଠାରେ ବୁଧବାର ଦିନ ଲବଣ ସତ୍ୟାଗ୍ରହ ସ୍ମୃତି ସ୍ମାରକୀ ଦିବସ ପୁରୀ ଜିଲ୍ଲା ପ୍ରଶାସନ,ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି କାକଟପୁର ଅସ୍ତରଙ୍ଗ ପକ୍ଷରୁ ଏହା ପାଳିତ ହୋଇଯାଇଛି।ଏହି ଅବସରରେ ସଂସ୍କୃତି ବିଭାଗ ପକ୍ଷରୁ ପ୍ରସ୍ତୁତ ପଣ୍ଡିତ ନିଳକଣ୍ଠ ଦାସଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମକୁ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଉଦଘାଟନ କରିବା ସହ ସହୀଦ ମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ନିଜ ଅଭିଭାଷଣ ଶ୍ରୀମତୀ ପରିଡା ସହୀଦ ମାନଙ୍କ ଅବଦାନ ଓ ସ୍ୱାଧୀନତା ସଂଗ୍ରାମରେ ସେମାନଙ୍କ ତ୍ୟାଗ ଅବର୍ଣ୍ଣନୀୟ ବୋଲି କହିଥିଲେ। ପ୍ରାଚୀ ନଦୀର ସ୍ୱଚ୍ଛତା ଓ ପାର୍ଶ୍ୱରେ ଥିବା ମଠ ମନ୍ଦିରର ବିକାଶ ପାଇଁ ୪୦୦ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି। ଅସ୍ତରଙ୍ଗରେ ପୋର୍ଟ, ପର୍ଯ୍ୟଟନ, ରାଜପଥ ଓ ସମୁଦ୍ର ଦୁଃସାହସିକ କ୍ରୀଡା ବା ଆଡଭେନଚର ସ୍ପୋର୍ଟ୍ସର ବିକାଶ କରାଯିବ ବୋଲି ସୂଚନା ଦେବା ସହ ସଂଘର୍ଷର ମାଟି ଶକ୍ତିଶାଳୀ ହୋଇଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ଲୋକସଭା ସାଂସଦ ବିଭୂପ୍ରସାଦ ତରାଇ କୁହୁଡିକୁ ଆଦର୍ଶ ଗ୍ରାମ ଭାବେ ଗ୍ରହଣ କରିବାକୁ ସୂଚନା ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ପୁସ୍ତକାର ତଥା ଗାନ୍ଧୀ ବାଦୀ ପ୍ରହ୍ଲାଦ ସିଂହ ଲବଣ ସତ୍ୟାଗ୍ରହ ଓ ମହାତ୍ମାଗାନ୍ଧୀ ଙ୍କ ସମ୍ପର୍କରେ ବିଷଦ ଆଲୋକପାତ କରିଥିଲେ। କାକଟପୁର ବିଧାୟକ ତୁଷାର କାନ୍ତି ବେହେରା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ଆରତୀ ନାଏକ, କାକଟପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀଧର ନାୟକ ଯୋଗ ଦେଇ ସଂଗ୍ରାମୀ ମାନଙ୍କ ତ୍ୟାଗ, ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ଲବଣ ସତ୍ୟାଗ୍ରହ ସମ୍ପର୍କରେ ଏକ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିବା ବେଳେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତା ଅଶୋକ କୁମାର ଶତପଥୀ ପଠନ କରିଥିଲେ। ପ୍ରାରମ୍ଭରେ ଉତ୍କଳ ବନ୍ଦନା ପରିବେଷଣ ସହ ଲବଣ ସତ୍ୟାଗ୍ରହ ର ସହୀଦ ଓ ପହେଲଗାମର ମୃତକଙ୍କ ସ୍ମୃତି ଉଦ୍ଦେଶ୍ୟ ରେ ନିରବ ପ୍ରାର୍ଥନା କରାଯାଇଥିଲା। ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ସଭାପତି ଅମିୟ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସ୍ୱାଗତ କରିଥିବା ବେଳେ ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିବିଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଓ କଳାକାର ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ବ୍ଲକ ଛକ ଠାରୁ ଏକ ସଚେତନତା ଶୋଭାଯାତ୍ରା କୁହୁଡି ପର୍ଯ୍ୟନ୍ତ ଆସିଥିଲା। ବନବିହାରୀ ଗ୍ରହାଚାର୍ଯ୍ୟ ଲବଣ ସତ୍ୟାଗ୍ରହ ଉପରେ ଆଧାରିତ ପାଲା ପରିବେଷଣ କରିଥିବା ବେଳେ ସଂସ୍କୃତି ବିଭାଗ ପକ୍ଷରୁ ନାଚଘର ଅନୁଷ୍ଠାନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ପ୍ରତ୍ୟୁଷରୁ ରାମଧୂନ ପରିବେଷଣ ଓ ଗାନ୍ଧିଜୀ ଙ୍କ ପ୍ରିୟ ଭଜନ ବୈଷ୍ଣବ ଜନ ତୋ ପରିବେଷଣ କରାଯାଇଥିଲା। ଅପରେସନ ସିନ୍ଦୁର ର ସଫଳତା ପାଇଁ ସେନାକୁ ଧନ୍ୟବାଦ ଜଣାଇ ଏକ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।ସ୍ଥାନୀୟ ବିଡ଼ିଓ ସସ୍ମିତା ବେହେରା, ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି,ଉତ୍କଳ ସଂଗ୍ରାମ ସ୍ମୃତି ସମିତି ର କର୍ମକର୍ତ୍ତା, ଲୋକ ପ୍ରତିନିଧି, ସରକାରୀ ଅଧିକାରୀ ଓ କର୍ମଚାରୀ,ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଫଳକ ଭଙ୍ଗାକୁ ନେଇ ଥାନାରେ ଅଭିଯୋଗ, ତଦନ୍ତ ଆରମ୍ଭ




ପିପିଲି, (ସବ୍ୟୁ) : ପୁରୀ ଜିଲ୍ଲାର ନିମାପଡା ନିର୍ବାଚନ ମଣ୍ଡଳି ପରେ ଏବେ ପିପିଲିରେ ଫଳକ ଭଙ୍ଗା ରାଜନୀତି ଜୋର ଧରିଛି । ବୁଧବାର ଦିନ ପିପିଲି ବିଜ୍ଞାପିତ ଅଂଚଳରେ ଫଳକ ମରାଯାଇ ଭିତି ପ୍ରସ୍ତର ସ୍ଥାପନ କରାଯାଇଥିବା ବେଳେ କେହି ଦୁର୍ବୃତ୍ତ ସେହି ଫଳକଟିକୁ ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଛି । ଯାହାକୁ ନେଇ ଏହି ଫଳକ ଭଙ୍ଗା ରାଜନିତୀ ପିପିଲିରେ ଚର୍ଚ୍ଚାର ବିଷୟ ପାଲଟିଛି । ସୂଚନା ଥାଉକି ବୁଧବାର ଦିନ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପିପିଲି ବିଜ୍ଞାପିତ ଅଂଚଳ ପରିଷଦରେ ବହୁମୁଖି ପ୍ରଶସ୍ତ ଗୃହ (୫ଶହ କ୍ଷମତା )ବିଶିଷ୍ଟ ନିର୍ମାଣ ପାଇଁ ଭିତିପ୍ରସ୍ତର ସ୍ଥାପନ ହୋଇଥିଲା । ଏହାକୁ ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର,ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ କରକମଳରେ ଭିତି ପ୍ରସ୍ତର ସ୍ଥାପନ କରାଯାଇଥିଲା। ପିପିଲି ଥାନା ଅଧିକାରୀ ସୌମେନ୍ଦ୍ରୁ ଶେଖର ତ୍ରିପାଠୀ ,ପିପିଲି ଏନଏସି ସାଂସଦ ପ୍ରତିନିଧୀ ସୁକାନ୍ତ କୁମାର ଭଞ୍ଜ,ଏନଏସିର କାର୍ଯ୍ୟ ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ତ୍ୱରାନୀତ କରିଥିଲେ । ଭିତିପ୍ରସ୍ତର ସ୍ଥାପନକୁ କେଇ ଘଣ୍ଟା ନପୁରୁଣୁ କେହି ଦୁର୍ବୃତ ଏହି ନାମ ଫଳକକୁ ଭାଙ୍ଗି ଦେଇଛି ।ଏହାକୁ ନେଇ ରାଜନୈତିକ ଉଷ୍ମତା ଦେଖାଦେଇଛି। ଏସମ୍ପର୍କରେ ପିପିଲି ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ତାର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ।ପିପିଲି ଥାନାରେ ଏନେଇ ସାଂସଦ ପ୍ରତିନିଧୀ ସୁକାନ୍ତ ଭଞ୍ଜ ଲିଖିତ ଅଭିଯୋଗ ଦେଇଥିବା ବେଳେ ଅଭିଯୋଗକୁ ଭିତିକରି ପୋଲିସ ତଦନ୍ତ ଜାରୀ ରଖିଥିବା ଥାନା ଅଧିକାରୀ ଶ୍ରୀ ତ୍ରିପାଠୀ ସୁଚନା ଦେଇଛନ୍ତି ।

## ପୁନର୍ବାର ଉପକୂଳ ରାଜପଥ ଟେଣ୍ଡର ବାତିଲ

ନିରାକାରପୁର, (ସବ୍ୟୁ): ଉପକୂଳ ରାଜପଥ ପାଇଁ ଟେଣ୍ଡର ଆହ୍ୱାନ କରିଥିଲା ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ( ଏନଏଚଆଇ )୩୧୬ ( କ )ରେ ନାମିତ ଏହି ଜାତୀୟ ରାଜପଥଟି ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗି ବ୍ଲକ ଅନ୍ତର୍ଗତ ବଡ଼ପୋଖରିଆ ନିକଟରେ ଥିବା ସୁନେଇ ରୁପେଇ ମନ୍ଦିର ଠାରୁ ଆରମ୍ଭ ହୋଇ ପଶ୍ଚିମ ବଙ୍ଗ ର ଦିଘା ଯାଏ ଯିବ ପାଇଁ ସମସ୍ତ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥିଲା।ଜମି ଅଧିଗ୍ରହଣ ପାଇଁ ଜମି ଚିହ୍ନଟ ମଧ ଶେଷ ହୋଇଥିଲା।ଏହାର ୪ ଟି ପ୍ୟାକେଜ ପାଇଁ ଚଳିତ ବର୍ଷ ଜାନୁଆରୀ ମାସ ୮ ତାରିଖ ଦିନ ଜାତୀୟ ରାଜପଥ ବିଭାଗ ଟେଣ୍ଡର ଆହ୍ୱାନ କରିଥିଲା । ଏହି ୪ ଟି ପ୍ୟାକେଜ ମଧ୍ୟରୁ ପ୍ୟାକେଜ – ୧ ଟି ଖୋର୍ଦ୍ଧା ଜିଲ୍ଲା ର ବଡ଼ପୋଖରିଆ ଠାରୁ ପୁରୀ ଯାଏଁ ବ୍ୟାପ୍ତ।ଏହାର ଦୈର୍ଘ୍ୟ ୪୭ କିମି ରହିଅଛି ଛ ଏହାକୁ ଜାତୀୟ ରାଜପଥ ବିଭାଗର ହାଇବ୍ରିଡ଼ ଅଣୂଇଟି ମୋଡ଼ ରେ ନିର୍ମାଣ କରାଯିବା ପାଇଁ ଥିଲା । ଏହା ସମ୍ପୂର୍ଣ୍ଣ ଆକ୍ସେସ କଣ୍ଟ୍ରୋଲଡ଼ ଜାତୀୟ ରାଜପଥ ହେବ ସହ ଗ୍ରୀନଫିଲଡ ଅଲାଇନମେଣ୍ଟ ଅଟେ। ଏହି ପ୍ୟାକେଜ ର ନିର୍ମାଣ ଖର୍ଚ୍ଚ ୧୮୭୫ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲା। ସେହିପରି ପ୍ୟାକେଜ ୨ ପୁରୀ ରୁ କାକଟପୁର ପାଇଁ ୧୫୯୨ କୋଟି , ପ୍ୟାକେଜ ୩ କାକଟପୁର ଠାରୁ ଏରସମା ପାଇଁ ୨୨୦୧ କୋଟି ଏବଂ ପ୍ୟାକେଜ ୪ ଏରସମା ଠାରୁ ପାରାଦୀପ ପାଇଁ ୧୩୭୦ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲା।ଏନଏଚଏଆଇ ଆଜି ଉପକୂଳ ରାଜପଥ ନିର୍ମାଣ ନିମନ୍ତେ ଡ଼ାକିଥିବା ସମସ୍ତ ୪ ଗୋଟି ପ୍ୟାକେଜ ର ଟେଣ୍ଡର କୁ ରଦ୍ଦ ବା ବାତିଲ କରି ଦେଇଥିବା ସୂଚନା ମିଳିଛି । ଏହି ପ୍ରକଳ୍ପ କୁ ବହୁତ ସାରା ନୀତିଗତ ଏବଂ ବୈଷୟିକ ଆନୁଷଙ୍ଗିକ ଅନୁମୋଦନ ମିଳିବା ଅନେକ ବିଳମ୍ବ ହେଇଥିଲା । ଗୁରୁବାର ଦିନ ଜାତୀୟ ରାଜପଥ ପ୍ରାଧିକରଣ ବିଭାଗ ଏହି ପ୍ରକଳ୍ପର ସମସ୍ତ ଟେଣ୍ଡର ଗୁଡିକୁ ବାତିଲ କରି ଦେଇଛି । କ୍ରମାଗତ ଦ୍ୱିତୀୟ ଥର ପାଇଁ ଏହି ପ୍ରକଳ୍ପ ପାଇଁ ଡକାଯାଇ ଥିବା ସମସ୍ତ ୪ ଗୋଟି ଟେଣ୍ଡର କୁ ବାତିଲ କରି ଦେଇଛି ଏନଏଚଏଆଇ। ଫଳରେ ଏହାର ନିର୍ମାଣ ନେଇ ଅନିଶ୍ଚିତତା ଦେଖାଦେଇଛି।

## ଯୁକ୍ତ୨ ବିଜ୍ଞାନରେ ଅଭୟ ଓ କଳାରେ ସୁଚିତ୍ର ବ୍ଲକରେ ପ୍ରଥମ



ଦଶପଲ୍ଲା,(ସବ୍ୟୁ) : ପ୍ରକାଶ ପାଇଛି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨ ବିଜ୍ଞାନ,କଳା,ବାଣିଜ୍ୟ ପରୀକ୍ଷା ଫଳ । ଏହି ପରୀକ୍ଷା ରେ ବିଜ୍ଞାନ ବିଭାଗ ରେ ସ୍ଥାନୀୟ ବୃନ୍ଦାବନ ସୁବୁଧି ମହାବିଦ୍ୟାଳୟର ଛାତ୍ର ଅଭୟ ସାହୁ ସମୁଦାୟ ୫୫୮ ମାର୍କ ରଖି ଦଶପଲ୍ଲା ବ୍ଲକରେ ପ୍ରଥମ ହୋଇଥିବା ବେଳେ ୨ କଳାରେ ସ୍ଥାନୀୟ କେପିଡ଼ି ମହିଳା ମହାବିଦ୍ୟାଳୟର ଛାତ୍ରୀ ସୁଚିତ୍ର ଖଟେଇ ସର୍ବାଧିକ ୫୩୬ ମାର୍କ ରଖି ବ୍ଲକ ଟପ୍ପର ହୋଇଛନ୍ତି । ସେହିପରି ଦଶପଲ୍ଲା ବ୍ଲକ ସ୍ତରରେ ଥିବା ପାଞ୍ଚଟି କଲେଜର ଫଳାଫଳ ମଧ୍ୟରୁ ଦଶପଲ୍ଲାସ୍ଥିତ ବୃନ୍ଦାବନ ସୁବୁଦ୍ଧି ମହାବିଦ୍ୟାଳୟର ୨କଳାରେ ପ୍ରଥମ ସ୍ଥାନରେ ୫୯ ଜଣ , ୨ୟ ସ୍ଥାନରେ ୪୫ ଜଣ ଓ ୩ୟ ସ୍ଥାନରେ ୬୭ ଜଣ ଛାତ୍ର ଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେହିଭଳି ୨ ବିଜ୍ଞାନ ରେ ପ୍ରଥମ ସ୍ଥାନରେ ୧୫୬ ଜଣ, ୨ୟ ସ୍ଥାନରେ ୨୪ ଓ ୩ୟ ସ୍ଥାନରେ ୫ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ଦଶପଲ୍ଲା ସ୍ଥିତ କୃଷ୍ଣପ୍ରିୟା ଦେବୀ ମହିଳା ମହାବିଦ୍ୟାଳୟରେ ୨୧୩ଜଣ ଛାତ୍ରୀ କଳାରେ ପରୀକ୍ଷା ଦେଇଥିବା ବେଳେ ଏଥି ମଧ୍ୟରୁ ପ୍ରଥମ ସ୍ଥାନରେ ୬୬ ଜଣ, ୨ୟ ସ୍ଥାନରେ ୩୯ ଜଣ ଓ ୩ୟ ସ୍ଥାନରେ ୮୫ଜଣ ଛାତ୍ରୀ ପରୀକ୍ଷା ରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ୨୧ ଜଣ ଛାତ୍ରୀ ଫେଲ୍ ହୋଇଥିବା ବେଳେ ୨ ଜଣ ଛାତ୍ରୀ ପରୀକ୍ଷାରେ ଅନୁପସ୍ଥିତ ଥିଲେ ।

ସେହିପରି ବୁଗୁଡ଼ା ମଣିନାଗ ବହୁମୁଖୀ ମହାବିଦ୍ୟାଳୟର ୭୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ଏଥି ମଧ୍ୟରୁ ପ୍ରଥମ ସ୍ଥାନରେ ୯ ଜଣ, ୨ୟ ସ୍ଥାନରେ ୧୧ ଜଣ ଓ ୩ୟ ସ୍ଥାନରେ ୩୭ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୧୪ ଜଣ ଛାତ୍ରଛାତ୍ରୀ ଫେଲ୍ ହୋଇଛନ୍ତି । ବାଣିଗୋଛା ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟରେ ୧୩୨ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରଥମ ସ୍ଥାନରେ ୨୨ ଜଣ, ୨ୟ ସ୍ଥାନରେ ୧୫ ଜଣ ଓ ୩ୟ ସ୍ଥାନରେ ୭୮ ଜଣ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ସେହିପରି ତମନ୍ନା କଲେଜରେ ୬୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୧୧ ଜଣ ପ୍ରଥମ ସ୍ଥାନ, ୨୩ ଜଣ ୨ୟ ସ୍ଥାନ ଓ ୨୫ ଜଣ ଛାତ୍ରଛାତ୍ରୀ ୩ୟ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୮ ଜଣ ଛାତ୍ରଛାତ୍ରୀ ଫେଲ୍ ହୋଇଥିବା ଜଣାପଡିଛି । ଦଶପଲ୍ଲାରେ କୌଣସି ମହାବିଦ୍ୟାଳୟରେବାଣିଜ୍ୟ ବିଭାଗ ନାହିଁ । ବିଶେଷ ଭାବେ ଯୁକ୍ତ ୨ବିଜ୍ଞାନରେ ବ୍ଲକ ପ୍ରଥମ ହୋଇଥିବା ଅଭୟ ଓ ଯୁକ୍ତ୨ କଳା ରେ ବ୍ଲକ ପ୍ରଥମ ହୋଇଥିବା ସୁଚିତ୍ରଙ୍କୁ ନିଜ ମହାବିଦ୍ୟାଳୟ ର ଅଧ୍ୟକ୍ଷ,ଅଧ୍ୟାପକ ,ଅଧ୍ୟାପିକା, ଓ ସାଙ୍ଗସାଥି ମାନେ ଶୁଭେଚ୍ଛା ଜଣାଇଛନ୍ତି ।

## ବନମାଳିପୁର ବଜାରରେ ବୁଲିଲା ବୁଲଡୋଜର

ବାଲିପାଟଣା,(ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ତହସିଲ ଅନ୍ତର୍ଗତ ଅଠାନ୍ତରରୁ ବନମାଳୀପୁର ପୂର୍ତ୍ତ ବିଭାଗ ରାସ୍ତା ସମ୍ପ୍ରସାରଣ ଏବଂ ନବୀକରଣ କାମ ଜୋରସୋରରେ ଜାରି ରହିଛି । ଦୀର୍ଘ ବର୍ଷ ଧରି ରାସ୍ତାର ଉଭୟ ପାର୍ଶ୍ୱ ବେଆଇନ ଦଖଲରେ ଥିଲା । ସରକାରୀ ସମ୍ପତ୍ତିରେ ବେଆଇନ ସ୍ଥାୟୀ ଏବଂ ଅସ୍ଥାୟୀ ନିର୍ମାଣ କରି ବହୁ ବ୍ୟବସାୟିକ ଅନୁଷ୍ଠାନ ଗଢି ଉଠିଥିଲା । ଫଳରେ ରାସ୍ତା ସଂକୁଚିତ ହେବା ଯୋଗୁ ଅନେକ ସମୟରେ ଟ୍ରାଫିକ ସମସ୍ୟା ସହ ଦୁର୍ଘଟଣା ଘଟୁଥିଲା ।

ରାସ୍ତା କାମରେ ବ୍ୟାଘାତ ହେଉଥିଲା।ଛତହସିଲ ପ୍ରଶାସନ ତରଫରୁ କୁଶଭଦ୍ରା ନଦୀ ବନ୍ଧ ବଟ ବଜାରଠାରୁ ହାଟ ଶେଷ ସ୍ଥାନୀୟ ରାଜସ୍ୱନିରୀକ୍ଷକଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ବେଆଇନ ଭାବେ ଗଢି ଉଠିଥିବା ସରକାରୀ ଜାଗା ଚିହ୍ନଟ କରାଯାଇଥିଲା । ଦଖଲ ସ୍ଥାନକୁ ଖାଲି କରିବାକୁ ପ୍ରଶାସନ ନୋଟିସ୍ ପରେ ଗୁରୁବାର ଦଖଲ ମୁକ୍ତ ପାଇଁ ସମୟ ଧାର୍ଯ୍ୟ ହୋଇଥିଲା ।ନୋଟିସ୍ ପାଇଲା ପରେ ୪୦ ଜଣ ଜାଗା ଖାଲି କରିଦେଇଥିଲେ । ଗୁରୁବାର ପ୍ରଶାସନ ତରଫରୁ ୧୨ ବେଆଇନ ନିର୍ମାଣକୁ ବୁଲଡୋଜର ଲଗାଇ ମାଟିରେ ମିଶାଇବା ପ୍ରକ୍ରିୟା ଜାରୀ ରହିଛି । ୬ଟି ଘରୋଇ ଦଖଲ ଉଚ୍ଛେଦ ପାଇଁ ପ୍ରକ୍ରିୟା ଚାଲିଛିଛବାଲିପାଟଣା ତହସିଲଦାର କଳ୍ପନା ଦାସ, ନମାଳୀପୁର ଆର ଆଇ ଆଲୋକ ଜେନା, ରେଭନ୍ୟୁ ସୁପର ଭାଇଜର କାଳନ୍ଦୀ ନାହାକ, ଆର ଆଇ ରାଜକିଶୋର ସାହୁ, ତହସିଲ କର୍ମଚାରୀ ଏବଂ ବାଲିପାଟଣା ପୁଲିସ ଘଟଣା ସ୍ଥଳରେ ଉପସ୍ଥିତ ଥିଲେ । ଜବରଖଲ ଉଚ୍ଛେଦ ଯୋଗୁ ବହୁ ବ୍ୟବସାୟୀ ରୋଜଗାର ହରାଇ ଏବେ ଚିନ୍ତାରେ ପଡିଛନ୍ତି ।


## ଯୁକ୍ତ୨ ବିଜ୍ଞାନରେ ବାଣପୁର ବ୍ଲକରେ ସ୍ମୃତିରେଖା ପ୍ରଥମ ଓ ରାକେଶ ଦ୍ୱିତୀୟ



ବାଲୁଗାଁ,(ସବ୍ୟୁ) : ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷର କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାର ପରୀକ୍ଷା ଫଳ ପ୍ରକାଶ ପାଇଛି । କୁମାରି ସ୍ମୃତିରେଖା ପ୍ରହରାଜ (୫୨୮) ପ୍ରଥମ ସ୍ଥାନ ଓ ରାକେଶ କୁମାର ବାରିକ (୫୨୬) ନମ୍ବର ରଖି ବାଣପୁର ବ୍ଲକ ଟପ୍ପର ହେବା ସହିତ ଗୋଦାବରୀଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳରେ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରି ଅଞ୍ଚଳର ଗୌରବ ବଢାଇଛନ୍ତି । ଏହି ସଫଳତା ପାଇଁ ଉଭୟ ତାଙ୍କର ଟିଉଟରୀଆଲ ଶିକ୍ଷକ ବୁଢୁ ସାରଙ୍କୁ ଶ୍ରେୟ ଦେବା ସହିତ କଲେଜର ସମସ୍ତ ଅଧ୍ୟାପକ ଓ ନିଜର ଅଭିଭାବକଙ୍କୁ ମଧ ଶ୍ରେୟ ଦେଇଛନ୍ତି ।

## ଯୁକ୍ତ୨ରେ ବନମାଳିପୁର କଲେଜର ସଫଳତା

ବାଲିପାଟଣା ,(ସବ୍ୟୁ) :ଚଳିତ ବର୍ଷ ଯୁକ୍ତ ୨ ପରୀକ୍ଷା ଫଳ ପ୍ରକାଶ ପାଇଛି ବନମାଳୀପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁକ୍ତ ୨ ବିଜ୍ଞାନ ବିଭାଗରେ ୩ ଜଣ ଛାତ୍ରୀ ୯୦ ପ୍ରତିଶତ ଉପରେ ମାର୍କ ରଖି ୩ଜଣ ଛାତ୍ରୀ ପାସ କରିଛନ୍ତି । ବିଜ୍ଞାନ ଛାତ୍ରୀ ବିଶ୍ୱରୂପା ସ୍ୱାଇଁ ୫୪୫ , ଲକ୍ଷ୍ମୀପ୍ରିୟା ସାହୁ ୫୪୨ , ଲିଭିନା ରାୟ ସାମନ୍ତ ୫୪୧ ନମ୍ବର ରଖି ପାସ କରିଛନ୍ତି



।ବିଜ୍ଞାନ ବିଭାଗରେ ମୋଟ ୪୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୨୮ଜଣ ପାସ କରିଛନ୍ତି । ସେହିପରି ଶିଶୁ ଅନନ୍ତ ମହାବିଦ୍ୟାଳୟ ଯୁକ୍ତ ୨ କଳାରେ ୨୪୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୬୯, ୨ ୟ ରେ ୪୮ , ୩ ୟରେ ୧୦୧ ଜଣ ପାସ କରିଛନ୍ତି । ବିଜ୍ଞାନ ବିଭାଗରେ ୧୦୦ ଜଣଙ୍କ ମଧରେ ପ୍ରଥମ ଶ୍ରେଣୀରେ ୪୮ , ଦ୍ୱିତୀୟରେ ୩୬ ଏବଂ ତୃତୀୟ ଶ୍ରେଣୀରେ ୮ ଜଣ ପାସ କରିଥିବା ବେଳେ ବାଣିଜ୍ୟରେ ୭୯ ଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୨୦, ଦ୍ୱିତୀୟ ଶ୍ରେଣୀରେ ୧୭ ଏବଂ ତୃତୀୟ ଶ୍ରେଣୀରେ ୩୫ ଛାତ୍ର ଛାତ୍ରୀ ପାସ କରିଛନ୍ତି ।

## ମଦ ଜବତ : ୪ ଗିରଫ

ବାଲୁଗାଁ, (ସବ୍ୟୁ): ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲି ସଦଳବଳେ ଗୁରୁବାର ପୃଥକ ଭାବେ ବିଭିନ୍ନ ଅଞ୍ଚଳରେ ଚଢାଉ କରି ବିପୁଳ ପରିମାଣରେ ଦେଶୀ ବିଦେଶୀ ମଦ ଜବତ କରିବା ସହ ସମ୍ପୃକ୍ତ ୪ ଜଣ ବ୍ୟବସାୟୀଙ୍କୁ ଗିରଫ କରିଛନ୍ତି । ଟାଙ୍ଗୀ ଥାନା ଅନ୍ତର୍ଗତ ବାଉଁଶମୂଳ ଗ୍ରାମର ରାଜକିଶୋର ପ୍ରଧାନ, ଜରିପଡା ଗ୍ରାମର ମଙ୍ଗୁଳି ନାୟକ, ବଉଳାବନ୍ଧ ଗ୍ରାମର ଦିଲ୍ଲୀପ ବେହେରା, ମାନସିଂହପୁର ଗ୍ରାମର କାଳୁଚରଣ ବେହେରା ନିକଟରୁ ସମୁଦାୟ ୪୫.୨ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି । ଏନେଇ ବିଭାଗ ପକ୍ଷରୁ ପୃଥକ ଭାବେ କେଶ ନଂ ୧୬, ୧୭, ୧୮ ଓ ୩୮/ ୨୫ ରେ ୪ ଗୋଟି ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ଆବେଦନ ନାମଞ୍ଜୁର ହେବାରେ ଅଭିଯୁକ୍ତ ମାନଙ୍କୁ ବାଣପୁର ଜେଲକୁ ପଠାଇ ଦିଆଯାଇଛି। ଉକ୍ତ ଚଢାଉରେ ଅନ୍ୟମାନଙ୍କ ମଧ୍ୟରେ ଅବକାରୀ ବିଭାଗର ଏଏସଆଇ ସଞ୍ଜୟ କୁମାର ସୁବୁଦ୍ଧି ଓ ମୀନକେତନ ମହାଲିକ୍, ଅଶେଷ କୁମାର ପ୍ରଧାନ, ମନୋଜ ଜୟସିଂ, ସୁନିତା ମହାରଣା ଓ କାଳୁ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

## ପଟ୍ଟଚିତ୍ର କଳା : ଯୁବ ଚିତ୍ରଶିଳ୍ପୀ ରାଧାକୃଷ୍ଣଙ୍କୁ ଦେଇଛି ସ୍ୱତନ୍ତ୍ର ପରିଚୟ



ଖଣ୍ଡପଡା,(ସବ୍ୟୁ):ଖଣ୍ଡପଡା ସହରର ଯୁବ ଚିତ୍ରଶିଳ୍ପୀ ରାଧାକୃଷ୍ଣ ମହାପାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ପଟ୍ଟଚିତ୍ର ଗୁଡିକ ଏବେ ରାଜ୍ୟ ଓ ରାଜ୍ୟ ବାହାରର ଜନସାଧାରଣଙ୍କ ଦ୍ୱାରା ବେଶ ଆଦୃତ ହୋଇ ପାରିଥିବା ଜଣାଯାଇଛି । ପିଲାଟି ଦିନରୁ କଳା ପ୍ରତି ରୁଚି ରଖିଥିବା ରାଧାକୃଷ୍ଣ ଏବେ ସୁନ୍ଦର ସୁନ୍ଦର ଚିତ୍ର ଓ ପଟ୍ଟଚିତ୍ର ପ୍ରସ୍ତୁତ କରି ସମସ୍ତଙ୍କ ?କର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ପୌରାଣିକ କଥାକୁ ଆଧାର କରି କାଂଚି ଅଭିଯାନ, ମଥୁରା ବିଜୟ, କାଳୀୟ ଦଳନ, ରାମାୟଣ ,ମାନଭଂଜନ ଓ ରାଧାକୃଷ୍ଣଙ୍କ ରାସ ଲୀଳା ଉପରେ ଯୁବଶିଳ୍ପୀ ରାଧାକୃଷ୍ଣ ଅନେକ ପଟ୍ଟଚିତ୍ର ପ୍ରସ୍ତୁତ କରିଛନ୍ତି । ରାଧାକୃଷ୍ଣଙ୍କ ଦ୍ୱାରା ପ୍ରସ୍ତୁତ ପଟ୍ଟଚିତ୍ର ଏବେ ବିଭିନ୍ନ ଅନୁଷ୍ଠାନରେ ସ୍ଥାନ ପାଇଛି।

ପଟ୍ଟଚିତ୍ର କଳା ଯୁବଶିଳ୍ପୀ ରାଧାକୃଷ୍ଣଙ୍କୁ ଏବେ ସ୍ୱତନ୍ତ୍ର ପରିଚୟ ଦେଇଛି । ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ମାନୀତ ହୋଇଥିବା ଯୁବଶିଳ୍ପୀ ରାଧାକୃଷ୍ଣ ପଟ୍ଟଚିତ୍ର ବ୍ୟତିତ ଅନ୍ୟାନ୍ୟ ଚିତ୍ର ଆଙ୍କିବାରେ ବେଶ ସିଦ୍ଧହସ୍ତ ବୋଲି ଜଣାପଡିଛି । ସୁଦୁର ଦିଲ୍ଲୀ, ବେଙ୍ଗାଲୁର, ହାଇଦ୍ରାବାଦ, ଉତରପ୍ରଦେଶ ସମେତ ଅନ୍ୟାନ୍ୟ ସ୍ଥାନରେ ଥିବା ମନ୍ଦିର ଓ ମଠରେ ଯୁବଶିଳ୍ପୀ ରାଧାକୃଷ୍ଣଙ୍କ ଦ୍ୱାରା ପ୍ରସ୍ତୁତ ପଟ୍ଟଚିତ୍ର ଓ ଚିତ୍ରକଳା ଶୋଭା ପାଉଥିବା ଏକ ସାକ୍ଷାତକାରରେ ସେ ପ୍ରକାଶ କରିଛନ୍ତି । ଏହି ପଟ୍ଟଚିତ୍ର କଳାକୁ ବଞ୍ଚାଇ ରଖିବା ପାଇଁ ଖଣ୍ଡପଡା ସହରର କେତେକ ଯୁବକଙ୍କୁ ସେ ପ୍ରଶିକ୍ଷଣ ପ୍ରଦାନ କରୁଥିବା ଜଣାପଡିଛି ।

## ଅଜଣା ଗାଡ଼ି ଧକ୍କାରେ ୨ ମୃତ

ବାରଙ୍ଗ ,(ସବ୍ୟୁ) :ଗୋଡିସାହି ଫାଣ୍ଡି ଅନ୍ତର୍ଗତ ପୁରୀ ମୁଖ୍ୟ କେନାଲବନ୍ଧରାସ୍ତାର ସାନ ମୁଣ୍ଡଳିଗ୍ରାମ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଗୁରୁବାର ସକାଳେ ୨ଜଣ ଯୁବକଙ୍କ ମୃତ୍ୟୁ ହୋଇଛି। ଢେଙ୍କାନାଳ ସଦରଥାନା ଅନ୍ତର୍ଗତ ପାନମୁର୍ଗା ଗ୍ରାମର ସମିରରାଉତ ଓ ତାଙ୍କର ସହଯୋଗୀ ବେଗୁନିଆପାଳ ଗ୍ରାମର ସନ୍ତୋଷ ତୁଙ୍ଗା ନାମକ ଯୁବକ ଦ୍ୱୟ ଓଡି ୦୬ ଏଲ ୨୭୧୬ ନମ୍ବର ବାଇକରେ ଗୁରୁବାର ସକାଳ ୭ଟା ସୁଦ୍ଧା ଭୁବନେଶ୍ୱର ଅଭିମୁଖେ ଆସୁଥିଲେ। ସାନମୁଣ୍ଡଳି ଗ୍ରାମପାଖ ପୁରୀ ମୁଖ୍ୟ କେନାଲ ବନ୍ଧ ରାସ୍ତାରେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଅଜଣାଗାଡ଼ି ବାଇକକୁ ମୁହାଁମୁହିଁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଏହି ସମୟରେ ସେହି ବାଟରେ ଯାଉଥିବା ଅନ୍ୟ ପଥଚାରୀମାନେ ଏହା ଦେଖି ଗୋଡିସାହି ଫାଣ୍ଡିରେ ଅଧିକାରୀ ବିଚିତ୍ରାନନ୍ଦ ପ୍ରଧାନ ଓ ୧୦୮ ଆମ୍ବୁଲାନ୍ସଙ୍କୁ ସୂଚନା ଦେଇଥିଲେ। ଖବର ପାଇ ଉଭୟ ଘଟଣାସ୍ଥଳରେ ପହଂଚି ଗୁରୁତର ଆହତ ଦୁଇ ଜଣଙ୍କୁ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ଡ଼ାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡ଼ାକ୍ତର ଗୁରୁତର ଆହତ ଯୁବକ ଦ୍ୱୟଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

## ଠିକା କାମକୁ ନେଇ ଆକ୍ରମଣ

ଆଠଗଡ଼ , (ସବ୍ୟୁ): ଆଠଗଡ଼ ରେ ଶାସକ ବିରୋଧି ଙ୍କ ଭିତରେ ଲାଗିଛି ଭିଡ଼ା ଓଟରା।ଛ ଢେଙ୍କାନାଳ ,ଗଜମରା ଠାରେ ଥିବା ଏକ କମ୍ପାନୀ ପାଇଁ ପାଣି ଯୋଗାଇବା ପାଇଁ ଇଡକୋ ପାଇପ୍ ଲାଇନରେ କାମ ଆରମ୍ଭ କରିଛି। କାହାକୁ କହି ଏଠାରେ ପାଣି ପାଇପ୍ ବିଛାଇବା କାମ କରୁଛ ବୋଲି ପଚାରି ବିରୋଧୀ ବିଜେଡି ଦଳର କିଛି ଲୋକ ଯାଇ ଫୁଲବାଡି ନିକଟରେ ଗଣ୍ଡଗୋଳ କରିଥିବା ଜଣାପଡିଛି। ବିଧାୟକ ଙ୍କୁ ନ ପଚାରି କେମିତି କାମ କରୁଛ, ବୋଲି ପଚାରି ସେଠାରେ କାମ କରୁଥିବା ଲୋକଙ୍କୁ ଚାନ୍ଦା ମାଗିବା ସହିତ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି।ଅନ୍ୟ ପକ୍ଷରେ ଶାସକ ବିଜେପି ଦଳର ନେତା ଅଭୟ ବାରିକଙ୍କୁ ପଚାରି ଆଠଗଡ଼ ରେ ଏହି କାମ ହେଉଛି ବୋଲି କହିବାରୁ ଏହି କାମ କରୁଥିବା ଠିକା ସଂସ୍ଥା ଗୁରୁ ମହାରାଜ ଇଞ୍ଜି ପ୍ରାଇଭେଟ୍ ଲିମିଟେଡ କମ୍ପାନୀର ଜଣେ କର୍ମଚାରୀ ଙ୍କୁ ଏମାନେ ଆକ୍ରମଣ କରିଥିବା କମ୍ପାନୀ ପ୍ରୋଜେକ୍ଟ ମ୍ୟାନେଜର ତୁଷାରକାନ୍ତି ବିଶ୍ୱାଳ ଆଠଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଆଠଗଡ଼ ଥାନା କେସ ନଂ ୧୪୪/୨୫ ରେ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇ ଥିବା ବେଳେ ଖୁବ୍ ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ଥାନା ଅଧିକାରୀ ସୁମତି ମହାନ୍ତି ସୂଚନା ଦେଇଛନ୍ତି।

## ଉଚ୍ଚ ମାଧ୍ୟମିକ ପରୀକ୍ଷାରେ କମାଗୁରୁ କଲେଜର ସଫଳତା

ନିରାକାରପୁର, (ସବ୍ୟୁ): ବୁଧବାର ଅପରାହ୍ନରେ ପ୍ରକାଶ ପାଇଥିବା ଉଚ୍ଚ ମାଧ୍ୟମିକ ପରୀକ୍ଷାରେଯ ଖୋର୍ଦ୍ଧା ଜିଲ୍ଲା କମାଗୁରୁ ରାମଚନ୍ଦ୍ର କଳ୍ପନା ଜୁନିଅର୍ କଲେଜରେ ଯୁକ୍ତ କଳା, ବିଜ୍ଞାନ ଓ ବାଣିଜ୍ୟରେ ଅପୂର୍ବ ସଫଳତା ହାସଲ କରିଛି । କଳାରେ ଗାୟତ୍ରୀ ସାମନ୍ତସିଂହାର ( ୪୯୭), ବିଜ୍ଞାନରେ ଛାତ୍ର ବିନୟ ବାରିକ (୫୦୯) ଓ ବାଣିଜ୍ୟରେ ବିଶାଳ ଅଭିଜିତ ପାତ୍ର ( ୪୯୪) ରଖି କଲେଜ ଟପ୍ପର ହୋଇଛନ୍ତି। ପରୀକ୍ଷାରେ ୩ ଟି ଯାକ ବିଭାଗରେ ବେଶ ଭଲ ସଫଳତା ହାସଲ କରିଥିବାର ଅଧକ୍ଷ ସୁଧାଂଶୁ ଶେଖର ମହାନ୍ତି ଜଣାଇ ସଫଳତା ପାଇଁ ଛାତ୍ରଛାତ୍ରୀ ଓ ଅଭିଭାବକ, ଅଧ୍ୟାପକ,ଅଧ୍ୟାପିକା ଓ କର୍ମଚାରୀମାନଙ୍କୁ ଶୁଭେଚ୍ଛା, କୃତଜ୍ଞତା ଜଣାଇଛନ୍ତି। କଲେଜରେ କଳାରେ ପ୍ରଥମ ଶ୍ରେଣୀରେ ୩୬ ଜଣ, ୪୫ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ତୃତୀୟ ଶ୍ରେଣୀରେ ୮୭ ଜଣ ଉତ୍ତୀର୍ଣ୍ଣ ହୋଇଥିବାବେଳେ ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ୩୧ ଜଣ, ଦ୍ୱିତୀୟ ଶ୍ରେଣୀରେ ୩୭ ଓ ତୃତୀୟ ଶ୍ରେଣୀରେ ୨ ଜଣ ପାସ କରିଛନ୍ତି। ସେହିପରି ବାଣିଜ୍ୟ ବିଭାଗରେ ପ୍ରଥମ ଶ୍ରେଣୀରେ ୧୦ ଜଣ , ଦ୍ୱିତୀୟ ଶ୍ରେଣୀରେ ୧୩ ଜଣ ଓ ତୃତୀୟ ଶ୍ରେଣୀରେ ୮ ଜଣ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡିଛି।


## ଘୋଡ଼ାବର୍ ସେବା ସମବାୟ ସମିତି

## ନିଲମ୍ବିତ ସଂପାଦକ ଦାୟିତ୍ୱ ହସ୍ତାନ୍ତର ନକରିବାରୁ ଏତଲା

ବାଙ୍କୀ,(ସବ୍ୟୁ) : ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧିନସ୍ଥ ସରଣ୍ଡା ଶାଖା ଅନ୍ତର୍ଗତ ଘୋଡ଼ାବର ସେବା ସମବାୟ ସମିତି ସମ୍ପାଦକ ବ୍ୟାପକ ଅର୍ଥ ହେରଫେର କରିବା ଯୋଗୁଁ ଚାକିରିରୁ ନିଲମ୍ବିତ କରିଛନ୍ତି ସମବାୟ ବିଭାଗ ଉପ ନିବନ୍ଧକ । ହେଲେ ଚାକିରିରୁ ନିଲମ୍ବିତ ହେବା ପରେ ନୂତନ୍ ପ୍ରଶାସନିକ ଅଧିକାରୀଙ୍କୁ ଦାୟିତ୍ୱ ହସ୍ତାନ୍ତର ନ କରିବାରୁ କୌଣସି କାର୍ଯ୍ୟ ସମିତି ରେ ହେଉ ପାରୁ ନ ଥିବା ବେଳେ ଲୋକେ ସମିତିରୁ ଯୋଗାଣ ବିଭାଗ ପକ୍ଷରୁ ଆସୁଥିବା ଖାଉଟି ସାମଗ୍ରୀ ପାଇବାରୁ ବଞ୍ଚିତ ହେଉଥିବାର ଅଭିଯୋଗ ହେଉଛି । ସମ୍ପାଦକ ଦାୟିତ୍ୱ ହସ୍ତାନ୍ତର ନ କରିବାରୁ ବାଙ୍କୀ ଏ ଆର ସି ଏସ ଙ୍କ କାର୍ଯ୍ୟାଳୟ ର ଅଧିକାରୀ ତଥା ଘୋଡାବର୍ ସେବା ସମବାୟ ସମିତି ପ୍ରଶାସନିକ ଅଧିକାରୀ ଓମ୍ ପ୍ରକାଶ ବାଙ୍କୀ ଥାନାରେ ଚିଠି ନମ୍ବର ୮୪/ତା ୧୬.୦୫.୨୦୨୫ରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି ।

ଅଭିଯୋଗ ଆଧାରରେ ବାଙ୍କୀ ପୋଲିସ ନିଲମ୍ବିତ ସମ୍ପାଦକ ରମେଶ କୁମାର ସାହୁ ଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ବାରୁ ଶ୍ରୀ ସାହୁ ଦାୟିତ୍ୱ ହସ୍ତାନ୍ତର ନ କରି ରେକର୍ଡ ପତ୍ର ନ ଦେଇ ଧରା ଛୁଆଁ ଦେଉନାହାନ୍ତି । ଯାହା ଦ୍ୱାରା ଘୋଡାବର ସେବା ସମବାୟ ସମିତି ର ଚାଷୀ ମାନେ ହଇରାଣ ହେବା ସହିତ ସାଧାରଣ ଖାଉଟି ମାନେ ମାଗଣା ଚାଉଳ ପାଇବାରୁ ବଞ୍ଚିତ ହେଉଛନ୍ତି । କାହିଁକି ପ୍ରଶାସନିକ ଅଧିକାରୀଙ୍କ ଏତଲା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଉ ନାହିସେ ସମ୍ପର୍କ ରେ ବାଙ୍କୀ ଥାନା ଅଧିକାରୀ ଦିଲ୍ଲୀପ କୁମାର ମର୍ଦ୍ଦରାଜ ଭୁଁୟାଙ୍କୁ ପଚାରିବାରୁ ସେ କହିଲେ ଏହା ସମବାୟ ବିଭାଗ ଉପରିସ୍ଥ ଅଧିକାରୀଙ୍କ କାର୍ଯ୍ୟ । ସମବାୟ ବିଭାଗ ପଦକ୍ଷେପ ନେଉ, ତାଙ୍କ ବିଭାଗର କାର୍ଯ୍ୟ । ତେବେ କେବେ ନିଲମ୍ବିତ ସମ୍ପାଦକଙ୍କ ଠାରୁ ଦାୟୀତ୍ୱ ହସ୍ତାନ୍ତର ହେବ ତାହା ଉପରେ ସମସ୍ତଙ୍କ ନଜର ରହିଛି ।

## ବିଷ୍ଣୁପ୍ରିୟା ଚାରିଟେବୁଲ ଟ୍ରଷ୍ଟକୁ ଧରିତ୍ରୀ ସମ୍ମାନ



ଫୁଲନଖରା ,(ସବ୍ୟୁ): ରାଜ୍ୟର ଅଗ୍ରଣୀ ସାମାଜିକ ସଙ୍ଗଠନ ବିଷ୍ଣୁପ୍ରିୟା ଚାରିଟେବୁଲ ଟ୍ରଷ୍ଟ, ଓଡ଼ିଶା(ବିସିଟି) ନାରୀ ସେଲ୍ ବିଭାଗର ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟା ତଥା ଯାଜପୁର ଜିଲ୍ଲା ବରୀ ନିବାସୀ ଆଦର୍ଶ ପ୍ରତିଭା ସନ୍ତୋଷୀ ତନୟା ନନ୍ଦଙ୍କୁ ସମାଜସେବା,ରକ୍ତଦାନ,ନାରୀ ଜାଗରଣ,ଶିକ୍ଷା,କଳା ଓ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନେଇ ରେନବୋ ଡିଜିଟାଲ ମିଡ଼ିଆ ପରିବାର ଓ ବର୍ଷା ଫାଉଣ୍ଡେସନ୍ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବିଶ୍ ମାତୃ ଦିବସ ପାଳନ ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମା ପାରି କିଏ ହେବ ମାଷ୍ଟାରକ୍ୟାଣ୍ଟିନ ଛକ ଭୁବନେଶ୍ୱରସ୍ଥ ବୁଲନ ଭାଇ ସେବା ଭବନ ଠାରେ ଅନୁଷ୍ଠିତ ସଭାରେ ତାଙ୍କୁ ଧରିତ୍ରୀ ସମ୍ମାନ – ୨୦୨୫ ରାଜ୍ୟ ସ୍ତରୀୟ ମର୍ଯ୍ୟାଦା ଜନକ ସମ୍ମାନ ପ୍ରଦାନ କରାଯାଇଛି ।

ବିଶିଷ୍ଟ ସାମ୍ବାଦିକ ସତ୍ୟବ୍ରତଙ୍କ ସଂଯୋଜନାରେ ଆୟୋଜିତ ସଭାରେ କଟକ ସଦର ବିଧାୟକ ପ୍ରମ୍ୟକାର ଇଂ.ପ୍ରକାଶ ଚନ୍ଦ୍ର ସେଠୀ,ବାଙ୍କୀ ବିଜେପି ନେତା ତୁଷାରକାନ୍ତ ଚକ୍ରବର୍ତ୍ତୀ,ସରସ୍ୱତୀ କଳା ପରିଷଦ କନ୍ଦରପୁର ସଭାପତି କବି ପ୍ରତିଭା ଶତପଥୀ,ବରିଷ୍ଠ ରୋଟରୀଆନ ଶୁଭ୍ରାଂଶୁ ମୋହନ ତ୍ରିପାଠୀ,ଇନର ହୁଇଲ ଚେୟାରମ୍ୟାନ ମଧୁସ୍ମିତା ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ । ଟ୍ରଷ୍ଟ ଅଧକ୍ଷା ସମାଜସେବୀ ବର୍ଷା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସମାଜସେବୀ ସଂନ୍ତୋଷୀଙ୍କୁ ସାମାଜିକ ସଂଗଠନ ଆରାଧ୍ୟା ଚାରିଟେବୁଲ ଟ୍ରଷ୍ଟ ଫୁଲନଖରା,ବିସିଟି ପକ୍ଷରୁ ଅଧକ୍ଷ ରକ୍ତଦାତା ଇଂ.ବିମଳ ଚନ୍ଦ୍ର ଦାସ,ସମ୍ପାଦକ ସାହିତ୍ୟିକ ପ୍ରିନ୍ସ ନନ୍ଦ ତଥା ବିଭିନ୍ନ ମହଲରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

(ଶ୍ରୀମଭଗବଦ୍ ଗୀତା ୧୫/୧୭)
-ପୁରୁଷୋତ୍ତମଯୋଗଃ-
(ଶ୍ରୀଭଗବାନୁବାଚ)

**ଉତ୍ତମଃ ପୁରୁଷସ୍ତ୍ୱନ୍ୟଃ ପରମାତ୍ମେତ୍ୟୁଦାହୃତଃ ।**
**ଯୋ ଲୋକତ୍ରୟମାବିଶ୍ୟ ବିଭର୍ତ୍ତ୍ୟବ୍ୟୟ ଈଶ୍ୱରଃ ।।୧୭।।**

ଏହି କ୍ଷର ଓ ଅକ୍ଷର ଉଭୟବିଧ ପୁରୁଷରୁ ଭିନ୍ନ, ଯେ ଉତ୍ତମ ପୁରୁଷ, ସେ ପରମାତ୍ମା ନାମରେ କଥିତ । ଯେ ଈଶ୍ୱର (ସର୍ବଜ୍ଞ) ଓ ନିର୍ବିକାର, ସେ ତ୍ରୈଲୋକ୍ୟ ମଧ୍ୟରେ (ସମସ୍ତଙ୍କ ହୃଦୟରେ) ପ୍ରବେଶ କରି ସମସ୍ତଙ୍କୁ ଧାରଣ ଓ ପାଳନ କରୁଛନ୍ତି ।।୧୭।।

# ବିଚାରପତିଙ୍କ ଆପରାଧିକ ମାମଲା

## ସମ୍ପାଦକୀୟ

ଜଣେ ବିଚାରପତିଙ୍କ ଆପରାଧିକ ଦଣ୍ଡବିଧାନ ବିଷୟରେ ଭାରତର ସର୍ବୋଚ୍ଚ ଅଦାଲତ କୌଣସି ରାୟ ନ ଦେଇ ତାଙ୍କ ବିଚାର ଲାଗି ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଆବେଦନ କରିବାକୁ ଆବେଦନକାରୀମାନଙ୍କୁ ଆଦେଶ ଦେଇଛନ୍ତି । ଫଳରେ ବିଚାର ପ୍ରକ୍ରିୟାରେ ଏକ ନୂତନ ଉଦାହରଣ ସୃଷ୍ଟି ହୋଇଛି ।

ଉଲ୍ଲେଖନୀୟ ଯେ ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ସରକାରୀ ବାସଭବନରୁ କିଛି ଦିନ ତଳେ ବିଡ଼ା ବିଡ଼ା ଟଙ୍କା ଓ ଅର୍ଦ୍ଧ ଦଗ୍ଧ ଟଙ୍କା ମିଳିବା ପରେ ସେ ବିଷୟରେ ଅଭିଯୋଗ ହେବାରୁ ତାଙ୍କ ଘରେ ସେ ବିଷୟ ନେଇ ତଦନ୍ତ କରାଯାଇଥିଲା ଓ ତାହାକୁ ଗୋପନ ରଖାଯାଇଥିଲା । ଅବଶ୍ୟ ଜଷ୍ଟିସ୍ ବର୍ମାଙ୍କୁ ଅନ୍ୟସ୍ଥାନକୁ ବଦଳି କରାଯାଇଥିଲା । ମାତ୍ର ସେହି ଏତଲା ଗ୍ରହଣ କରାଯିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ମତ ଦେଇଛନ୍ତି ଯେ ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ଯେଉଁ ଘର ଭିତରର ତଦନ୍ତ ଚାଲିଥିଲା, ତାହାର ରିପୋର୍ଟ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପଠାଇ ଦିଆଯାଇଛି ଏବଂ ସେମାନେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ସର୍ବୋଚ୍ଚ ଅଦାଲତର ଜଷ୍ଟିସ ଅଭୟ ଏସ୍. ଓକା ଓ ଜଷ୍ଟିସ ଉଜ୍ଜ୍ୱଳ ଭୂୟାଁଙ୍କୁ ନେଇ ଗଠିତ ଖଣ୍ଡପୀଠ ତାଙ୍କ ଆଦେଶରେ କହିଛନ୍ତି ଯେ ବିଚାର ବିଭାଗ ଏ ଅଭିଯୋଗ ସଂକ୍ରାନ୍ତରେ ତାହାର କାମ ସାରି ଦେଇଛି ଏବଂ ଏ ବିଷୟରେ କେନ୍ଦ୍ର ସରକାର ପଦକ୍ଷେପ ନେବେ । ଆବେଦନକାରୀ ତେଣୁ ଏ ବିଷୟରେ ରାଷ୍ଟ୍ରପତି ବା ପ୍ରଧାନମନ୍ତ୍ରୀଙ୍କୁ ଆବେଦନ କରିବା ଆବଶ୍ୟକ । ଏହା ହିଁ ମୌଳିକ ନିୟମ । ଯଦି ଆବେଦନକାରୀ ଏହାର ଆଦେଶ-ନିର୍ଦ୍ଦେଶ (writ of mandamus) ଅଦାଲତରେ କରିବାକୁ ଚାହିଁବେ, ତେବେ ପ୍ରଥମେ ସେମାନେ ଯେଉଁ କର୍ତ୍ତୃପକ୍ଷଙ୍କ ନିକଟରେ ଏହା ବିଚାରାଧୀନ ଅବସ୍ଥାରେ ଅଛି, ସେମାନଙ୍କୁ ଆବେଦନ କରିପାରିବେ । ଯଦି ରାଷ୍ଟ୍ରପତି ବା ପ୍ରଧାନମନ୍ତ୍ରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି, ତେବେ ଆବେଦନକାରୀ ଏଠାକୁ ଆସିପାରିବେ ବୋଲି ଆବେଦନକାରୀ ମାଥ୍ୟୁଜ୍ ନେଦୁମପାରାଙ୍କୁ କହିଥିଲେ । ଉଲ୍ଲେଖନୀୟ ଯେ ଆଡ୍‌ଭୋକେଟ୍ ମାଥ୍ୟୁଜ ଅଦାଲତଙ୍କୁ ପଚାରିଥିଲେ ଯେ କେ. ଭୀଲାସ୍ୱାମୀ ମାମଲାରେ ପାଞ୍ଚଜଣିଆ ସାଂବିଧାନିକ ବେଞ୍ଚ ସେମାନଙ୍କ ରାୟରେ ଦର୍ଶାଥିଲେ ଯେ ସର୍ବୋଚ୍ଚ ନ୍ୟାୟାଳୟ ହେଉ ବା ଉଚ୍ଚ ନ୍ୟାୟାଳୟ ହେଉ କୌଣସି ବିଚାରପତିଙ୍କ ବିରୋଧରେ ଆପରାଧିକ ମାମଲା ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତିଙ୍କ ବିନାନୁମତିରେ କରାଯାଇ ପାରିବ ନାହିଁ । ତେଣୁ ସେମାନଙ୍କ ରାୟକୁ ଅକାମୀ ବୋଲି ଘୋଷଣା କରାଯିବା ଉଚିତ ।

ଆବେଦନକାରୀ ମାଥ୍ୟୁଜ୍ ନେଦୁମପାରା ଅନ୍ୟ କେତେକ ଓକିଲଙ୍କ ସହ ମିଶି ସୁପ୍ରିମକୋର୍ଟରେ ଏହି ଆବେଦନ କରିଥିଲେ । ଆବେଦନକାରୀ ମାଥ୍ୟୁଜ୍ ଦର୍ଶାଇଥିଲେ ଯେ ଆମର ବିଚାରପତିମାନେ ସାଧାରଣତଃ ଆପରାଧିକ ଘଟଣାରେ ଜଡ଼ିତ ନଥାନ୍ତି । ମାତ୍ର କେତେକ ଘଟଣାରେ ବିଚାରପତିମାନେ ଅର୍ଥ ନେଉଥିବା ପରି ଆପରାଧିକ ଘଟଣାରେ ସିଧାସଳଖ ଧରା ପଡ଼ିଲେ ସେମାନଙ୍କୁ ଅପରାଧମୁକ୍ତ ବୋଲି କୁହାଯାଇ ପାରିବ ନାହିଁ । ସେ ଜଷ୍ଟିସ ନିର୍ମଳ ଯାଦବ ଓ ଯଶୱନ୍ତ ବର୍ମାଙ୍କ ଦୃଷ୍ଟାନ୍ତ ଦେଇଥିଲେ । ଅପରପକ୍ଷରେ ସର୍ବୋଚ୍ଚ ଅଦାଲତର ଖଣ୍ଡପୀଠ ଦର୍ଶାଇଥିଲେ ଯେ ସେହି ପ୍ରସଙ୍ଗକୁ ଏ ପ୍ରସଙ୍ଗ ସହିତ ଯୋଡ଼ାଯାଇ ପାରିବ ନାହିଁ ।

ବିଚାର ବିଭାଗର ଦୋଷ ତ୍ରୁଟି ଯଦି ଥାଏ, ତା ହେଲେ ତାହାର କିପରି ସମାଧାନ କରାଯିବ ସେଥିପାଇଁ ବିଚାର-ବିମର୍ଷ ସାଧାରଣରେ କରାଯିବା ଉଚିତ । ମାତ୍ର ଏ କ୍ଷେତ୍ରରେ ସର୍ବୋଚ୍ଚ ଅଦାଲତଙ୍କ କାର୍ଯ୍ୟଧାରା ସମସ୍ତଙ୍କୁ ଅନୁପ୍ରାଣିତ କରିବ ବୋଲି ମନେ ହୋଇଥାଏ ।

### ସଙ୍କଳ୍ପ

**ମିଶୁ ମୋର ଦେହ ଏ ଦେଶ ମାଟିରେ,**
**ଦେଶବାସୀ ଚାଲିଯାଆନ୍ତୁ ପିଠିରେ ।**
**ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼,**
**ପୂରୁ ତହିଁ ପଡ଼ି ,ମୋର ମାଂସ ହାଡ଼ ।**

**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ସମାନ ସଂଖ୍ୟାକୁ ସମାନ ଭାଗ



**ଅଧ୍ୟାପକ ଗୋପବନ୍ଧୁ**

'ଯାହାର ସଂଖ୍ୟା ଯେତେ, ତାହାର ଭାଗ ସେତେ' ଭାରତୀୟ ରାଜନୀତିରେ ଏ ସ୍ଲୋଗାନ କ୍ରମେ ଘନୀଭୂତ ହେଉଛି । ଉତ୍ତର ପ୍ରଦେଶରେ ମାନ୍ୟବର କାଂଶୀରାମ ଏହି ସ୍ଲୋଗାନର ଜନ୍ମଦାତା । ଏହାରି ବଳରେ ସେ ବହୁଜନ ସମାଜ ପାର୍ଟିକୁ ରାଜ୍ୟରେ କ୍ଷମତାକୁ ଆଣିଥିଲେ ଓ ଅନ୍ୟାନ୍ୟ ଉତ୍ତର ଭାରତୀୟ ରାଜ୍ୟରେ ଉଣାଧିକେ ନିଜର ସ୍ଥିତିକୁ ଜାହିର କରି ପାରିଥିଲେ । ତାଙ୍କର ଏ ସ୍ଲୋଗାନ କ୍ରମେ ପରିବ୍ୟାପ୍ତ ହେବାରେ ଲାଗିଛି । ଏହା ଅନ୍ୟାନ୍ୟ ରାଜନୈତିକ ଦଳକୁ ମଧ୍ୟ ସଂକ୍ରମିତ ହେଲାଣି ।

ବିଶେଷକରି ସାମାଜିକ ନ୍ୟାୟର ସମର୍ଥକ ରାଜନୈତିକ ଦଳମାନେ ଏପରି ସ୍ଲୋଗାନ ଦେବାର ଶୁଣିବାକୁ ମିଳୁଛି । ଏସସି, ଏସଟି ଓ ଓବିସି ପ୍ରଭାବିତ ରାଜନୈତିକ ଦଳମାନେ ନିଜର ସ୍ଥିତିକୁ ମଜଭୁତ କରିବା ପାଇଁ ଏହାର ଆଶ୍ରା ନେଇଛନ୍ତି । ଓଡ଼ିଶାରେ ମଧ ଏ ସ୍ୱର ଶୁଭିବା ଆରମ୍ଭ ହୋଇଛି । ରାଜ୍ୟରେ ସାମାଜିକ ନ୍ୟାୟର ପ୍ରବକ୍ତାମାନେ ଏହି ସ୍ଲୋଗାନ ଦେବାର ଶୁଣାଯାଉଛି । ଏମାନଙ୍କ ଯୁକ୍ତି ଯେ ରାଜ୍ୟର ପ୍ରତ୍ୟେକ ବର୍ଗ ପ୍ରତ୍ୟେକ କ୍ଷେତ୍ରରେ ସଂଖ୍ୟାନୁପାତି ପ୍ରତିନିଧିତ୍ୱ ପାଇବାକୁ ହକଦାର । ଏହି ସ୍ଲୋଗାନ ରାଜ୍ୟ ରାଜନୀତିକୁ ବଦଳାଇବାରେ କେତେ ସହାୟକ ହେବ, ତାହା ସମୟ ବତାଇବ । ଏହାକୁ ନେଇ କେତେ ମାତ୍ରାରେ ସାମାଜିକ ଓ ରାଜନୈତିକ ଆନ୍ଦୋଳନ ଛିଡା କରାଯାଇ ପାରୁଛି, ତାହାରି ଉପରେ ନିର୍ଭର କରିବ ରାଜନୈତିକ ଗତି ।

ମଣ୍ଡଳ କମିଶନ ରିପୋର୍ଟର କାର୍ଯ୍ୟକାରିତା ଘୋଷଣା ପରେ ଯେଉଁ ସାମାଜିକ ବିତର୍କ ଆରମ୍ଭ ହେଲା ତାହାରି ପରେ ହିଁ ସାମାଜିକ ନ୍ୟାୟର କଥା ରାଜନୀତିରେ ଦାନା ବାନ୍ଧିଲା । ସାମାଜିକ ନ୍ୟାୟର ମୂଳ ଆଧାର ହେଉଛି 'ଯାହାର ସଂଖ୍ୟା ଯେତେ, ତାହାର ଭାଗ ସେତେ' ।

ଏହାର ଅର୍ଥ ହେଉଛି ଦେଶରେ ଯେଉଁ ସାମ୍ବିଧାନିକ ଜାତିଗୋଷ୍ଠୀ ରହିଛି ସେମାନଙ୍କୁ ଚାକିରି, ଶିକ୍ଷା, ରାଜନୀତି ଓ ବାଣିଜ୍ୟ ବ୍ୟବସାୟରେ ସମାନ ଭାଗୀଦାରୀ କରାଇବା । ଆବଶ୍ୟକ ହେଲେ ଏଥିପାଇଁ ସାମ୍ବିଧାନିକ ବ୍ୟବସ୍ଥା ତିଆରି କରିବା । ଏ ସମସ୍ତ ଦୃଷ୍ଟିରୁ ସାମାଜିକ ବିଷମତା ଥିଲେ ଦେଶରେ ସାମାଜିକ ନ୍ୟାୟ ରହିଛି ବୋଲି କୁହାଯାଇ ପାରିବ ନାହିଁ । ସମ୍ବିଧାନ ସମ୍ମତଭାବେ ଯେଉଁ ଜାତିଗୋଷ୍ଠୀ ରହିଛି ସେଗୁଡିକ ହେଉଛି ଅନୁସୂଚିତ ଜାତି (ଏସସି), ଅନୁସୂଚିତ ଜନଜାତି (ଏସଟି) ଓ ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି) । ଏମାନେ ଯେଉଁଦିନ ନିଜର ସଂଖ୍ୟାନୁପାତରେ ଚାକିରି, ଶିକ୍ଷା, ରାଜନୀତି ଓ ବ୍ୟବସାୟ କ୍ଷେତ୍ରରେ ସମାନ ଭାବେ ଭାଗୀଦାରୀ ହେବେ, ସେହିଦିନ ଦେଶରେ ସାମାଜିକ ନ୍ୟାୟ ସ୍ଥାପିତ ହେଲା ବୋଲି ଧରାଯିବ ।

ସାମାଜିକ ଚରିତ୍ରକୁ ନେଇ ସମ୍ବିଧାନ ରଚନା କରାଯାଇଛି । ସମାଜରେ ଥିବା ଜାତିଗତ ତାରତମ୍ୟକୁ ଲକ୍ଷ୍ୟ କରାଯାଇଛି । ଏହି ତାରତମ୍ୟକୁ ହଟାଇବା ପାଇଁ ସାମାଜିକ ସାମ୍ୟତା ଉପରେ ଗୁରୁତ୍ୱ ଦିଆଯାଇଛି । ରାଜନୀତିକ ଭାଷାରେ ଏହାକୁ ସାମାଜିକ ନ୍ୟାୟ କୁହାଯାଉଛି । ଦେଶରେ ସାମାଜିକ ସାମ୍ୟତା ସେତିକିବେଳେ ପ୍ରତିଷ୍ଠିତ ହେବ ଯେତେବେଳେ ସମସ୍ତ ଜାତିଗୋଷ୍ଠୀ ନିଜ ସଂଖ୍ୟାର ଅନୁପାତରେ ସମସ୍ତ କ୍ଷେତ୍ରରେ ସମାନ ଭାଗ ପାଇପାରିବେ । ଅନୁସୂଚିତ ଜାତିମାନେ ତାଙ୍କର ସଂଖ୍ୟା ଅନୁପାତରେ ସମସ୍ତ କ୍ଷେତ୍ରରେ କେନ୍ଦ୍ରପାଇଁ ୧୫ ପ୍ରତିଶତ ଓ ଓଡ଼ିଶା ରାଜ୍ୟପାଇଁ ୧୬.୫ ପ୍ରତିଶତ ଭାଗ ପାଇପାରିବେ । ଅନୁସୂଚିତ ଉପଜାତିମାନେ କେନ୍ଦ୍ରପାଇଁ ୭.୫ ପ୍ରତିଶତ ଓ ଆମ ରାଜ୍ୟପାଇଁ ୨୨.୫ ପ୍ରତିଶତ ଭାଗ ସମସ୍ତ କ୍ଷେତ୍ରରେ ପାଇପାରିବେ । ଓବିସିମାନେ ନିଜର ସଂଖ୍ୟା ଅନୁପାତରେ ସମସ୍ତ କ୍ଷେତ୍ରରେ ଉଭୟ କେନ୍ଦ୍ର ଓ ରାଜ୍ୟରେ ୫୨ ପ୍ରତିଶତ ଭାଗ ପାଇପାରିବେ । ମନେ ରଖିବାକୁ ହେବ ଯେ ସାମ୍ବିଧାନ ସାମାଜିକ ସ୍ଥିତି ଅନୁଯାୟୀ ଜାତିବ୍ୟବସ୍ଥାକୁ ସ୍ୱୀକୃତି ଦେଇଛି । ଏହା ସହିତ ସମାନ ଭାଗୀଦାରୀ ହେବା କଥା ମଧ କହିଛି । ଏହା ନହେଲେ ଜାତିବ୍ୟବସ୍ଥାକୁ ହଟାଇବା ସମ୍ଭବପର ନୁହେଁ ।

ସାମ୍ପ୍ରତିକ ଅବସ୍ଥାରେ ଭାରତବର୍ଷର ବିଭିନ୍ନ ଅଞ୍ଚଳରୁ ଏହି ସ୍ଲୋଗାନ ଉଠୁଛି । ବିଶେଷକରି ଓବିସି ଓ ଅନୁସୂଚିତ ବର୍ଗ ପ୍ରଭାବିତ ରାଜନୈତିକ ଦଳମାନେ ଏପରି ସ୍ଲୋଗାନ ଦେଉଛନ୍ତି । ଏମାନଙ୍କ ସହିତ ସମତାକାମୀ ପ୍ରଗତିଶୀଳ ସାମାଜିକ କର୍ମୀମାନେ ମଧ ସାମିଲ ଅଛନ୍ତି । ରାଜନୀତିରେ ଅନଗ୍ରସର ଜନସମୁଦାୟର ନେତାମାନେ ଭାବୁଛନ୍ତି ଏହା ଏକ ପ୍ରଭାବଶାଳୀ ରାଜନୈତିକ ପ୍ରସଙ୍ଗ । ଏହି ବର୍ଗର ଲୋକମାନଙ୍କୁ ଏକଜୁଟ କରିପାରିଲେ ସହଜରେ କ୍ଷମତା ଦଖଲ କରାଯାଇ ପାରିବ । ଏହି ବର୍ଗମାନେ ମଧ୍ୟ ଅନୁଭବ କରୁଛନ୍ତି ଯେ ସେମାନେ ସମାନ ଭାଗିଦାରୀରୁ ବଞ୍ଚିତ । ସେମାନଙ୍କୁ ତାଙ୍କ ପ୍ରାପ୍ୟରୁ ବଞ୍ଚିତ କରାଯାଉଛି । ତେଣୁ ସେମାନଙ୍କୁ ମଧ୍ୟ ଏହି ସ୍ଲୋଗାନ ପ୍ରଭାବିତ କରୁଛି ।

ବଞ୍ଚିତ ଗୋଷ୍ଠୀ ଏଥିରେ ସାମିଲ ନ ହେବେ କାହିଁକି ? ବର୍ଣ୍ଣବ୍ୟବସ୍ଥା ବା ଜାତିକୁ ନେଇ ଗୋଟିଏ ବିଭାଜିତ ସମାଜକୁ ଯୋଡ଼ିବା ପାଇଁ ଓ ସମତାଭିତ୍ତିକ ସମାଜରେ ପରିଣତ କରିବା ପାଇଁ ଏହା ଠିକ୍ ଓ ଉପାଦେୟ ମାଧ୍ୟମ । କାରଣ ଯେତେଦିନ ପର୍ଯ୍ୟନ୍ତ ଅନଗ୍ରସର ଜାତି ସମୂହ ସମସ୍ତ ବିଭାଗରେ ସମାନ ଭାଗୀଦାରୀ ହୋଇନାହାଁନ୍ତି, ସେତେଦିନ ପର୍ଯ୍ୟନ୍ତ ଜାତିବିହୀନ ସମାଜ ଗଠିତ ହୋଇ ପାରିବ ନାହିଁ । ତେଣୁ ସାମାଜିକ ନ୍ୟାୟ କର୍ମୀମାନେ ଏ ମୂଳମନ୍ତ୍ରକୁ ଠିକ୍‌ଭାବେ ବୁଝିଛନ୍ତି ଓ ସେହି ଅନୁସାରେ ଗୋଟିଚାଳନା କରୁଛନ୍ତି ।

ବର୍ତ୍ତମାନର ପରିପ୍ରେକ୍ଷୀରେ ଓଡ଼ିଶାର ରାଜନୀତିକୁ ଏହାରି ମାଧ୍ୟମରେ ବଦଳା ଯାଇ ପାରିବ ବୋଲି ବୋଧହୁଏ ଏମାନେ ଭାବୁଛନ୍ତି । ରାଜ୍ୟରେ ପଛୁଆବର୍ଗ ଓ ସାମାଜିକ ନ୍ୟାୟର ଏ ସ୍ଲୋଗାନକୁ ଏକ ଉଚ୍ଚ ଶିଖରକୁ ନିଆଯାଇ ପାରିବ ବୋଲି ଏମାନଙ୍କ ବିଶ୍ୱାସ । ଏମାନଙ୍କ ସ୍ୱର କ୍ରମେ ଅଧିକ ଶାଣିତ ହେଉଛି । ଏମାନଙ୍କ ପାଖରେ ଏକମାତ୍ର ବିକଳ୍ପ ସାମାଜିକ ନ୍ୟାୟ ଆନ୍ଦୋଳନକୁ ଏକ ନିର୍ଣ୍ଣାୟକ ସ୍ତରକୁ ନେଇ ରାଜ୍ୟର ରାଜନୀତିକୁ ବଦଳାଇବାକୁ ଚେଷ୍ଟା କରାଯାଉଛି ।

**ବାରିପଦା, ମୟୂରଭଞ୍ଜ,**
**ମୋ- ୭୦୦୮୯୭୬୧୮୦**

# ଆମ ସମାଜରେ ବିବାହ

**ବୈଷ୍ଣବ ମେହେର**

ଭାରତୀୟ ସମାଜରେ ବିବାହ କେବଳ ଏକ ସାମାଜିକ ପରମ୍ପରା ନୁହେଁ ବରଂ ବିବାହ ଦୁଇଟି ମଣିଷର ଅତୁଟ ବନ୍ଧନ ସହ ଏକ ସୁସ୍ଥ ସମାଜ ଗଠନର ପ୍ରକ୍ରିୟା ମଧ୍ୟ । ସେଥିପାଇଁ ତ ହିନ୍ଦୁ ଧର୍ମର ଷୋହଳ ଗୋଟି ସଂସ୍କାର ମଧ୍ୟରୁ ବିବାହ ହେଉଛି ମହତ୍ତ୍ୱପୂର୍ଣ୍ଣ ପ୍ରଥମ ସଂସ୍କାର । ବିବାହର ପ୍ରକୃତ ଅର୍ଥ ହେଉଛି ବହନ କରିବା । ଜଣେ ଆରଜଣଙ୍କ ଦାୟିତ୍ୱ ନେବା । ଉଭୟେ ଉଭୟଙ୍କ ସୁଖଦୁଃଖର ସହଭାଗୀ ହେବା । ଏ ଦାୟିତ୍ୱକୁ କେବଳ ନିଜ ଭିତରେ ସୀମିତ ନରଖି ପରିବାରକୁ ସଂସ୍କାରିତ କରିବା ସହ ଉତ୍ତମ ସଂସ୍କାର ସମ୍ପନ୍ନ ସନ୍ତାନ ଦେଇ ସମାଜକୁ ବିକାଶ କରାଇବାର ଗୁରୁ ଦାୟିତ୍ୱ ଏହି ବିବାହ ଭିତରେ ନିହିତ ଥାଏ ।

ଜୀବନର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ବିବାହ । ଏହିଠାରୁ ଜୀବନ ନୂତନ ମୋଡ଼ ନିଏ । ତେଣୁ ବିବାହର ନିଷ୍ପତ୍ତି ଭିତରେ ପରିବାର ଓ ସଂପର୍କୀୟଙ୍କ ଉଭୟ ଗୁରୁଜନ ଏବଂ ଲଘୁଜନଙ୍କ ସହଭାଗିତା ସହ ଯୁକ୍ତିଯୁକ୍ତ ବିଚାର ରହିବା ନିହାତି ବିଧେୟ । ଆଗରୁ ବିବାହର ପ୍ରସ୍ତାବ କେବଳ ଗୁରୁଜନମାନେ ନେଇ ଆସୁଥିଲେ । ତା'ପରେ ପୁଅଘର ଗୁରୁଜନ ଯାଉଥିଲେ ଝିଅ ଘର ଦେଖିବାକୁ ଓ ପରେ ଝିଅ ଘର ଗୁରୁଜନ ଆସୁଥିଲେ ପୁଅଘରକୁ ବୁଝିବାକୁ । କେବଳ ପୁଅ କିମ୍ବା ଝିଅକୁ ପସନ୍ଦ କରି ବିବାହ ଠିକ୍ କରି ନଦେଇ ଉଭୟେ ଉଭୟଙ୍କ ପରିବାରକୁ ବୁଝୁଥିଲେ । ଏହାଦ୍ୱାରା ଯେଉଁ ପରିବାରରେ ଅଭଦ୍ର, ଅସଂସ୍କାରିତ, ମଦ୍ୟପୀ, ହତ୍ୟାକାରୀ, ଚରିତ୍ରହୀନ ଥିବେ ସେ ପରିବାରରେ ଝିଅ ଦେବା ଅର୍ଥ ଝିଅର ଜୀବନକୁ ନଷ୍ଟ କରିବା ସହ ସେଠାରେ ଜନ୍ମିତ ସନ୍ତାନ ମଧ୍ୟ ନଷ୍ଟ ସମାଜର କାରଣ ହେବ ଜାଣି ପାରୁଥିଲେ ।

ଉଭୟ ପରିବାର ପରସ୍ପର ପସନ୍ଦ ଯୋଗ୍ୟ ହେଲେ ପରବର୍ତ୍ତୀ ସମୟରେ ଉଭୟ ପକ୍ଷ କଥାବାର୍ତ୍ତା ହୋଇ ଲଗ୍ନ ସ୍ଥିର କରୁଥିଲେ । ଏହାପରେ କନ୍ୟାର ଭାଇ ବରକୁ ନିମନ୍ତ୍ରଣ କରିବାକୁ ଯାଉଥିଲେ । ପ୍ରଥମ ପର୍ଯ୍ୟାୟରେ ପରିବାରର ଗୁରୁଜନ ମାନେ ଏହି ପ୍ରସ୍ତାବକୁ ସ୍ଥିର କରିଥିବା ବେଳେ ଭଉଣୀକୁ ଦେବାରେ ଭାଇର ବି ଯେପରି ସମ୍ମତି ଓ ଯୋଗଦାନ ରହିଛି ଏଠାରୁ ଭାଇ ବି ଅନୁଭବ କରୁଥିଲା ।

ବିବାହ ମଣ୍ଡପରେ ପବିତ୍ର ଯଜ୍ଞ ଅଗ୍ନିକୁ ସାକ୍ଷୀ ରଖି ନବବରବଧୂ ସାତ ଘେରା ପରିକ୍ରମା କରିବା କଥା ସମସ୍ତେ ଜାଣନ୍ତି । ନିଜ ପାରିବାରିକ ଜୀବନର ସୁଖଶାନ୍ତି ପାଇଁ ଏହି ସମୟରେ ବର ବଧୂ ନିକଟରେ ସାତଟି କାମନା ରଖେ । ବର ପ୍ରଥମେ କହେ ହେ ମୋର ଜୀବନସାଥୀ ତୁମେ କେବେ ମୋ ଐଶ୍ୱର୍ଯ୍ୟର ବାଧିକା ହେବ ନାହିଁ । ଅର୍ଥାତ ଆବଶ୍ୟକ ଠାରୁ ଅଧିକ ଦାବି କରି ମୋ ଆର୍ଥିକ ବୋଝକୁ ବଢ଼ାଇବ ନାହିଁ ।



ଦ୍ୱିତୀୟରେ ମୋର ମାନସିକ ଓ ଶାରୀରିକ ଶକ୍ତିକୁ ନଷ୍ଟ ହେବାକୁ ଦେବ ନାହିଁ । କୁହାଯାଏ ଯେ ନାରୀଙ୍କ କଥା ଛୁରୀ ଠାରୁ ବି ତୀକ୍ଷଣ, ଥରେ ଥରେ ସେମାନେ ଏମିତି କଥା କହିଦିଅନ୍ତି ସାରା ଦିନ ବାଧିବ । ତେଣୁ ତୁମେ ସେମିତି କିଛି କହିବ ନାହିଁ । ତୃତୀୟରେ ମୋର ଉପାର୍ଜନକୁ ଦକ୍ଷିରେ ରଖି ବ୍ୟୟ କରିବାର ପରାମର୍ଶ ଦେବ । ଚତୁର୍ଥରେ ଯାହାକୁ ଯେପରି ବ୍ୟବହାର ଦେବା କଥା ସେପରି ବ୍ୟବହାର ଦେବ ଯାହାଦ୍ୱାରା ପରିବାରରେ ଆନନ୍ଦମୟ ବାତାବରଣ ରଖିବାରେ ସହାୟକ ହେବ ।

ପଞ୍ଚମରେ ଆମ ସନ୍ତାନ ଭବିଷ୍ୟତରେ ଯେପରି ସଂସ୍କାରବାନ, ଗୁଣବାନ ହେବେ ସେଥିପ୍ରତି ପୂର୍ଣ୍ଣ ଯତ୍ନବାନ ରହିବ । ଷଷ୍ଠରେ ସୁଖଦୁଃଖ ଉଭୟ ପରିସ୍ଥିତିକୁ ଲକ୍ଷ୍ୟରେ ରଖି ସେହି ଅନୁଯାୟୀ ନିଜ ଆଚରଣ ପ୍ରଦର୍ଶନ କରିବ । ଅଷ୍ଟମରେ ଆଜିଠାରୁ ତୁମେ ଓ ମୁଁ ବନ୍ଧୁ ହୋଇଗଲୁ । ତୁମ ଓ ମୋ ଭିତରେ କେହି ବଡ଼ କିମ୍ବା ସାନ ନୋହୁଁ ଉଭୟେ ପରସ୍ପରର ଅର୍ଦ୍ଧାଙ୍ଗ ଓ ଅର୍ଦ୍ଧାଙ୍ଗୀ । ତେଣୁ ଏକୁଟିଆ କୌଣସି ନିଷ୍ପତ୍ତି ନନେଇ ପ୍ରତି ବିଷୟରେ ମିଳିତ ବିଚାର କରିବା । ଏହି ମିଳିତ ବିଚାର ପ୍ରସଙ୍ଗରେ ରାମାୟଣର ରାମଚନ୍ଦ୍ରଙ୍କ ବନବାସ ଯିବା ସମୟର ପ୍ରସଙ୍ଗଟିଏ ମନେ ପଡ଼େ ।

ରାମଚନ୍ଦ୍ର ବନବାସ ବେଶରେ ବିଦାୟ ନେବାକୁ ମାଆ କୌଶଲ୍ୟାଙ୍କ ନିକଟକୁ ଗଲା ବେଳେ ରାମଙ୍କ ଏବେଶ ଦେଖି ମାଆ ଆଶ୍ଚର୍ଯ୍ୟ ହୋଇ ଏକି ବେଶ ବୋଲି ପ୍ରଶ୍ନ କରନ୍ତେ ରାମ ପିତାଙ୍କ ଆଦେଶ ବଦଳି ଯାଇଛି ଓ ସେ ମୋତେ ବଣକୁ ଯିବାକୁ କହିଛନ୍ତି । ଏକଥା ଶୁଣି ସେ ଏକୁଟିଆ ଆଦେଶ ଦେଇ ପାରିବେନି, ମୁଁ ତାଙ୍କର ଅର୍ଦ୍ଧାଙ୍ଗିନୀ ! ମୋତେ ନ ପଚାରି କେମିତି ଆଦେଶ ଦେଲେ ବୋଲି କୌଶଲ୍ୟା ପ୍ରଶ୍ନ କରିଥିଲେ । ଏହା ଶୁଣି ରାମଚନ୍ଦ୍ର ଏଥିରେ ମଧ୍ୟମା ମାଆଙ୍କ ସମ୍ମତି ରହିଥିବା କଥା କହିଲା ପରେ, ତା'ହେଲେ ଠିକ୍ ଅଛି ବୋଲି କୌଶଲ୍ୟା କହିଥିଲେ ।

ପରସ୍ପରର ଭାର ବହନ କରିବା ଅର୍ଥ ପରସ୍ପରକୁ ବୁଝିବା ଓ ପରସ୍ପରର ଅଭାବ ଯଥାସମ୍ଭବ ଦୂର କରିବା । କିଛିଦିନ ପାଇଁ ପତି ଯଦି ବାହାରକୁ ଯାଆନ୍ତି ସେତେବେଳେ ପତ୍ନୀ ଫୋନ କରି ବାରମ୍ବାର ପଚାରୁଥିବ କେତେ ବେଳେ ପହଞ୍ଚିଲ, ଖାଇଲକି ନାହିଁ, କଣ ଖାଇଲ, ପାଣି ପିଉଛ ତ, ଔଷଧ ମନେ ପକାଇ ଖାଇବ ଏମିତି କେତେ କଣ ! ସେପଟୁ ପତି ପଚାରୁଥିବ ରୋଷେଇ ସାରିଲଣି, ତୁମର ମୁଣ୍ଡବ୍ୟଥା ହେଉଥିଲା କମିଲା ନା ନାହିଁ, ଠିକ୍ ସମୟରେ ଖିଆପିଆ କରିବ ଏମିତି କେତେ କଥା । ଏହାର ଅର୍ଥ ହେଉଛି କେହି ଯେମିତି କାହାର ଅଭାବ ଅନୁଭବ ନ କରନ୍ତୁ । ଏଠାରେ ହିଁ ବିବାହର ପ୍ରକୃତ ଅର୍ଥର ପରିପ୍ରକାଶ ଘଟେ । ଆମେ ଦୁହେଁ ଦୁହିଁଙ୍କ ଦାୟିତ୍ୱ ନେଇଛୁ ଏକଥା ପରସ୍ପରକୁ ଅନୁପ୍ରାଣିତ କରିବା ସହ ଜାଣନ୍ତୁ ଯେ ଦୁହେଁ ମିଶି ଗୋଟିଏ ପରିବାର ଓ ସମାଜର ଦାୟିତ୍ୱ ନେଇଛନ୍ତି ।

ବିବାହ ପରେ ପରିବାର ସହ ସମସ୍ତେ ମିଳିମିଶି ରହିଲେ ଦୟା, କ୍ଷମା, ଧୈର୍ଯ୍ୟ, ସହନଶୀଳତା ଭଳି ଅନେକ ସଦ୍‌ଗୁଣର ବିକାଶ ହୋଇଥାଏ, ଯାହାଦ୍ୱାରା ପାରିବାରିକ ଜୀବନ ଶୃଙ୍ଖଳିତ ହେବା ସହ ବ୍ୟକ୍ତିତ୍ୱର ବିକାଶ ଘଟେ । ବାପା ମାଆ ଖାଇ ନାହାନ୍ତି ମାନେ ଆମେ ଖାଇବା ନାହିଁ ଏ ଭାବନା ପ୍ରାୟତଃ ବିବାହ ପରେ ଜଣେ ପୁଅ କିମ୍ବା ଝିଅ ମନରେ ଜାଗ୍ରତ ହୁଏ । କୌଣସି କଥାରେ ବାପାମାଆ ରାଗିଗଲେ ଏଥର ପୁଅ ସେମାନଙ୍କୁ ବୁଝାଏ ।

ବହୂ ତ ସୁନ୍ଦର ଭାବରେ କହେ, ମୁଁ ଯଦି ଆପଣଙ୍କ ଝିଅ ହୋଇଥାନ୍ତି ତା'ହେଲେ କ'ଣ ଏମିତି ରାଗିଥାନ୍ତେ ? ଏଠାରୁ ପୁଅଝିଅଙ୍କ ପରିପକ୍ୱତା ସ୍ପଷ୍ଟ ହୁଏ । ବାପାମାଆ ବି ଭାବି ନିଅନ୍ତି ଯେ ଏ ମୋ ବହୂ ନୁହେଁ ଝିଅ କିମ୍ବା ଜ୍ୱାଇଁ ନୁହେଁ ପୁଅ । ବଧୂଟିଏ ଏକଥାକୁ ସର୍ବଦା ଧ୍ୟାନରେ ରଖିବା ଜରୁରୀ ଯେ ଯେଉଁମାନେ ଏତେ ଆଶା ଓ ବିଶ୍ୱାସ ରଖି ମୋତେ ଏଠିକି ଆଣିଛନ୍ତି ସେମାନଙ୍କୁ ମୁଁ କେବେ କଷ୍ଟ ଦେବି ନାହିଁ ଓ ବର ମଧ୍ୟ ଯାହାକୁ ମୁଁ ପରଘରୁ ନିଜ ଘରକୁ ଆଣିଛି ତା ପ୍ରତି କୌଣସି ଅବିଚାର କରିବି ନାହିଁ ବୋଲି ସଂକଳ୍ପ କଲେ ପ୍ରତି ଘରେ ଶାନ୍ତି ବିରାଜମାନ କରିବା ସହ ବୈବାହିକ ଜୀବନ ସୁନିଶ୍ଚିତ ଅର୍ଥପୂର୍ଣ୍ଣ ହେବ ।

**ସିନାପାଲି, ନୂଆପଡ଼ା**
**ମୋ-୯୭୭୭୭୫୩୯୩୫**

# ଧୈର୍ଯ୍ୟ ଜୀବନର ମୂଳମନ୍ତ୍ର

**ଲଳିତ ମୋହନ ମିଶ୍ର**

ମାନବ ଜୀବନର ଆଧ୍ୟାତ୍ମିକତା ପ୍ରତି ଅଭିରୁଚି ଏବଂ ଜଣେ ସନ୍ଥଙ୍କ ସାନ୍ନିଧ ସବୁଠାରୁ ବଡ କଷ୍ଟରେ ମିଳିଥାଏ । ଯଦି ଏସବୁ ଜିନିଷ ମିଳିଯାଏ , ତେବେ ବୁଦ୍ଧତ୍ୱ ଓ ମୋକ୍ଷ ପ୍ରାପ୍ତି ପାଇଁ ବିନା ବିଚଳିତରେ ପାଇହେବ । ପ୍ରେମ ପୂର୍ବକ ପ୍ରତୀକ୍ଷା ଏହାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ । ତିନୋଟି ଜିନିଷ ଉପଲବ୍ଧି କରିବା ପାଇଁ ଜୀବ ସଦାସର୍ବଦା ଚେଷ୍ଟା କରେ ।

ପ୍ରଥମେ ମନୁଷ୍ୟ ଜୀବନ । ଦ୍ୱିତୀୟ ମନୁଷ୍ୟ ଜୀବନ ପାଇବା ପରେ ଆଧ୍ୟାତ୍ମିକତା ପ୍ରତି ରୁଚି ଏବଂ ସାଧନା । ସମାଜରେ କିଛି ଲୋକ ଆଧ୍ୟାତ୍ମିକତା ଏବଂ ସାଧନାର ସ୍ୱାଦ ପାଆନ୍ତି । ଏହି ସ୍ୱାଦ ଏକ ପ୍ରସାଦ ସ୍ୱରୂପ । ଅଧିକାଂଶ ଲୋକ ଜୀବନକୁ ଏକ ମେସିନ୍ ପରି ବଞ୍ଚିବାକୁ ଦିଅନ୍ତି - କେବଳ ଖାଇବା, ପିଇବା ଏବଂ ଶୋଇବା ସେମାନଙ୍କର ଚିନ୍ତା ଓ ସେଥିରେ ହିଁ ତାଙ୍କ ସମୟ ବ୍ୟତୀତ ହୋଇଥାଏ କହିଲେ ଚଳେ ।

ସେମାନଙ୍କ ଜୀବନରେ ବାସ୍ତବ ମୂଲ୍ୟବୋଧର କୌଣସି ଧାରଣା ନାହିଁ । ଏପରି ଲୋକଙ୍କ ଜୀବନରେ କୌଣସି ସାର୍ଥକତା ନାହିଁ । ଏହା ସେମାନଙ୍କର ଦୁର୍ଭାଗ୍ୟ । ଏପରି ଭାଗ୍ୟହୀନ ଲୋକଙ୍କ ଜୀବନରେ ନଶ୍ୱରତା ଏବଂ ପରିବର୍ତ୍ତନଶୀଳତାର କୌଣସି ସଙ୍କେତ ମିଳେ ନାହିଁ । ବାସ୍ତବରେ ଏହା ହିଁ ଜୀବନର ସତ୍ୟ । ଏହା ଜୀବନକୁ ମୂଲ୍ୟବାନ କରିଥାଏ । ତୃତୀୟ ହେଉଛି ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଉପଲବ୍ଧି । ଜଣେ ସନ୍ଥ କିମ୍ବା ସଦ୍‌ଗୁରୁଙ୍କ ସାନ୍ନିଧ ସହଜରେ ମିଳି ନଥାଏ । ଏଥିପାଇଁ ପ୍ରତୀକ୍ଷା କରିବାକୁ ପଡିଥାଏ । ଏହା ଉଚିତ ସମୟରେ ମିଳି ନଥାଏ । ତେଣୁ ସେତେବେଳେ ପର୍ଯ୍ୟନ୍ତ ଆମକୁ ଅସୀମ ଧୈର୍ଯ୍ୟ ଓ ପ୍ରତୀକ୍ଷାର ଆବଶ୍ୟକତା ରହିଛି ।

ଜଣେ ମହାତ୍ମାଙ୍କର ଦୁଇଜଣ ଶିଷ୍ୟ ଥିଲେ । ସେମାନଙ୍କ ମଧ୍ୟରୁ ଜଣେ ବୃଦ୍ଧ , ଯିଏକି ତାଙ୍କର ପୁରାତନ ଦୃଢ଼ ଅନୁଗାମୀ, ଯିଏ କଷ୍ଟକର ସାଧନା କରିଛନ୍ତି । ଦିନେ ସେ ଗୁରୁଙ୍କୁ ପଚାରିଲେ, ମୁଁ କେବେ ମୋକ୍ଷ ଓ ଜ୍ଞାନପ୍ରାପ୍ତି ପାଇବି ?

ଗୁରୁ କହିଲେ, ଏଥିପାଇଁ ତୁମକୁ ଆଉ ତିନି ଜନ୍ମ ଲାଭ କରିବାକୁ ପଡିବ । ଏହା ଶୁଣି ଶିଷ୍ୟ କହିଲେ, ମୁଁ କୋଡ଼ିଏ ବର୍ଷ ଧରି କଠୋର ସାଧନା କଲି । ତୁମେ କ'ଣ ଭାବୁଛ ମୁଁ ମୂର୍ଖ । ଦୀର୍ଘ କୋଡ଼ିଏ ବର୍ଷର କଠୋର ସାଧନା ପରେ ଆହୁରି ତିନି ଜନ୍ମ ! ନା... ନା... ।

ମୋତେ ଦରକାର ନାହିଁ ମୋକ୍ଷ । ସେ ଏତେ କ୍ରୋଧିତ ଓ ନିରାଶ ହୋଇଗଲା ଯେ ସଙ୍ଗେ ସଙ୍ଗେ ମାଳା ଭାଙ୍ଗି ଦେଲା, ଆସନ ଫାସନ ଫିଙ୍ଗି ଫୋପାଡ଼ି ଚାଲିଗଲା ।

ଦ୍ୱିତୀୟ ଅନୁଗାମୀ ଜଣେ ଛୋଟ ବାଳକ ଥିଲା, ସେ ମଧ ଗୁରୁଙ୍କ ସମାନ ପ୍ରଶ୍ନ ପଚାରିଥିଲା । ଗୁରୁ ତାକୁ କହିଲେ, ଏହି ଗଛରେ ଯେତିକି ପତ୍ର ଅଛି ଜ୍ଞାନପ୍ରାପ୍ତି ପାଇଁ ତୁମକୁ ସେତିକି ଜନ୍ମ ଲାଭ କରିବାକୁ ପଡିବ । ଏହା ଶୁଣି ସେ ଆନନ୍ଦରେ ନାଚିବାକୁ ଲାଗିଲି ଏବଂ କହିଲେ, ବାଃ... ଏତିକି ତ... !

ଏହି ଗଛର ପତ୍ର ମଧ ଗଣନା କରାଯାଇପାରିବ । ବାଃ... ଶେଷରେ ସେହି ଦିନ ଆସିବ । ସେହି ଯୁବକ ଜଣକ ବହୁତ ଖୁସି ହୋଇଗଲା, ସେ ସନ୍ତୁଷ୍ଟ, ଧୈର୍ଯ୍ୟବାନ ଏବଂ ଗ୍ରହଣୀୟଯୁକ୍ତ ଯୁବକ । କୁହାଯାଏ ସେହି ମୁହୂର୍ତ୍ତରେ ହିଁ ଯୁବକ ଜଣକ ଜ୍ଞାନ ଲାଭ କରିଥିଲେ । ଧୈର୍ଯ୍ୟ ହେଉଛି ଜ୍ଞାନର ମୂଳ ମନ୍ତ୍ର । ଅନନ୍ତ ଧୈର୍ଯ୍ୟ ଏବଂ ପ୍ରତୀକ୍ଷା । କିନ୍ତୁ ପ୍ରେମରେ ପ୍ରତୀକ୍ଷା କରିବା ବହୁତ କଷ୍ଟକର ।

ଅଧିକାଂଶ ଲୋକ ଜୀବନରେ କେବଳ ନିରାଶାକୁ ପ୍ରତୀକ୍ଷା କରନ୍ତି, ପ୍ରେମକୁ ପ୍ରତୀକ୍ଷା କରି ପାରନ୍ତି ନାହିଁ । ଦୁଇ ପ୍ରକାରର ଅପେକ୍ଷା ଅଛି । ଗୋଟିଏ ହେଉଛି ନିରାଶ ମନ ସହିତ ଅପେକ୍ଷା କରିବା ଏବଂ ନିରାଶ ହେବା ।

ଦ୍ୱିତୀୟ ହେଉଛି ପ୍ରେମରେ ଅପେକ୍ଷା କରିବା, ଯାହାର ପ୍ରତ୍ୟେକ ମୁହୂର୍ତ୍ତ ଉତ୍ସାହ ଏବଂ ଆନନ୍ଦରେ ପରିପୂର୍ଣ୍ଣ । ଏପରି ଅପେକ୍ଷା ପାଇଁ ନିଜେ ଏକ ଉତ୍ସବ, କାରଣ ମିଳନ ହେବା ମାତ୍ରେ ପ୍ରାପ୍ତିର ଖୁସି ଶେଷ ହୋଇଯାଏ ।

ଅପେକ୍ଷା ପ୍ରେମର କ୍ଷମତା ଏବଂ ଆମର ଗ୍ରହଣକୁ ବୃଦ୍ଧି କରେ । ଏହା ଆମ ଭିତରେ ଗଭୀରତା ମାପିବା ପାଇଁ ଏକ ସୁନ୍ଦର ସ୍କେଲ୍ । ପ୍ରେମର ଏହି ପଥ ନିଜେ ସମ୍ପୂର୍ଣ୍ଣ ଏବଂ ନିଜ ଜୀବନ ସହିତ ଜଡିତ । ଏହି ପଥ ପ୍ରେମ, ଜ୍ଞାନ, କର୍ମ ସେବା, ସମସ୍ତଙ୍କୁ ନିଜ ଭିତରେ ସମାହିତ କରିଛି, ଯାହା ଦ୍ୱାରା ଶୁଦ୍ଧ ଚେତନାର ବସନ୍ତ ପ୍ରବାହିତ ହୁଏ ।

ଜ୍ଞାନ, ଯେକୌଣସି ବ୍ୟାଖ୍ୟା ବାହାରେ, ଅଭିଯୋଗର ସୀମା ବାହାରେ ଏକ ଅବସ୍ଥା - ଏହା ଏକ ଅଭିଜ୍ଞତା । ଜୀବନର ଲୟ କେବେ ସିଧା ନୁହେଁ । ତୁମେ ଯାହା କର, ଜୀବନରେ ସୁଖ ଏବଂ ଦୁଃଖ ଉଭୟ ରହିବ । ଯଦି ବାଧା ଆସେ, ତେବେ ସେଗୁଡ଼ିକୁ ବାଟ ବାଧା ଭାବରେ ନୁହେଁ ବରଂ ପ୍ରଗତି ପାଇଁ ଏକ ପାହାଚ ଭାବରେ ଗ୍ରହଣ କରିବା ଭଲ । ପ୍ରଗତି ପଥରେ ପ୍ରତିବନ୍ଧକ ଏକ ଅନିବାର୍ଯ୍ୟ ରୋକିଥାଏ । ମନରେ ସକାରାତ୍ମକ ଚିନ୍ତାଧାରା ରଖନ୍ତୁ ଏବଂ ସମସ୍ତ ବାଧାକୁ ଦୂର କରନ୍ତୁ ।

**ନୟାଗଡ଼,**
**ମୋ-୯୪୩୭୯୮୫୮୬୬**

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ସମୃଦ୍ଧ...

ନିଯୁକ୍ତିର ଅର୍ଥ ହେଉଛି ଆମ ଗାଁର ଜଣେ ଯୁବକଙ୍କୁ ଆଉ ନିଯୁକ୍ତି ବାହାରକୁ ଯିବାକୁ ପଡ଼ିବ ନାହିଁ । ରାଜ୍ୟରେ ନିଯୁକ୍ତିର ଏକ ନୂଆ ଲହର ସୃଷ୍ଟି ହୋଇଛି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି କଳିଙ୍ଗ ନଗର ଠାରେ ୨୦ଟି ଶିଳ୍ପର ଶିଳାନ୍ୟାସ କରାଗଲା । ଏହା ସମ୍ଭବ ହୋଇଛି, ଆମ ସରକାରଙ୍କ ଦୃଢ଼ ଇଚ୍ଛାଶକ୍ତି ଯୋଗୁଁ । କାରଣ, ଯଦି ଇଚ୍ଛାଶକ୍ତି ନାହିଁ ତେବେ ପାଦେ ଆଗେଇବାକୁ ମଧ୍ୟ ମଣିଷ ସକ୍ଷମ ହୋଇପାରେ ନାହିଁ । ଆଜି ଆମ ସରକାର ନିଜର ଦୃଢ ଇଚ୍ଛା ଶକ୍ତିର ନିଦର୍ଶନ ଦେଖାଇଛନ୍ତି । ସେ କହିଥିଲେ ଯେ, ମାତ୍ର ୧୧୩ ଦିନ ମଧ୍ୟରେ ଦେଇଥିବା ପ୍ରତିଶ୍ରୁତି ଆମ ସରକାର ପୂରଣ କରିଛନ୍ତି । ଆଜି ଏହି ଯେଉଁ ସବୁ ପ୍ରକଳ୍ପ ଆପଣମାନଙ୍କ ସମ୍ମୁଖରେ ଭିତ୍ତିପ୍ରସ୍ତର ସ୍ଥାପନ ହେଲା, ଏହି ସମସ୍ତ ପ୍ରକଳ୍ପର ମେକ୍-ଇନ୍-ଓଡିଶା କନ୍‌କ୍ଲେଭରେ ସ୍ୱାକ୍ଷରିତ ହୋଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହି ପ୍ରକଳ୍ପ ସବୁ ମାଧ୍ୟମରେ ଲକ୍ଷାଧିକ ଓଡ଼ିଆ ଯୁବକ ଓ ଯୁବତୀ ନିଜ ରାଜ୍ୟର ମାଟିରେ ନିଜ ସ୍ୱପ୍ନ ପୂରଣ କରିପାରିବେ । ଏହା କେବଳ ଚାକିରି ନୁହେଁ, ଯୁବବର୍ଗଙ୍କ ପାଇଁ ଏହା ସ୍ୱାଭିମାନ, ଏହା ନୂଆ ଓଡ଼ିଶାର ନୂଆ ପରିଚୟ । ଏହା ସମୃଦ୍ଧ ଓଡିଶାର ଅୟମାରମ୍ଭ ।

ସେ ପୁଣି କହିଥିଲେ, ରାଜ୍ୟର ଶିଳ୍ପ ବିକାଶର ଏନ୍ତୁଡିଶାଳ ହେଉଛି ଶିଳ୍ପ ସମୃଦ୍ଧ କଳିଙ୍ଗ ନଗର । ଶିଳ୍ପ ବିକାଶରେ ଅଗ୍ରଣୀ ଭୂମିକା ଗ୍ରହଣ କରି ରାଜ୍ୟ ପାଇଁ ଏହି ଅଂଚଳ ଏକ ଦୃଷ୍ଟାନ୍ତ ପାଲଟିଛି । ମେକ୍ ଇନ୍ ଓଡ଼ିଶା କନକ୍ଲେଭ-ଉତ୍କର୍ଷ ଓଡ଼ିଶାର ଚମତ୍କାର ସଫଳତା ବଳରେ ୧୭ ଲକ୍ଷ କୋଟି ଟଙ୍କାର ନିବେଶ ଆମେ ପାଇଥିଲୁ । ଆଉ ଆଜି, ବାସ୍ତବତା ଭୂମିରେ ଦୃଶ୍ୟମାନ ହେଉଛି ଯେ ଓଡ଼ିଶା ଆଉ କେବଳ ସମ୍ଭାବନାର ଭୂମି ନୁହେଁ, ଏହା ହେଉଛି ସୀମାହୀନ ସୁଯୋଗର ଭୂମି ।

ଏହି ଅବସରରେ ସମବାୟ ଓ ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଥିଲେ ଯେ, ଓଡ଼ିଶାବାସୀଙ୍କ ବିଶ୍ୱାସକୁ ସାଥି କରି ଆମ ସରକାର କାର୍ଯ୍ୟ କରୁଛି ଏବଂ ଓଡ଼ିଶା ବିକାଶ ପଥରେ ଆଗେଇ ଚାଲିଛି । ଶିଳ୍ପର ବିକାଶ ଆମ ପ୍ରଥମ ଉଦ୍ଦେଶ୍ୟ ଥିଲା ଆଉ ସେହି ଉଦ୍ଦେଶ୍ୟ କୁ ଆମ ସରକାର ସଫଳ କରୁଛନ୍ତି ବୋଲି ସେ କହିଥିଲେ । ଶିଳ୍ପମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ, ରାଜ୍ୟର ଆର୍ଥିକ ପ୍ରଗତିର ମେରୁଦଣ୍ଡ ହେଉଛନ୍ତି ଯୁବଶକ୍ତି ଏବଂ ଯୁବଶକ୍ତିର ବିକାଶ ପାଇଁ ରୋଜଗାର ଆବଶ୍ୟକ । ଏହି ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆଜି ଆମ ସରକାରଙ୍କ ଉଦ୍ୟମ ସଫଳ ହେଉଛି । ଶିଳ୍ପର ବିକାଶ ହେଉଛି ଏବଂ ଏହା ଦ୍ୱାରା ଆମ ରାଜ୍ୟର ବିକାଶ ହେଉଛି । ଏହି କାର୍ଯ୍ୟକ୍ରମରେ ଯାଜପୁର ସାଂସଦ ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶଦାସ ନାୟକ, ବଡଚଣା ବିଧାୟକ ଅମର ନାୟକ ପ୍ରମୁଖଙ୍କ ସମେତ ରାଜ୍ୟର ବିଭିନ୍ନ ଶିଳ୍ପ ସଂସ୍ଥାର ଶିଳ୍ପପତି ମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଶିଳ୍ପ ବିଭାଗ ଅତିରିକ୍ତ ଶାସନ ସଚିବ ହେମନ୍ତ କୁମାର ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲାପାଳ ପି. ଅନ୍‌ବଷୋ ରେଡ୍ଡୀ ଧନ୍ୟବାଦ ଦେଇଥିଲେ ।

## ୨୨ ତାରିଖର...

ସ୍ପଷ୍ଟ କରିଛି ଯେ ଆତଙ୍କୀ ଆକ୍ରମଣ ପାଇଁ ପାକିସ୍ତାନକୁ ବହୁ ମୂଲ୍ୟ ଦେବାକୁ ପଡ଼ିବ । ସେହି ମୂଲ୍ୟ ପାକିସ୍ତାନୀ ସେନା ଓ ପାକ୍ ଅର୍ଥନୀତି ଦେବେ । ଏହା ଭାରତର ନୂଆ ସ୍ୱରୂପ । ପ୍ରଥମେ ଘରେ ପଶି ମାରୁଥିଲୁ, ଏବେ ଛାତିରେ ପ୍ରହାର କରୁଛୁ । ଆତଙ୍କବାଦର ମୁକାବିଲା ଓ ଏମାନଙ୍କୁ ଧ୍ୱଂସ କରିବା ପାଇଁ ଏବେ ନୂଆ ଭାରତର ନୀତି । ସିନ୍ଧୁ ଜଳ ଚୁକ୍ତି ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ପ୍ରତିଟି ଆତଙ୍କୀ ଆକ୍ରମଣ ପାଇଁ ପାକିସ୍ତାନକୁ ବହୁମୂଲ୍ୟ ଦେବାକୁ ପଡ଼ିବ । ଯଦି ପାକିସ୍ତାନ ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ଦିଏ, ତେବେ ପ୍ରତିଟି ଟଙ୍କା ପାଇଁ ଭିକ ମାଗିବ । ଭାରତରୁ ଗୋଟିଏ ବିନ୍ଦୁ ଜଳ ବି ପାକିସ୍ତାନ ପାଇବ ନାହିଁ । ଭାରତୀୟଙ୍କ ରକ୍ତରେ ଖେଳିବା ଦିନ ଶେଷ ହୋଇଛି । ଏବେ ସେମାନଙ୍କୁ ମୂଲ୍ୟ ଦେବାକୁ ପଡ଼ିବ । ନୂଆ ଭାରତର ଏହା ନୀତି ବୋଲି ସେ କହିଛନ୍ତି ।

## ଓଡ଼ିଶାରେ....

ଅଶ୍ୱଥୀ ଏସ୍ । ନୂଆ ଭାରିଆଣ୍ଟରେ ଭୟାବହତା କମ୍ ରହିଛି । ରାଜ୍ୟ ସରକାର କୋଭିଡ୍ ଘଟଣା ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି । ଯେକୌଣସି ସ୍ଥିତିର ମୁକାବିଲା ପାଇଁ ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତି । ୨୦୨୦-୨୧ ମସିହାରେ କୋଭିଡ୍ ନିୟନ୍ତ୍ରଣ ପରଠାରୁ ଦେଶର ବିଭିନ୍ନ ରାଜ୍ୟରେ କାଁଭାଁ କୋଭିଡ୍ ଲକ୍ଷଣ ଥିବା ରୋଗ ଦେଖାଯାଉଛି । ଏହି ରୋଗର ଭୟବହତାକୁ ପୂର୍ଣ୍ଣ ନିୟନ୍ତ୍ରଣରେ ରଖାଯାଇଛି । ଜନସାଧାରଣଙ୍କର ଟୀକାକରଣ ଏବଂ ନିରନ୍ତର ସରକାରୀ ପ୍ରଚେଷ୍ଟା ଯୋଗୁ ଓଡିଶାରେ କୋଭିଡ୍ ପୂର୍ଣ୍ଣ ନିୟନ୍ତ୍ରଣାଧୀନ ଅଛି ।

ଏବେ କାଁଭାଁ କୋଭିଡ୍ ଲକ୍ଷଣ ଥିବା ରୋଗ ସାମ୍ନାକୁ ଆସୁଛି । ସେସବୁ କେସକୁ ନିର୍ଦ୍ଧାରିତ ପ୍ରୋଟୋକଲ ଅନୁଯାୟୀ ଚିକିତ୍ସା କରାଯାଉଛି । ଜାତୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ର ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନମାନଙ୍କ ଅନୁସାରେ, ଏହି କେସଗୁଡ଼ିକ ପୂର୍ବରୁ ଜଣାଥିବା ଅପେକ୍ଷାକୃତ ଧୀର ପ୍ରଜାତିର ଭୂତାଣୁ । ଏଗୁଡିକ ଅତି ଗୁରୁତର ରୋଗ ସୃଷ୍ଟି କରନ୍ତି ନାହିଁ । ଏହି ସବୁ କେସର ନିରୂପଣ ଏବଂ ଚିକିତ୍ସା ନିମନ୍ତେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ବୋଲି ସ୍ୱାସ୍ଥ୍ୟ ସଚିବ କହିଛନ୍ତି ।

ଗତ କିଛିଦିନ ତଳେ ସିଙ୍ଗାପୁର, ଥାଇଲାଣ୍ଡ ଓ ହଂକଂକରେ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବା ନଜରକୁ ଆସିଥିଲା । ଆମ ଦେଶରରେ ବି ମୁମ୍ବାଇ, କେରଳ ଓ ତାମିଲନାଡୁରେ କୋଭିଡ ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛ । ଏବେ ଓମିକ୍ରନର ସବଭାରିଆଣ୍ଟ ଏଲ୍‌ଏଫ-୭, ଜେଏନ୍-୧ ବ୍ୟାପୁଛି । ଏହା ଛୋଟ ଲହରର ରୂପ ନେବ । ଏଥିରେ ଆତଙ୍କିତ ହେବା ଆବଶ୍ୟକ ନାହିଁ । କୋଭିଡର ଏହି ଭାରିଆଣ୍ଟ ହେଉଛି ଭାରିଆଣ୍ଟ ଅଫ ଇଣ୍ଟରେଷ୍ଟ । ଏହା ଏତେ କ୍ଷତିକାରକ ନୁହେଁ । କିନ୍ତୁ, ଅନ୍ୟାନ୍ୟ ବଡ଼ ରୋଗ ଥିଲେ ଲୋକେ ସତର୍କ ରହିବା ଜରୁରୀ । ଲୋକେ ମାସ୍କ ପିନ୍ଧିବା, ହାତ ଧୋଇବା, ଅଧିକ ଭିଡକୁ ନଯିବା ଆବଶ୍ୟକ ବୋଲି କହିଛନ୍ତି ବିଶେଷଜ୍ଞ । ସେପଟେ ବିଏମ୍‌ସି ସବୁ ପରିସ୍ଥିତ ପାଇଁ ପ୍ରସ୍ତୁତ ବୋଲି କହିଛନ୍ତି ଭୁବନେଶ୍ୱର ମହାନଗର ନିଗମ ମେୟର । ସରକାର ଯାହା ଗାଇଡଲାଇନ ଜାରି କରିବେ ଆମେ ତାହା ଉପରେ କାମ କରିବୁ । ପୂର୍ବରୁ କୋଭିଡ ପରିଚାଳନାରେ ବିଏମସିର ଅଭିଜ୍ଞତା ରହିଛି ବୋଲି ମେୟର କହିଛନ୍ତି ।

## ପ୍ରାକ୍...

ମୁହାଁ ରହୁଛି । ଯାହାକି କାଳ ବୈଶାଖୀ ସହ ଜଡ଼ିତ ମେଘ ସମୂହର ଗତି ତୁଳନାରେ ସମ୍ପୂର୍ଣ୍ଣ ଭିନ୍ନ । ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଗକୁ ବଢ଼ିବା ପାଇଁ ପାଗ ପୂରା ଅନୁକୂଳ ରହିଛି । ଆସନ୍ତା ୨ ଦିନ ମଧ୍ୟରେ କେରଳ ଛୁଇଁବ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ । କେରଳ ଛୁଇଁ ୭ ଦିନ ଭିତରେ ଓଡ଼ିଶା ପ୍ରବେଶ କରିବାର ବହୁ ସମ୍ଭାବନା ରହିଛି ।

ଆସନ୍ତାକାଲିଠାରୁ ୨୯ ତାରିଖ ପର୍ଯ୍ୟନ୍ତ କାଳବୈଶାଖୀଜନିତ ବର୍ଷା ହୋଇପାରେ । ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି, କଳାହାଣ୍ଡି, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ବାଲେଶ୍ୱର, ଭଦ୍ରକ, ଯାଜପୁର, ସମ୍ବଲପୁର, ଝାରସୁଗୁଡ଼ା, ନୂଆପଡ଼ା, ଭଦ୍ରକ, କଟକ ଓ ଜଗତସିଂହପୁର ଜିଲ୍ଲା ପାଇଁ କାଳବୈଶାଖୀ ବର୍ଷା ଲାଗି ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ତେବେ ୨୭ ତାରିଖରୁ ମାଲକାନାଗିରି, କୋରାପୁଟ ଓ ରାୟଗଡ଼ା ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

ଗୁରୁବାର ସକାଳ ୮.୩୦ରୁ ସନ୍ଧ୍ୟା ୫.୩୦ ସୁଦ୍ଧା ଦାରିଙ୍ଗିବାଡ଼ିରେ ୨୪ ମିମି ବର୍ଷା ହୋଇଥିବାବେଳେ କେନ୍ଦୁଝରରେ ୨୧.୫ ମିମି, ବାରିପଦାରେ ୧୫.୪ ମିମି, କୋରାପୁଟରେ ୧୦ ମିମି, ଭୁବନେଶ୍ୱରରେ ୧.୬ ମିମି, ଖୋର୍ଦ୍ଧାରେ ୨ ମିମି, ତାଳଚେରରେ ୪.୨ ମିମି ବର୍ଷା ରେକର୍ଡ଼ ହୋଇଛି । ବୁଧବାର ରାତିରେ ବିଭିନ୍ନ ସ୍ଥାନରେ ଭଲ ବର୍ଷା ହୋଇଥିବା ଜଣାପଡ଼ିଛି

## ସୀମା...

ପ୍ରଧାନ ବିଚାରପତି ଜଷ୍ଟିସ୍ ବିଆର୍ ଗଭାଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଥିଲେ ଯେ ବ୍ୟକ୍ତିବିଶେଷଙ୍କ ବିରୋଧରେ ମାମଲା ପଞ୍ଜିକୃତ କରିପାରନ୍ତି, କିନ୍ତୁ ନିଗମ ବିରୋଧରେ ନୁହେଁ । ଇଡି ସମସ୍ତ ସୀମା ଅତିକ୍ରମ କରି ନୋଟିସ ପ୍ରଦାନ କରିଛି । ଏଥିରେ ଆଉ ଆଗାନ୍ତୁ ନାହିଁ ବୋଲି କହିଥିଲେ । କୋର୍ଟ ନିଷ୍ପତ୍ତିକୁ ଡିଏମ୍‌କେ ପକ୍ଷରୁ ସ୍ୱାଗତ କରାଯାଇଛି ।

# ସେଣ୍ଟ ଜାଭିୟର୍ସ ହାଇସ୍କୁଲ ଶିକ୍ଷକ ପ୍ରଶିକ୍ଷଣ ଶିବିର



କେନ୍ଦୁଝର,(ସବ୍ୟୁ):୨୧୦୫ କେନ୍ଦୁଝର ସହର ଉପକ= ନଇଗାଁ, ଡିମ୍ପୋ ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ପରିସରରେ ମଇ ୧୮ ରୁ ୨୦ ତାରିଖ ପର୍ଯ୍ୟନ୍ତ ସିବିଏସ୍‌ଇ ପରିଚାଳିତ ଶିକ୍ଷକ ପ୍ରଶିକ୍ଷଣ ଶିବିର ସହ ଶିକ୍ଷଣ ଫଳାଫଳ ଶିକ୍ଷାନୀତି ସଂସ୍କାର ସଂପର୍କରେ ଶିକ୍ଷକ ମାନଙ୍କ ଦକ୍ଷତା ନିର୍ମାଣ ଓ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି ।

ସିବିଏସ୍‌ଇ ଦ୍ୱାରା ନିଯୁକ୍ତ ପ୍ରଶିକ୍ଷକ ପଲ୍ଲବୀ ମହାପାତ୍ର,ବକ୍ସି ଜଗବନ୍ଧୁ ଇଂରାଜୀ ମିଡିୟମ ସ୍କୁଲ ଓ ଦିଲ୍ଲୀପ କୁମାର ମିଶ୍ର ସିବିଏସ୍‌ଇ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ ଛ ପ୍ରଶିକ୍ଷକ ଭାବେ ଯୋଗଦେଇ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଉନ୍ନତ ମାନର ଶିକ୍ଷାର ବିକାଶ ନିମନ୍ତେ ଶିକ୍ଷାର ମାନ ପରିବର୍ତ୍ତିତ ଶିକ୍ଷାନୀତି ସଂପର୍କରେ ଆଲୋକପାତ କରିଥିଲେ । ଅନୁଷ୍ଠାନର ଚେୟାରମ୍ୟାନ୍ ଙ୍ଗ ଦେବବ୍ରତ ବେହେରାଙ୍କ ପ୍ରତ୍ୟକ୍ଷ ତ%୦ାବଧାନରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିର ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନ ଅଧ୍ୟକ୍ଷ ଡ଼ଃ ଦିବ୍ୟକିଶୋର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅନୁଷ୍ଠାନର ପ୍ରଶାସନିକ ଅଧିକାରୀ ଙ୍ଗ ମୃତ୍ୟୁଞ୍ଜୟ ନାୟକ ଶିବିରର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ମତବ୍ୟକ୍ତ କରିଥିଲେ । ଉପସଭାପତି କିରନ ଭାରତୀ ଯୋଗଦେଇ ପ୍ରତିଦ୍ୱନ୍ଦିତାମୂଳକ ଯୁଗରେ ଗୁଣାତ୍ମକ ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରିଥିଲେ ଛ ଶିବଦତ୍ତ ଦାସ,ଙ୍ଗ ହିମାଳୟ ସାହୁ ଶିବିର ଆୟୋଜନ କରିଥିବାବେଳେ ଇଂରାଜୀ ଅଧ୍ୟାପିକା ପ୍ରତୀକ୍ଷା ପ୍ରିୟଦର୍ଶିନୀ ଶିବିର ପରିଚାଳନା କରିଥିଲେ । ଉପାଧ୍ୟକ୍ଷ ସଂଯୁକ୍ତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଶିବିରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦେଇ ପ୍ରଶିକ୍ଷଣ ଗ୍ରହଣ କରିଥିଲେ ।

# ବନୀକରଣରେ ସ୍ଲରୀ ପାଇପଲାଇନ ବାଧକ

କେନ୍ଦୁଝର (ରବିରାଜ ): ଜାତୀୟ ରାଜପଥ ୨୦ ଏବଂ ୪୯ ଚାରିଲେନ ହେବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଶହ ଶହ ବର୍ଷର ପୁରାତନ ଗଛ କଟାଯାଇଛି ଚହେଲେ ରାସ୍ତା ୪ ଲେନ ହେବା ପରେ ଏନଏଚ ୨୦ର ଉଭୟ ପାkଶ୍ୱର୍ରେ ନୂତନ ଚାରାରୋପଣ ହୋଇପାରିନାହିଁ । ରାସ୍ତା ପାର୍ଶ୍ୱରେ ବହୁ ଫଳନ୍ତି ଗଛ ସହ ଶାଳ, ଶାଗୁଆନ, ନିମ୍ବ, ଧଉରା, ପିଆଶାଳ, ଶାଗୁଆନ, ତେନ୍ତୁଳି ଇତ୍ୟାଦି ଗଛ ପ୍ରଶସ୍ତୀକରଣ ସମୟରେ କଟାଯାଇଛି । ଫଳରେ ପରିବେଶ ଉପରେ ଏହାର ପ୍ରଭାବ ପଡିଛି । କେନ୍ଦୁଝର ଦେଇ ଯାଇଥିବା ଏନଏଚ ୨୦ ଏବଂ ୪୯ର ଉଭୟ ପାଶ୍ୱର୍ରେ ଗଛ କଟାଯିବା ପରେ ଲୋକମାନେ ନାହିଁନଥିବା ଅସୁବିଧାରେ ପଡୁଛନ୍ତି । ବୃକ୍ଷରୋପଣ ଏବଂ ନୂତନ ସବୁଜିମା ସୃଷ୍ଟି ପାଇଁ ଜାତୀୟ ରାଜପଥ ପ୍ରାଧିକରଣ ଏବଂ ବନ ବିଭାଗ ପଦକ୍ଷେପ ନେଉନଥିବା ଅଭିଯୋଗ ହୋଇଛି । ଏନଏଚ ୨୦ରେ ବହୁ ସଂଖ୍ୟାରେ ଗଛ କଟିଥିବାବେଳେ ସୁରି ପାଇପଲାଇନ ପାଇଁ ପଥପାର୍ଶ୍ୱ ବନୀକରଣ ହୋଇପାରୁନି । ଏନଏଚ ୨୦ ଆରଓଡ୍ଲୁ ବା ଅଧିଗ୍ରହଣ ହୋଇଥିବା ରାସ୍ତା ପାର୍ଶ୍ୱ ଜମିରେ ସୁରି ପାଇପ ଲାଇନ ବିଛା ଚାଲିଛି । ପୂର୍ବରୁ ବିଆରପିଏଲ ଏବଂ ଏସାର କମ୍ପାନୀ ସୁରି ପାଇପ ଲାଇନ ପକାଇ ସାରିଥିବା ବେଳେ ଏବେ ବହୁ କମ୍ପାନୀ ସୁରି ପାଇପ ଲାଇନ କାମ କରୁଛନ୍ତି । ଯାଜପୁର, କେନ୍ଦୁଝର ଓ ସୁନ୍ଦରଗଡ ଜିଲ୍ଲାର ୨୬୯ କିମି ରାସ୍ତାକୁ ୧୯୯୯ରେ ଏନଏଚ ୨୧୫ ମାନ୍ୟତାର ୧୨ ବର୍ଷ ପରେ ୨୦୧୧ ରେ ୪ ଥାକିଆ ପର୍ଯ୍ୟାୟ ବିଶିଷ୍ଟ ନିର୍ମାଣ ନିମନ୍ତେ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ) କୁ ହସ୍ତାନ୍ତର ହୋଇଥିଲା ।ରାସ୍ତା ନିର୍ମାଣ ଓ ମରାମତି ସୁବିଧା ଦୃଷ୍ଟିରୁ ପରବର୍ତ୍ତୀ ସମୟରେ ପାଣିକୋଇଲି- ରିମୁଳି ୧୬୩ କିମି ରାସ୍ତାକୁ ୨୦ନଂ ଏବଂ ରିମୁଳି-ରାଜାମୁଣ୍ଡା ୧୦୬ କିମି ରାସ୍ତାକୁ ୫୨୦ନଂ ଜାତୀୟ ରାଜପଥ ଘୋଷଣା ସହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି ପ୍ରକଳ୍ପ ପାଇଁ କେନ୍ଦୁଝର ଜିଲ୍ଲାର ଜରଦାଠାରୁ ଗୁଆଲି ପର୍ଯ୍ୟନ୍ତ ୧୮୩ କିମି ରାସ୍ତାର ଉଭୟ ପାଶ୍ୱର୍ରେ ଥିବା ରାଜାରାଜୁଡା ଅମଳର ୭୧ ହଜାର ୪୦ଟି ମୂଲ୍ୟବାନ ଗଛ କଟାଯାଇଥିଲା ।ପାଣିକୋଇଲି-ରିମୁଳି ପ୍ରକଳ୍ପ ପାଇଁ ଅଣଜଙ୍ଗଲ ଜମିରୁ ୧୬ହଜାର୨୪୫ ଓ ଜଙ୍ଗଲ ଜମିରୁ ୩୧ହଜାର୧୮୬ ଗଛକୁ ମିଶାଇ ମୋଟ ୪୭ ହଜାର୪୩୧ଟି ଗଛ କଟାଯାଇଛି । ସେହିଭଳି ରିମୁଳି-ରାଜାମୁଣ୍ଡା ପ୍ରକଳ୍ପ ପାଇଁ ଅଣଜଙ୍ଗଲ ଜମିରୁ ୫ ହଜାର ୭୪୧ ଏବଂ ଜଙ୍ଗଲ ଜମିରୁ ୧୭ ହଜାର୬୮୬ ଗଛକୁ ମିଶାଇ ମୋଟ ୨୩୬ ହଜାର ୦୯ଟି ମୂଲ୍ୟବାନ ଗଛ କଟିଛି । ଗଛକଟା, ଚାରାରୋପଣ, ରକ୍ଷଣାବେକ୍ଷଣ ଏବଂ ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମିରେ ପରିବର୍ତ୍ତନ ପାଇଁ ଏନଏଚଏଆଇ ପକ୍ଷରୁ କେନ୍ଦୁଝର ବନଖଣ୍ଡ ବିଭାଗକୁ ମୋଟ ଏନପିଭି ବାବଦ ୪୫କୋଟି ୨୮ ଲକ୍ଷ ୫୭ ହଜାର ୬୦୦ ଟଙ୍କା ଦିଆଯାଇଥିଲେ ହେଁ ଯୋଡା ଖଣି କ୍ଷେତ୍ରରୁ ପାରାଦ୍ୱୀପକୁ ପାଇପ ଯୋଗେ ଲୁହାପଥର ଗୁଣ୍ଡ ପରିବହନ ପାଇଁ ପୁଞ୍ଜିପତିଙ୍କ ସୁରକ୍ଷା ନିମନ୍ତେ ରାସ୍ତା ନିର୍ମାଣ ହୋଇ ଟୋଲ ଆଦାୟର ୨୦ ବର୍ଷ ପରେ ବି ପଥପାଶ୍ୱର୍ରେ ଚାରାରୋପଣ ହୋଇପାରିନାହିଁ । ୪ ଥାକିଆ ଜାତୀୟ ରାଜପଥ ନିର୍ମାଣ ନିମନ୍ତେ ଗଛ କାଟିବା ପାଇଁ ଜାତୀୟ ରାଜପଥ ପ୍ରାଧାକରଣ ବିଭାଗ ପକ୍ଷରୁ ପାଣିକୋଇଲି- ରିମୁଳି ରାସ୍ତାରେ ଥିବା ଅଣଜଙ୍ଗଲ ଜମିର ଗଛ କାଟିବା ବାବଦ ଏବଂ ଏଥି ନିମନ୍ତେ ୧୦ ଗୁଣା ଚାରା ରୋପଣ ଲାଗି ୫କୋଟି ୯୮ ଲକ୍ଷ ୨୭ହଜାର ୩୦୩ ଟଙ୍କା କାମ୍ପା ପାଣ୍ଠିରେ ଜମା ମଧ୍ୟ କରାଯାଇଛି । ଅଣଜଙ୍ଗଲ ଜମିରେ ୧୦ ଗୁଣା ଚାରାରୋପଣ ପାଇଁ ମିଳିଥିବା ଅର୍ଥ ମଧ୍ୟରୁ ଘଟଗାଁ ରେଞ୍ଜ ବାରବାଙ୍କ ସଂରକ୍ଷିତ ଜଙ୍ଗଲରେ ୩୪୦.୫୪ ହେକଟର ଜମିରେ ୧କୋଟି ୯ଲକ୍ଷ ୯୩ହଜାର ଟଙ୍କା ବ୍ୟୟରେ ୧ଲକ୍ଷ ୨ହଜାର ୧୬୨ ଟି ଚାରା ରୋପଣ କରାଯାଇଥିବା ବନବିଭାଗ ପକ୍ଷରୁ ସେ ସମୟରେ କୁହାଯାଇଥିଲା । ଜିଲ୍ଲାର ଯୋଡା ଖଣି କ୍ଷେତ୍ର ଅଞ୍ଚଳରୁ ପାରାଦ୍ୱୀପକୁ ପାଇପ ଯୋଗେ ଲୁହାପଥର ଗୁଣ୍ଡ ପରିବହନ ପାଇଁ ଜାତୀୟ ରାଜପଥ ପାଶ୍ୱର୍ରେ ପାଇପ ବିଛା କାର୍ଯ୍ୟ ଜାରି ରହିଥିବାରୁ ପୁଞ୍ଜିପତିଙ୍କୁ ସୁରକ୍ଷା ଦେବା ଆଳରେ ପାଣିକୋଇଲି-ରାଜାମୁଣ୍ଡା ଜାତୀୟ ରାଜପଥ ପଥ ପାର୍ଶ୍ୱରେ ଚାରାରୋପଣ କାର୍ଯ୍ୟ ହୋଇପାରୁନଥିବା ଅଭିଯୋଗ ହୋଇଛି ।ସୂଚନାଯୋଗ୍ୟ ଯେ, ପାଣିକୋଇଲି- ରିମୁଳି ରାସ୍ତାର ହସନପୁର, ଖଣ୍ଡଘର ଓ ବନାଯୋଡିଠାରେ ଟୋଲ ସ୍ଥାପନ କରାଯାଇ ୨୦୧୭ ଅଗଷ୍ଟ ୧୭ରୁ ଟୋଲ ଆଦାୟ ଜାରି ରହିଥିବାବେଳେ ରିମୁଳି-ରାଜାମୁଣ୍ଡା ରାସ୍ତାର କଣ୍ଡରା ଓ ଜାମୁଡିହିଠାରେ ମଧ୍ୟ ଟିକସ ଆଦାୟ ଜାରି ରହିଛି । କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ପାଣିକୋଇଲି-ରାଜାମୁଣ୍ଡା ଏନଏଚର କେବଳ କେନ୍ଦୁଝର ଜିଲ୍ଲାର ୧୮୩ କିମି ରାସ୍ତାର ଉଭୟ ପାଶ୍ୱର୍ରେ


**AFFIDAVIT**

Pragyan Paramita Behera, W/o Himanshu Shekhar Behera of at Jianipada, Khaira, Dist-Baleswar, Pin-756048, Odisha declared by this Affidavit No-76, dated – 07.05.2025 that now onwards I shall be known as **Prangaya Paramita Behera** for all future purposes.

**NAME CHANGE**

I, Sri Niranjan Mishra, son of Panchanan Mishra, resident of P-6, Lane 7, Phase 2, Srikhetravihar, Aiginia, Bhubaneswar, Odisha, hereby declare that I have changed my name and shall henceforth be known as Swami Sri Atmananda for all purposes. All concerned are requested to take note.

Sd/- Swami Sri Atmananda
Date : 20th May 2025

**AFFIDAVIT**

By virtue of an affidavit sworn before the Executive Magistrate Saraskana, Dist-Mayurbhanj. I, Shankar Soren, S/o - Kashinath Soren, resident of AT - Balidiha, PO-Dumurdiha, PS - Jharpokharia, Dist - Mayurbhanj, Pin - 757093,declare that this affidavit no. 119, dated. 22.05.2025. That, I have changed my son's name from Sahil Sirajan Soren to Sirzan Soren; henceforth, he shall be known as Sirzan Soren for all purposes.

Sd/- Shankar Soren

**AFFIDAVIT**

By virtue of an affidavit sworn before the Executive Magistrate Baripada, Dist-Mayurbhanj. I, Gourimani Das, D/o – Sibaprasad Das, resident of AT –Ambosikoda, PO–Sirishbani, PS – Baripada Sadar, Dist - Mayurbhanj,Pin : 757049,declare that this affidavit no. 3294, dated. 21.05.2025. That, I have changed my son's name from Om Prayansu Ghosh to Om Pragyansu Ghosh; henceforth, he shall be known as Om Pragyansu Ghosh for all purposes.

Sd/- Gourimani Das

**ODISHA HYDRO POWER CORPORATION LTD.,**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA-768017, DISTRICT : SAMBALPUR (ODISHA), INDIA
PHONE : 0663-2950721 (O), 2950765 (R), E-Mail : srgmhps_burla@yahoo.co.in
CIN : U40101OR1995SGC003963
No. HHEP/Tech-R&M-P-30/3A/ 2848 Date : 20.05.2025
**TENDER CALL NOTICE NO. HHEP-27/2025**

CAD -491 : Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from **Manufacturer/Authorised Dealer or Distributor / Authorised Channel Partner of L&T** for supply of following materials to HHEP, Burla as mentioned below :

| Description of work/ Service | Cost of tender paper (Non-refundable) in Rs. | EMD in shape of DD/BC (Rufundable) in Rs. | Period of sale/ download of tender document | Last date & Time of receipt of tender document | Date & Time of opening of Techno Commercial bid |
|---|---|---|---|---|---|
| Supply of MCCB, Fuses and LED indicators to HHEP, Burla | Rs. 4720/- (Rs. 4000 + GST @ 18%) | 5050/- | 26.05.2025 10.00 AM to 10.06.2025 upto 01.00 PM | 11.06.2025 upto 11.00 AM | 11.06.2025 at 11.30 AM |

Further details like tender documents / terms & Conditions (corrigendum / eeratum / addendum, if any), please visit our official website **www.ohpcltd.com.**

OIPR : 04007/11/0048/2526 Sd/- C&P Head, HHEP, Burla

**GOVERNMENT OF ODISHA : DEPARTMENT OF WATER RESOURCES,**
**OFFICE OF THE SUPERINTENDING ENGINEER,**
**LOWER 1NDRA CANAL DIVISION, KHARIAR**
**e-Procurement Notice No. SELICD-03/2025-26, Dt.20.05.2025**
A-204
e-mail address: - eelied.khr@gmail.com
No. 1784 Date : 20.05.2025

1. Type Nature of work : Civil Work / Canal Works
2. Total No. of works : 05 (Five) Nos.
3. Approx. value of works : Rs. 6.09 Lakh to Rs. 21.94 Lakh (Excluding GST).
4. Period of completion : 02 (Two) Calendar months.
5. Classification of bidders : "D", "C" & "B" Class Contractor only.

Other details as follows :

| Procurement Officer | e-Procurement Notice No. | Availability & Submission of bids in online | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Lower Indra Canal Division, Khariar, Dist: Nuapada, Odisha. | SELICD-03/2025-26 | 26.05.2025 from 10.00 AM | 04.06.2025 up to 5.00 PM | 05.06.2025 at 11.00 AM |

N.B: Funher details can be seen from the e-procurement portal https://www.tendersodisha.gov.in. Any addendum/' Corrigendum/ Cancellation to the above notice will be published in the Govt, website , www.tendersodisha.gov.in

Sd/- (Er. Soumya Kishore Jaipuria
Superintending Engineer.
Lower Indra Canal Division, Khariar

OIPR : 32335/11/0002/2526

**GOVT. OF ODISHA : DEPARTMENT OF PANCHAYATIRAJ & DRINKING WATER**
**OFFICE OF THE PANCHAYAT SAMITI, NIALI,CUTTACK**
Phone No. 8093606032 Email ID- ori-niali@nic.in
'E'-PROCUREMENT NOTICE NO :- 3412 DATED- 21.05.25
i-116

| | | |
|---|---|---|
| 1. | Name of work & Tender Cost (Rs. In Rupees) | 1. Construction of GPLF Office Building with Market Comple at Niali |
| | | Tender Cost- Rs. 22,32,677//- |
| | | 2. Construction of GPLF Office Building with Market Comple at Madhaba |
| | | Tender Cost- Rs. 22,32,677/- |
| | | 3. Construction of GPLF Office Building with Market Comple at Bilasuni |
| | | Tender Cost- Rs. 22,32,677/- |
| | | 4. Construction of GPLF Office Building with Market Comple at Ekaberuan |
| | | Tender Cost- Rs. 22,32,677/- |
| | | Name of work & Tender Cost (Rs. In Rupees) |
| | | 5. Construction of Additional Classroom at Trilochaneswar High School,Sadansa |
| | | Tender Cost- Rs. 15.03.467/- |
| | | 6. Construction of Additional Classroom at Govt. PS.South Kasarda,Kasarada GP |
| | | Tender Cost- Rs. 14,33,804./- |
| | | 7. Construction of Additional Classroom at Govt. PS.Babaja , Anlo GP |
| | | Tender Cost- Rs. 14,33,804./- |
| | | 8. Construction of Additional Classroom at Niali Urdu Upper Primary School, |
| | | Majhikhanda, Nuagaon GP |
| | | Tender Cost- Rs. 12,23,448./- |
| | | 9. Construction of Additional Classroom at Govt. PS.East Pokharigaon |
| | | Tender Cost- Rs. 9,62,736./- |
| | | 10.Construction of Additional Classroom at Baghasahi Project PS .Ratanpur GP |
| | | Tender Cost- Rs. 9,62,736./- |
| 2. | Period of completion | 6 Months |
| 3. | Date and time of availability of bid documents in the portal | 23.05.2025 AT 10:00 A.M |
| 4. | Last date/Time for receipt of bids in the portal | 05.06.2025 Up to 05:00 P.M |
| 5. | Date and time of opening of bid | 22.05.2025 AT 12 Noon |
| 6. | Name and address of the Officer Inviting Bid | Block Development Officer, NIALI, O/O Panchayat Samiti, NIALI, Cuttack. |

Further details can be seen from the Govt, web site **www.tendersodisha.gov.in.**

OIPR : 19299/11/0001/2526 Sd/- Block Development Officer, NIALI

**The Odisha Small Industries Corporation Ltd.**
(A Government of Odisha Undertaking)
(An ISO-.9001:2008 certified Govt. Company)
Industrial Estate. Madhupatna. CUTTACK - 753 010 Odisha
Tel No. : 0671-2341204, 2342816 Fax : 0671 2341875/2342561
e-mail osicltd@gmail com osicmd@gmail.com, website : osicltd.in
OSIC GST No 21AAACO2101M1Z1

**NOTICE INVITING TENDER**

Bid reference N0.1194/OSIC/MKT Dt.21.05.2025

CAD-501 : The Odisha Small Industries Corporation Ltd Cuttack invites online Bids through e-Tender portal (https://tendersodisha.gov in) from eligible bidders eligible bidders i.e Odisha Small Manufacturing Enterprises (OSMEs) within the State for supply of 200 Nos Wheel Barrows to Cuttack Municipal Corporation as per the particulars mentioned below :

| Sl.no | Particulars | Date and time |
|---|---|---|
| 1 | Date of release of bid | 21.05.2025 at 3.00 P.M. |
| 2 | Date & time of Online bid submission | 11.06.2025 till 5.30 P.M. |
| 3 | Cost of tender paper | Exempted Relaxed to OSMEs |
| 4 | EMD amount | |
| 5 | Date & time of online Technical bid opening | at 12 Noon on dt. 12.06.2025 |
| 6 | Date of opening of Financial Bid | To be informed to the techanically qualified bidders |

The bid document with all information relating to trie bidding process including prequalification criteria and terms & conditions are available in the websites www osicltd in and https //tendersodisha gov.in. Corrigendum / addendum if required, will be uploaded in the above website Bidders are permitted to apply only through https://tendersodisha.gov in. Hence potential bidders (OSMEs) are requested to be in continuous watch with the above websites the OSIC Ltd reserves the right to accept / reject any all Bids/ cancel the entre selection process at any stage without assigning any reason thereof

Sd/
OIPR : 14073/11/0046/2526 GENERAL MANAGER (O)

**ODISHA PUBLIC SERVICE COMMISSION**
**CUTTACK**
**NOTICE**
No. 3471 / PSC, dt. 22.05.25
(1R-03-2025/26) DR-V)

D-75 : It is for information of all concerned that, document verification of candidates having **PPSAN** mentioned below for the post of **Professor in Mathematics**, pursuant to Advertisement No.31 of 2023-24 shall be held on **05.06.2025 & 06.06.2025** as per the following programme in the office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 05.06.2025 | 10.30 A.M. | P240302540, P240302216 &P240301143 =03 Candidates |
| | 02.30 P.M. | P240310536, P240302694 &P240305004 =03 Candidates |
| 06.06.2025 | 10.30 A.M. | P240300808, P240307582 & P240303083 =03 Candidates |
| | 02.30 P.M. | P240309651, P240309795 & P240304114 =03 Candidates |

The candidates are required to submit the following documents (both original & one set of photo-copies) at the time of verification: -

1. The hard copies of online application forms indicating their PPSAN at the top right-hand corner.
2. Four recent passport size photographs (unsigned & unattested) which has been uploaded with online application form.
3. Duly filled in & attested "Attestation Form" and duly filled in "Bio-data Form" (downloaded from the website of the Commission).
4. H.S.C. or equivalent Certificate in support of declaration of age issued by the concerned Board/Council.
5. Bachelor's Degree Certificate issued by the recognized University.
6. Master's Degree Certificate in the concerned /relevant/allied subject issued by the recognized University.
7. M. Phil Degree Certificate.
8. Ph.D. Degree Certificate.
9. Mark-lists in support of all the aforesaid examinations (i.e. H.S.C. to Ph.D.) issued by the concerned Board/Council/ University/Institution.
10. Research Papers.
11. Research Publications.
12. Experience Certificate indicating a minimum 10 years of teaching experience in University/College as Assistant Professor/ Associate Professor/ Professor.
13. Experience Certificate indicating a minimum of 10 years research experience at equivalent level at the University/ National level institution.
14. Certificates/documents indicating about successfully guiding doctoral candidates.
15. Caste Certificate wherever applicable.
16. No Objection Certificate from the competent authorities in case of Government Servants.
17. Any proof of identity.
18. Copies of all the Documents in support of Research Score as provided in Annexure-A (Table-2) of Advt. No.31 of 2023-24.
19. Any other documents as mentioned in para-09 of Advt. No.31 of 2023- 24.

The candidates are advised to report in the office of the Commission half an hour before the commencement of verification on the scheduled date & time as mentioned above.

Note: - It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

OIPR : 12002/11/0224/2526 Sd/- Secretary

# ସଂପ୍ରସାରଣ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ସମାପ୍ତି ଉପରେ ନାଲକୋ ସିଏମଡିଙ୍କ ଗୁରୁତ୍ୱ

ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ରଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲକୋ) ଆର୍ଥିକ ବର୍ଷ ୨୦୨୪-୨୫ରେ ଐତିହାସିକ ଆର୍ଥିକ ମାଇଲଖୁଣ୍ଟ ହାସଲ କରିଛି । ବ୍ୟବସାୟ କ୍ଷେତ୍ରରେ ଉତ୍କୃଷ୍ଟତା ଏବଂ ଅଭିବୃଦ୍ଧିର ଏକ ନୂତନ ଯୁଗର ପ୍ରାରମ୍ଭ ହୋଇଛି । ଏହି ଉଲ୍ଲେଖନୀୟ ସଫଳତା କମ୍ପାନୀର କର୍ମଚାରୀମାନଙ୍କୁ ସମ୍ବୋଧିତ କରିବା ଅବସରରେ, ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ସଭିଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ କମ୍ପାନୀର ସୁସଂଗଠିତ କାର୍ଯ୍ୟପ୍ରଣାଳୀ, ଆର୍ଥିକ ସୁପରିଚାଳନା, କର୍ମଚାରୀଙ୍କ ପ୍ରତିବଦ୍ଧତା ଏବଂ ନାଲକୋର ରଣନୈତିକ କାର୍ଯ୍ୟପନ୍ଥା ସଫଳତାର ଭିତ୍ତି ବୋଲି କହିଥିଲେ । ଏହି ଉଲ୍ଲେଖନୀୟ ସଫଳତା କେବଳ ନାଲକୋ ପାଇଁ ନୁହେଁ ବରଂ ପ୍ରତ୍ୟେକ କାର୍ଯ୍ୟକ୍ଷମ,ସ୍ମେଲ୍ଟର ପ୍ଲାଣ୍ଟ ତଥା କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ ର ପ୍ରସ୍ତାବିତ ସଂପ୍ରସାରଣ ଗୁରୁତ୍ୱ ପୂର୍ଣ୍ଣ ଅଟେ ବୋଲି ଦର୍ଶାଇଥିଲେ । ଏହି ପ୍ରକଳ୍ପ ଗୁଡିକ କାର୍ଯ୍ୟକ୍ଷମ ହୋଇପାରିଲେ ବିଶ୍ୱଆଲୁମିନିୟମ ବ୍ୟବସାୟ କ୍ଷେତ୍ରରେ ନାଲକୋର ସ୍ଥିତି ଆହୁରି ସୁଦୃଢ଼ ହୋଇପାରିବ ବୋଲି ସେ କହିଥିଲେ ।

ଏହି ଅବସରରେ ନିର୍ଦ୍ଦେଶକ (ବାଣିଜ୍ୟିକ) ସଦାଶିବ ସାମନ୍ତରାୟ,




ସ୍ଥିରତା, କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ମୂଲ୍ୟବୋଧ ସୃଷ୍ଟିକୁ ସୂଚିତ କରୁଛି । ଗତକାଲି ଘୋଷିତ ହୋଇଥିବା ଆର୍ଥିକ ଫଳାଫଳ ଅନୁଯାୟୀ, ନାଲକୋ ସର୍ବକାଳୀନ ସର୍ବାଧିକ ୫,୩୨୫କୋଟି ଟଙ୍କାର ନିଟ୍ ଲାଭ ରେକର୍ଡ କରି ଏକ ନୂତନ ଆର୍ଥିକ ମାଇଲଖୁଣ୍ଟ ସ୍ଥାପନ କରିଛି, ଯାହାକି ବିଗତ ଆର୍ଥିକ ବର୍ଷ ତୁଳନାରେ ୧୫୮ପ୍ରତିଶତ ଅଭିବୃଦ୍ଧି ଅଟେ । କମ୍ପାନୀ ଆର୍ଥିକ ବର୍ଷ୨୦୨୪-୨୫ ଆରଇ ମଧ୍ୟ ସର୍ବକାଳିନ ସର୍ବାଧିକ ରେକର୍ଡ ସହ ୧୬,୭୮୮ କୋଟି ଟଙ୍କାର ମୋଟ ବ୍ୟବସାୟ କରିଛି । କର୍ମଚାରୀ, ଅଂଶୀଦାର, ଖଣିମନ୍ତ୍ରଣାଳୟ, ଓ ଆମ ରାଜ୍ୟ ଓଡ଼ିଶା ପାଇଁ ଗର୍ବର ମୁହୂର୍ତ୍ତ । ଶ୍ରୀ ସିଂହ କହିଥିଲେ ଯେ, ଆଲୁମିନା ଓ ଆଲୁମିନିୟମର ବଜାର ଦରରେ ବୃଦ୍ଧି କମ୍ପାନୀର ସଫଳତାକୁ ଆଗକୁ ନେବାରେ ସହାୟକ ହୋଇଛି, କିନ୍ତୁ ଦୀର୍ଘକାଳୀନ ସଫଳତା ନିମନ୍ତେ କାର୍ଯ୍ୟକ୍ଷମତାରେ ଉତ୍କର୍ଷତା, ଏବଂ ଉଚ୍ଚ କାର୍ଯ୍ୟଦକ୍ଷତା ଗୁରୁତ୍ୱ ପୂର୍ଣ୍ଣ ଅଟେ । ସଂପ୍ରସାରଣ କାର୍ଯ୍ୟ ଗୁଡିକ ସଂପୂର୍ଣ୍ଣ କରିବା ନିମନ୍ତେ ସେ ଗୁରୁତ୍ୱ ଦେବା ସହ ୫ମ ଷ୍ଟ୍ରିମ ରିଫାଇନେରୀ ସଂପ୍ରସାରଣ, ପୋଟାଙ୍ଗୀ ଖଣି ନିର୍ଦ୍ଦେଶକ (ଉତ୍ପାଦନ) ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ (ପିଆଣ୍ଡଟି) ଜଗଦୀଶ ଅରୋରା, ନିର୍ଦ୍ଦେଶକ (ମାନବ ସମ୍ବଳ) ଡ. ତାପସ କୁମାର ପଟ୍ଟନାୟକ ଏବଂ ମୁଖ୍ୟ ସତର୍କତା ଅଧିକାରୀ ପ୍ରଣବଜ୍ୟୋତି ନାଥ ପ୍ରମୁଖ ଉପସ୍ଥିତ ଥିଲେ ଏବଂ ନିଜ ଅଭିଭାଷଣରେ କମ୍ପାନୀର କାର୍ଯ୍ୟଦକ୍ଷତା ଏବଂ ଉତ୍ପାଦକତାରେ ପ୍ରତିଯୋଗିତା ମୂଳକ ଧାରା ବଜାୟ ରଖିବା ପାଇଁ ନାଲକୋ ପରିବାରକୁ ହୃଦୟର ସହିତ ଅଭିନନ୍ଦନ ଜଣାଇଥିଲେ ।

## ଟର୍ଚ୍ଚ ଲାଇଟ୍‌ରେ ଚିକିତ୍ସା ଘଟଣା

# ୬ ଜଣିଆ ତଦନ୍ତ କମିଟି ଗଠନ କଲେ ଶିଶୁଭବନ କର୍ତ୍ତୃପକ୍ଷ

କଟକ,(ସବ୍ୟୁ): ଶିଶୁ ଭବନରେ ଟର୍ଚ୍ଚ ଲାଇଟ୍ ପକାଇ ଶିଶୁ ମୁଣ୍ଡରେ ଷ୍ଟିଚ୍ ପକାଇବା ଘଟଣାକୁ ନେଇ ମେଡିକାଲ କର୍ତ୍ତୃପକ୍ଷ ଏକ ତଦନ୍ତ କମିଟି ଗଠନ କରିଛନ୍ତି । ଅଧୀକ୍ଷକଙ୍କ ନେତୃତ୍ୱରେ ଗଠିତ ୬ଜଣିଆ କମିଟି ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବ । ଅନ୍ୟପକ୍ଷରେ ଚିକିତ୍ସା କରୁଥିବା ଡାକ୍ତରଙ୍କୁ ମଧ୍ୟ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି । ଅଧୀକ୍ଷକ ଡାକ୍ତର ପ୍ରଭାକର ମିଶ୍ର ଏ ବାବଦରେ କହିଛନ୍ତି ଯେ, ଟର୍ଚ୍ଚ ଲାଇଟ୍ ପକାଇ ଚିକିତ୍ସା କରାଯାଉଥିବା ସ୍ଥାନଟି ମାଇନର ଓ.ଟି ନୁହେଁ । ଏହା କାଜୁଆଲିଟି । ତଥାପି ଏଭଳି ଅବ୍ୟବସ୍ଥା କାହିଁକି ଦେଖିବାକୁ ମିଳିଛି ସେ ନେଇ ତଦନ୍ତ ହେବ ବୋଲି ଅଧୀକ୍ଷକ ଡାକ୍ତର ମିଶ୍ର କହିଛନ୍ତି । ରାଜ୍ୟର ଏକମାତ୍ର ଭରସାଯୋଗ୍ୟ ଶିଶୁ ରୋଗ ଚିକିତ୍ସା ପ୍ରତିଷ୍ଠାନ ଶିଶୁଭବନରେ ବୁଧବାର ଏହି ଘଟଣା ଦେଖିବାକୁ ମିଳିଥିଲା । ରାଜାବଗିଚା ଅଞ୍ଚଳର ଏକ ୨ବର୍ଷ ଶିଶୁପୁତ୍ରର ମୁଣ୍ଡରେ ଆଘାତ ଲାଗିଥିଲା । ପରିବାର ଲୋକେ ଶିଶୁପୁତ୍ରକୁ ଧରି ତୁରନ୍ତ ଶିଶୁଭବନକୁ ଯାଇଥିଲେ । କାଜୁଆଲିଟିରେ ଡାକ୍ତରଙ୍କୁ ଦେଖାଇଥିଲେ । ପରେ ଶିଶୁପୁତ୍ରର ମୁଣ୍ଡରେ ଷ୍ଟିଚ୍ ପକାଯାଇଥିବା ବେଳେ ଜଣେ କର୍ମଚାରୀ ଟର୍ଚ୍ଚ ଧରି ଛିଡ଼ା ହୋଇଥିଲେ । ଏହାର ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା ।

## ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା

# କଳିଙ୍ଗନଗର ଶିଳ୍ପାଞ୍ଚଳରେ ଇମ୍ଫାର ସମ୍ପ୍ରସାରିତ କାରଖାନାର ଶିଳାନ୍ୟାସ

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିର ପ୍ରମୁଖ ପୁରୋଧା ସ୍ୱର୍ଗତ ଡ. ବଂଶୀଧର ପଣ୍ଡାଙ୍କ ଦ୍ୱାରା ପ୍ରତିଷ୍ଠିତ ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ ଲିମିଟେଡ୍ (ଇମ୍ଫା) ପକ୍ଷରୁ କଳିଙ୍ଗନଗରରେ ଏହାର ନୂତନ ଅତ୍ୟାଧୁନିକ ପ୍ଲାଣ୍ଟର ଶିଳାନ୍ୟାସ ହୋଇଯାଇଛି । ରାଜ୍ୟର ଶିଳ୍ପରାଷ୍ଟ୍ର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସମବାୟ ବିଭାଗ ରାଷ୍ଟ୍ରମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ଓ ଇମ୍ଫାର ବରିଷ୍ଠ ସଦସ୍ୟଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧିବଦ୍ଧ ଭାବେ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ ।

୧୨୪.୨୬ ଏକରରେ ପରିବ୍ୟାପ୍ତ ଏହି କଳିଙ୍ଗନଗର କାରଖାନାରୁ ବାର୍ଷିକ ୧,୦୦,୦୦୦ ମେଟ୍ରିକ୍ ଟନ୍‌ର ଫେରୋକ୍ରୋମ୍ ଉତ୍ପାଦନ ହେବ । ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ସୁଦ୍ଧା ଏହି କାରଖାନାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି । ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ହେବାକୁ ଥିବା ଏହି କାରଖାନା ଚୌଦ୍ୱାର ଏବଂ ଥେରୁବାଲି ଠାରେ ଥିବା ଇମ୍ଫାର ସମନ୍ୱିତ କାର୍ଯ୍ୟସ୍ଥଳୀ ଗୁଡ଼ିକର ପରିପୂରକ ହେବ ଏବଂ ଏହାର ମୋଟ ଉତ୍ପାଦନ କ୍ଷମତା ୩,୮୪,୦୦୦ଟନ୍‌କୁ ବୃଦ୍ଧି ପାଇବା ସହିତ ମୂଲ୍ୟଯୁକ୍ତ ଭାରତର ଅଗ୍ରଣୀ ଫେରୋକ୍ରୋମ୍ ଉତ୍ପାଦନ କାରୀ ଭାବରେ ଏହାର ସ୍ଥିତିକୁ ସୁଦୃଢ଼




କରିବ । ଇମ୍ଫାର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା ଏହି ପ୍ରକଳ୍ପର ମହତ୍ତ୍ୱ ଉପରେ ଆଲୋକପାତ କରି କହିଛନ୍ତି ଯେ, ଓଡ଼ିଶାର ବିକାଶ ପାଇଁ ଆମେ ସର୍ବଦା ପ୍ରତିଶ୍ରୁତିବଦ୍ଧ ରହିଛୁ । ଏହି ନୂତନ ପ୍ରକଳ୍ପ କେବଳ ରାଜ୍ୟର ଶିଳ୍ପମାନଚିତ୍ରକୁ ଉନ୍ନତ କରିବ ନାହିଁ ବରଂ ଦୀର୍ଘସ୍ଥାୟୀ ଏବଂ ଉନ୍ନତ ଜ୍ଞାନ କୌଶଳ ମାଧ୍ୟମରେ ଇମ୍ଫାର ଅଭିବୃଦ୍ଧିରେ ମଧ୍ୟ ସହାୟକ ହେବ । ଫେରୋ ଆଲଏଜ୍ କ୍ଷେତ୍ରରେ ଅଗ୍ରଣୀ ଇମ୍ଫା ଜେଏସଡବ୍ଲ୍ୟୁ ଗ୍ରୀନ୍ ଏନର୍ଜି ସହ ମିଳିତ ଉଦ୍ୟମରେ କଳିଙ୍ଗନଗର କାରଖାନାରେ ସ୍ମେଲଟିଙ୍ଗ ପ୍ରକ୍ରିୟା ପାଇଁ ୧୧୦ ମେଗାୱାଟ୍ ହାଇବ୍ରିଡ୍ ନବିକରଣୀୟ ବିଦ୍ୟୁତ ଶକ୍ତି ଯୋଗାଣ କରିବ । ଏହା କେବଳ ଇମ୍ଫାର ସବୁଜ ପରିବେଶ ସୃଷ୍ଟି ପାଇଁ ଉଦ୍ୟମକୁ ତ୍ୱରାନିତ କରିବା ସହିତ ଏକ ସବୁଜ ଭବିଷ୍ୟତ ନିର୍ମାଣ ଦିଗରେ ଏକ ସକ୍ରିୟ ପଦକ୍ଷେପ ସ୍ୱରୂପ ୨୦୭୦ ସୁଦ୍ଧାନେଟ ଶୂନ୍ୟ ନିର୍ଗମନ ହାସଲ କରିବାରେ ଭାରତର ଅଭିଯାନକୁ ସହାୟତା ମଧ୍ୟ କରିବ ।

## ପାରମ୍ପରିକ ପଟ୍ଟଚିତ୍ରରେ ଜାତୀୟ ମେଧାବୃତ୍ତି ପାଇଁ

# ମନୋନୀତ ହେଲେ ଶିଶୁ ଚିତ୍ରଶିଳ୍ପୀ ମଧୁଛନ୍ଦା

ଭୁବନେଶ୍ୱର (ସବ୍ୟୁ): ଭାରତ ସରକାରଙ୍କ ସଂସ୍କୃତି ବିଭାଗର ବହୁମୁଖୀ ଯୋଜନାରେ ଭୁବନେଶ୍ୱର ଉପକଣ୍ଠ ସତ୍ୟଭାମାପୁର ସ୍ଥିତ ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ - ୨ ର ସପ୍ତମ ଶ୍ରେଣୀ ଛାତ୍ରୀ ମଧୁଛନ୍ଦା ଧଳସାମନ୍ତ କଳାଶିକ୍ଷକ ତଥା ପାରମ୍ପରିକ ପଟ୍ଟଚିତ୍ର ଶିଳ୍ପୀ ରବୀନ୍ଦ୍ର କୁମାର ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଟ୍ଟଚିତ୍ର ପ୍ରଶିକ୍ଷଣ ପାଇଁ ୨୦୨୪-୨୫ ଶିକ୍ଷା ବର୍ଷ ଠାରୁ ସ୍ନାତକ ପର୍ଯ୍ୟନ୍ତ ମେଧା ବୃତ୍ତି ପାଇବା ପାଇଁ ସିସିଆରଟିର ନିର୍ଦ୍ଦେଶକ ରାଜୀବ କୁମାର ସ୍ୱୀକୃତି ପ୍ରଦାନ କରିଛନ୍ତି । ଗତ ମାର୍ଚ୍ଚ ମାସରେ ଅନୁଷ୍ଠିତ ଆଞ୍ଚଳିକ ସ୍ତରୀୟ ଚୟନ କମିଟିଙ୍କ ସମ୍ମୁଖରେ ନିଜର ସୃଜନାତ୍ମକ ଶୈଳୀରେ ପ୍ରଭୁ ଜଗନ୍ନାଥଙ୍କ ପଟ୍ଟଚିତ୍ର ଅଙ୍କନ କରି ବିଚାରକ ମଣ୍ଡଳୀଙ୍କ ଦୃଷ୍ଟି ଆକର୍ଷଣ କରି



ଏହି ସଫଳତା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । କଟକ ଜିଲ୍ଲା ଆଠଗଡ ନିକଟସ୍ଥ ବିରୁଡା ଗ୍ରାମରେ ଜନ୍ମିତ ମଧୁଛନ୍ଦା ପାଠପଢ଼ା ସହ ପଟ୍ଟଚିତ୍ରରେ ଅଭିରୁଚି , ମାତାପିତାଙ୍କ ପ୍ରେରଣା ଓ ଗୁରୁ ରବୀନ୍ଦ୍ରଙ୍କ ମାର୍ଗଦର୍ଶନ ଯୋଗୁଁ ସେ ଜାତୀୟ ସ୍ତରରେ ସଫଳତା ପାଇ ପାରିଛନ୍ତି ବୋଲି ମତବ୍ୟକ୍ତ କରିଛନ୍ତି ।

## ପଛୁଆବର୍ଗ, ଅନୁସୂଚିତ ଜାତି ଓ ଜନଜାତିମାନଙ୍କ ପାଇଁ

# ଆରକ୍ଷଣ ଦାବିରେ ପ୍ରଦେଶ କଂଗ୍ରେସର ଗଣଧାରଣା

ଭୁବନେଶ୍ୱର, (ସବ୍ୟୁ): ପଛୁଆବର୍ଗ, ଅନୁସୂଚିତ ଜାତି ଓ ଜନଜାତିମାନଙ୍କ ପାଇଁ ନ୍ୟାର୍ଯ୍ୟ ଆରକ୍ଷଣ ଦାବିରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଗୁରୁବାର ୨୪ ଘଣ୍ଟିଆ ଧାରଣା ଦିଆଯାଇଛି। ପିସିସି ସଭାପତି ଭକ୍ତ ଚରଣ ଦାସ ଏକ ବିଶାଳ ଶୋଭାଯାତ୍ରାରେ କଂଗ୍ରେସ ଭବନରୁ ବାହାରି ଧାରଣାସ୍ଥଳ ପର୍ଯ୍ୟନ୍ତ ଯାଇଥିଲେ । ଏହି ଅବସରରେ ଶ୍ରୀ ଦାସ କହିଛନ୍ତି ଯେ କେନ୍ଦ୍ର ସରକାର ତରବରିଆ ଭାବେ ଭୟରେ ଜାତି ଜନଗଣନା କରିବା ପାଇଁ ଯେଉଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି ଏହାର ସମସ୍ତ ଶ୍ରେୟ ରାହୁଲ ଗାନ୍ଧୀଙ୍କର । ରାହୁଲ ଗାନ୍ଧୀ କହି ଆସିଛନ୍ତି ଯାହାର ସଂଖ୍ୟା ଯେତେ ତାହାର ହକ ସେତେ । ସେହି ନିମୟରେ ସେ ସଂସଦ ଭିତରେ ଏବଂ ସଂସଦ ବାହାରେ ଶାଣିତ ସ୍ୱରରେ ଜାତିଜନଗଣନା ପ୍ରସଙ୍ଗ ଉପସ୍ଥାପନ ଦୀର୍ଘଦିନ ଧରିକରି ଆସୁଥିଲେ । ସେତେବେଳେ ଜାତି ଜନଗଣନାକୁ ବିଜେପିର ବହୁ ନେତା ତୀବ୍ର ବିରୋଧ କଲେ । ଏବେ ଯାହା ହୋଇଛି ତାହାର ଶ୍ରେୟ ରାହୁଲ ଗାନ୍ଧିଙ୍କର । ରାଜ୍ୟରେ ଏସ୍‌ସି, ଏସ୍‌ଟି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚ ଶିକ୍ଷାରେ ୩୮.୭୫ ପ୍ରତିଶତ ସଂରକ୍ଷଣ ପ୍ରଦାନ କରାଯାଉଥିବା ବେଳେ ମେଡିକାଲ ଓ ଅନ୍ୟାନ୍ୟ ବୈଷୟିକ ପାଠ୍ୟକ୍ରମରେ ମାତ୍ର ୨୦ ପ୍ରତିଶତ ସ୍ଥାନ ସଂରକ୍ଷଣ ରହିଛି । ଏହା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି । ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଛନ୍ତି ଯେ ଓବିସି ବର୍ଗଙ୍କୁ ଭୁଆଁ ବୁଲାଇବା ପାଇଁ ବ୍ୟବହାରିକ ଶିକ୍ଷା କ୍ଷେତ୍ରରେ ୧୧.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି ।



ସେହିଭଳି ଏସ୍‌ସି, ଏସ୍‌ଟିମାନଙ୍କୁ ମଧ୍ୟ ବୈଷୟିକ, ମେଡିକାଲ, ଇଞ୍ଜିନିୟରିଂ ଶିକ୍ଷା କ୍ଷେତ୍ରରେ ମାତ୍ର ୨୦ ପ୍ରତିଶତ ସଂରକ୍ଷଣ ଦିଆଯାଇଛି। ଯାହାକି ସଂପୂର୍ଣ୍ଣ ଭାବେ ଏହି ବର୍ଗଙ୍କୁ ଉପେକ୍ଷା କରାଯାଇଛି ବୋଲି ଶ୍ରୀ ଲଲ୍ଲୁ ଅଭିଯୋଗ କରିଛନ୍ତି । ରାଜ୍ୟର ୫୪ ପ୍ରତିଶତ ପଛୁଆ ବର୍ଗର ଲୋକ ନିଜହକ ପାଇଁ ଲଢ଼େଇ କଲେ ନିଶ୍ଚିତ ଭାବେ ବ୍ୟବସ୍ଥିତ ହୋଇଥିବା ସଂରକ୍ଷଣ ଲାଗୁ କରିବା ପାଇଁ ସରକାର ବାଧ୍ୟ ହେବେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏଆଇସିସି ସହ ପ୍ରଭାରୀ ରୋଜାଲିନା ତିର୍କି, ଜଗନ୍ନାଥ ପଟ୍ଟନାୟକ, ଶରତରାଉତ, ଶିବାନନ୍ଦ ରାୟ, ଅମର ପ୍ରଧାନ, ସୁରେଶ କୁମାର ରାଉତରାୟ, ରାମଚନ୍ଦ୍ର ଖୁଣ୍ଟିଆ, ଅନନ୍ତ ପ୍ରସାଦ ସେଠୀ, ସମୀର ରାଉତରାୟ, ଅଶୋକ ଦାସ, ରମେଶ ଜେନା, ମାନସ ଚୌଧୁରୀ, ଡ. ଦେବାଶିଷ ପଟ୍ଟନାୟକ, ଡ. ଲଲାଟେନ୍ଦୁ ମହାପାତ୍ର, ସନ୍ତୋଷ ସିଂ ସାଲୁଜା, ଶୁଭେନ୍ଦୁ ମହାନ୍ତି, ସସ୍ମିତା ବେହେରା, ମନୋରଞ୍ଜନ ଦାଶ, ରଣଜିତ ପାତ୍ର, ୟାସିର ନୱାଜ ପ୍ରମୁଖ ବହୁ କଂଗ୍ରେସ ନେତୃବୃନ୍ଦ ଯୋଗ ଦେଇଥିଲେ ।

# ବର୍ଷିଆନ ସାମ୍ବାଦିକ ଡଃ କେ ବିକ୍ରମ ରାଓଙ୍କ ବିୟୋଗରେ ୟୁଜେଏ ପକ୍ଷରୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, (ସବ୍ୟୁ): ଭାରତୀୟ ପେଷାଦାର ସାମ୍ବାଦିକ ସଂଘର ଜାତୀୟ ସଭାପତି ଡଃ କେ ବିକ୍ରମ ରାଓଙ୍କ ବିୟୋଗରେ ଉତ୍କଳ ସାମ୍ବାଦିକ ସଂଘ , ଓଡିଶା ପକ୍ଷରୁ ଗୁରୁବାର ଦିନ ରାଜ୍ୟ ସଂଘ କାର୍ଯ୍ୟାଳୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା । ସଂଘର ରାଜ୍ୟ ସଭାପତି ବିଭୂତିଭୁଷଣ କର ଏହି ସଭାରେ ଅଧ୍ୟକ୍ଷତା କରି ଡଃ ରାଓଙ୍କୁ ଜଣେ ସାମାଜିକ ଚେତନା ସମ୍ପର୍ଣ୍ଣ ଓ ଲୋକତାନ୍ତ୍ରୀକ ମୂଲ୍ୟବୋଧ ଭିତିକ ସାମ୍ବାଦିକ ବୋଲି ଅବିହିତ କରିଥିଲେ । ଦେଶରେ ସାମ୍ବାଦିକତା ବୃତିଗତ ସମସ୍ୟାର ସମାଧାନ ଏବଂ ସାମ୍ବାଦିକ ମାନଙ୍କ ସ୍ୱାର୍ଥ ପାଇଁ ସେ ଅଗ୍ରଗଣ୍ୟ ନେତା ଥିଲେ । ତେଣୁ ତାଙ୍କୁ ଗଣମାଧ୍ୟମ ଜଗତ ସର୍ବଦା ମନେ ରଖିବ ବୋଲି ସଭାରେ ଯୋଗଦେଇଥିବା ଅନ୍ୟ ବକ୍ତାମାନେ ଅଭିହିତ କରିଥିଲେ । ସ୍ୱର୍ଗତ ରାଓଙ୍କର ଉତ୍କଳ ସାମ୍ବାଦିକ ସଂଘ ସହିତ ଶେଷ ପର୍ଯ୍ୟନ୍ତ ନିବିଡ ସମ୍ପର୍କ ଥିଲା ଓ ସେ କିଛିଦିନ ଭୁବନେଶ୍ୱରରେ ଅବସ୍ଥାପିତ ହୋଇ ଟାଇମ୍ସ ଅଫ ଇଣ୍ଡିଆ ପାଇଁ ସାମ୍ବାଦିକତା କରିଥିଲେଛ ଦେଶରେ ମଣିସେନା ସିଂ ଓ ମାଜେଥିଆ ବେତନ ଆୟୋଗ ଗଠନରେ ତାଙ୍କର ଭୂମିକା ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି ସଭାରେ ମତପ୍ରକାଶ ପାଇଥିଲାଛ ଉକ୍ତ ସଭାରେ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା,ବରିଷ୍ଠ ଉପଦେଷ୍ଟା ରମେଶ ଚନ୍ଦ୍ର ମହାନ୍ତି,ଭୁବନେଶ୍ୱର ଜିଲ୍ଲା ସଂଘ ସଭାପତି ପ୍ରତାପଚନ୍ଦ୍ର ପ୍ରଧାନ, ସତ୍ୟବିଦୀ ନାୟକ, ମନୋଜ କୁମାର ପ୍ରଧାନ, ପ୍ରକାଶ କୁମାର ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଡଃ ରିଓଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲା ବେଳେ ସଂଘର ବହୁ ସଦସ୍ୟ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି ଅବସରରେ ଦିବଙ୍ଗତ ଆତ୍ମାଙ୍କ ସଦଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା ।

## ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ କେନ୍ଦ୍ର ଓ ରାଜ୍ୟ

# ସରକାରଙ୍କ ଉନ୍ନୟନ ଯୋଜନାର ସମୀକ୍ଷା କଲେ ରାଜ୍ୟପାଳ

ଖୋର୍ଦ୍ଧା, (ସବ୍ୟୁ): ରାଜ୍ୟପାଳ ଡ.ହାରିବାବୁ କମ୍ଭମ ପାଟି ଗୁରୁବାର ଖୋର୍ଦ୍ଧା ଜିଲ୍ଲା ଗସ୍ତରେ ଆସି ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ସମୀକ୍ଷା କରି ଜିଲ୍ଲାକୁ ଦ୍ରୁତ ଶିଳ୍ପାୟନରେ ବିକାଶ କରାଇ ନିଯୁକ୍ତି ଓ ଆର୍ଥିକ ମାନଦଣ୍ଡ ସୁଦୃଢ କରିବାକୁ ଆହ୍ୱାନ ଦେଇଛନ୍ତି । ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଭିନ୍ନ ଶିଳ୍ପର ପ୍ରତିଷ୍ଠା ନିମନ୍ତେ ପଦକ୍ଷେପ ନିଆଯାଇଥିବା ଜାଣି ଖୁସି ବ୍ୟକ୍ତ କରିଛନ୍ତି । ଉକ୍ତ ବୈଠକରେ ପୂର୍ତ, ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ, ବିଧାୟକ ବାବୁ ସିଂହ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଜିଲ୍ଲାପରିଷଦ ସଭାପତି ରୂପଶ୍ରୀ ରାଣୀ ଗୁମାନ ସିଂହ, ଜିଲ୍ଲାପାଳ ଚଂଚଳ ରାଣା, ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଜ୍ୟୋତିଶଙ୍କର ସାହୁ ପ୍ରମୁଖ ଯୋଗଦେଇ ଥିଲେ । ଜିଲ୍ଲାପାଳ ଶ୍ରୀ ରାଣା ବୈଠକରେ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ରାଜ୍ୟପାଳଙ୍କୁ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ରୂପରେଖ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ପରେ ପାୱାର ପଏଁଟ ଉପକରଣ ରେ ଭୁବନେଶ୍ୱରର ଆଇନ ଶୃଙ୍ଖଳା ପରିସ୍ଥିତି ଓ ସେବା ଉପରେ ରାଜ୍ୟପାଳଙ୍କୁ ଅବଗତ କରାଯିବା ସହ ଖୋର୍ଦ୍ଧା ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ନାଥ ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ପୋରାଂଚଳ, ବାଣପୁର ଓ ବାଲୁଗାଁ ବିଜ୍ଞାପିତ ଅଂଚଳ ପରିଷଦ ସହ ସମ୍ପୃକ୍ତ ଅଂଚଳ ଗୁଡ଼ିକର ଆଇନଶୃଙ୍ଖଳା ପରିସ୍ଥିତି ଓ ସେବା ସମ୍ବନ୍ଧରେ ରାଜ୍ୟ ପାଳଙ୍କୁ ଅବଗତ କରାଇଥିଲେ ।

ରାଜ୍ୟ ରାଜଧାନୀ ଭୁବନେଶ୍ୱର ଖୋର୍ଦ୍ଧା ଜିଲ୍ଲା ମଧ୍ୟରେ ଯାଉଥିବାରୁ ଖୋର୍ଦ୍ଧା ଓ ଭୁବନେଶ୍ୱରର ଆଇନ ଶୃଙ୍ଖଳା ସେବା କଡାକଡି ରଖାଯିବା ଉପରେ ରାଜ୍ୟପାଳ ନିର୍ଦ୍ଦେଶ ଦେଇଥିଲେ । ପରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଖୋର୍ଦ୍ଧା ପ୍ରଧାନମନ୍ତ୍ରୀ ଆବାସ ସହରାଂଚଳ ଓ ଗ୍ରାମାଂଚଳ ଯୋଜନା ଅଗ୍ରଗତି ରୂପରେଖ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ସେହିପରି ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ର ଅଗ୍ର ଗତି, ଶିକ୍ଷା ନୁଷ୍ଠାନ ଗୁଡିକରେ ଶିକ୍ଷକ ନିଯୁକ୍ତି ଏବଂ ଖାଲି ଥିବା ପଦବୀ ପୂରଣ କରି ପିଲାଙ୍କ ଶିକ୍ଷା ସେବାକୁ ତ୍ୱରାନ୍ୱିତ କରିବା, ଆଦର୍ଶ ବିଦ୍ୟାଳୟ ଶିକ୍ଷା ନୁଷ୍ଠାନର ଉନ୍ନତି କରଣ, ପ୍ରଧାନମନ୍ତ୍ରୀ କୃଷକ ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ସ୍ୱାସ୍ଥ୍ୟ ସେବା, ବୃକ୍ଷ ରୋପଣ କାର୍ଯ୍ୟକ୍ରମ, ବନ୍ୟଜନ୍ତୁ ଜଙ୍ଗଲ ସଂରକ୍ଷଣ, ଝଡ଼ ବର୍ଷା ରେ ବିଜୁଳି ଜନିତ ମୃତ୍ୟୁ ସହାୟତରାଶି ପ୍ରଦାନ, ଫସଲ କ୍ଷୟକ୍ଷତି ଆକଳନ ଓ ସହାୟତା ରାଶି ପ୍ରଦାନ, ପ୍ରଧାନମନ୍ତ୍ରୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ପିଏମ୍‌ଇଜିପି) ଯୋଜନା ସୁଫଳ, ଅଣୁ, କ୍ଷୁଦ୍ର, ମଧ୍ୟମ ଶିଳ୍ପର ବିକାଶ ଓ ଅଗ୍ରଗତି, ଇଡକୋ ଅଧୀନ ବୃହତ ଶିଳ୍ପ ଯୋଜନା ଅଗ୍ରଗତି, ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଆଦି ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସଂପର୍କରେ ରାଜ୍ୟପାଳ ସମୀକ୍ଷା କରିଥିଲେ । ରାଜ୍ୟପାଳ ଅପରାହ୍ନରେ ସାଧାରଣ ଲୋକ, ସ୍ୱେଚ୍ଛାସେବୀ ସଂଗଠନ କର୍ମକର୍ତ୍ତା, ମୁଦ୍ରା ଯୋଜନା ରେ ସାମିଲ ଓ ସଫଳ ହିତାଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ । ଅନୁସୂଚିତ ଜାତି ଓ ଜନଜାତିଙ୍କୁ ମଧ୍ୟ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ରେ ସାମିଲ କରାଇ ସେମାନଙ୍କ ଆର୍ଥିକ ମାନଦଣ୍ଡ କୁ ସୁଦୃଢ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସମୀକ୍ଷା ବୈଠକରେ ସମସ୍ତ ସମ୍ପୃକ୍ତ ବିଭାଗୀୟ ଅଧିକାରୀ, ବିଭିନ୍ନ ଲାଇନ ଡିପାର୍ଟମେଂଟର ବରିଷ୍ଠ ଯନ୍ତ୍ରୀ, ଡେପୁଟି କଲେକ୍ଟର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଯୋଗଦେଇଥିଲେ ।

# ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା

ବରଗଡ଼, (ସବ୍ୟୁ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଭୁବନେଶ୍ୱର, ଓଡ଼ିଶା ଦ୍ୱାରା ଆୟୋଜିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳାଫଳକୁ ନେଇ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଫଳତା ହାସଲ କରିଛି । କ୍ରିଷ୍ଣା ବିକାଶ ଅନୁଷ୍ଠାନର ଚେୟାରମେନ୍ ଦାଶରୀ ମୁରଲୀ କ୍ରୀଷ୍ଣାଙ୍କ ଅଧ୍ୟକ୍ଷତାରେ ଯୁକ୍ତ ଦୁଇ ପରୀକ୍ଷାରେ ୮୦%ରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ଛାତ୍ରଛାତ୍ରୀ ଏବଂ ତାଙ୍କ ପିତାମାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଶ୍ରେଷ୍ଠ ଫଳାଫଳ ପାଇଁ ଶ୍ରୀ ଦାଶରୀ ମୂରଲୀ କ୍ରୀଷ୍ଣା, ସଫଳ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ-ଅଧ୍ୟାପିକାଙ୍କ ପରିଶ୍ରମକୁ ସଫଳତାର ଶ୍ରେୟ ଦେଇଛନ୍ତି । ଚଳିତବର୍ଷ ବିଜ୍ଞାନରେ ଲିସା ପ୍ରଧାନ ୫୭୧ ମାର୍କ (୯୫.୧୬%) ଓ ବାଣିଜ୍ୟରେ ଶୁଭମ ପରିଡ଼ା ୫୬୯ ମାର୍କ (୯୪.୮୩%) ସହ କଲେଜ ଟପ୍ପର୍ ହୋଇଛନ୍ତି। ବିଜ୍ଞାନରେ ସମୁଦାୟ ୧୭ଜଣ ଏବଂ ବାଣିଜ୍ୟରେ ସମୁଦାୟ



୨ଜଣଙ୍କ ସହ ସର୍ବମୋଟ ୧୯ ଜଣ ଛାତ୍ରଛାତ୍ରୀ ୯୦%ରୁ ଉଦ୍ଧର୍ବ ରଖିଛନ୍ତି। ସେମାନଙ୍କ ମଧ୍ୟରେ ତୃପ୍ତୀମଞ୍ଜରୀ ସାହୁ ୫୬୬ ମାର୍କ (୯୪.୩୩%), ମନୀଷ ଅଗ୍ରୱାଲ ୫୬୫ ମାର୍କ (୯୪.୧୭%), ପ୍ରତିକ୍ଷା ପ୍ରିୟଦର୍ଶିନୀ ପାଣି ୫୬୨ ମାର୍କ (୯୩.୬୭%), ଆୟୁଷ ପଧାନ ୫୫୯ ମାର୍କ (୯୩.୧୭%), ବିବେକରାଜ ସାହୁ ୫୫୯ ମାର୍କ (୯୩.୧୭%), ପ୍ରତ୍ୟୁଷ କୁମାର ବିଶ୍ୱାସ ୫୫୯ ମାର୍କ (୯୩.୧୭%), ରିଶିକା ଛତର ୫୫୫ ମାର୍କ (୯୨.୫%), ସ୍ୱୟଂଶ୍ରୀ ଆଚାର୍ଯ୍ୟ ୫୫୪ ମାର୍କ (୯୨.୩୩%), ଲିପୁନ ସାହୁ ୫୫୧ ମାର୍କ (୯୧.୮୩%), ବବୁନ ସାହୁ ୫୪୭ ମାର୍କ (୯୧.୧୭%), କୋଶିଷ କୁମାର ବେହେରା ୫୪୭ ମାର୍କ (୯୧.୧୭%), ରାଜକୁମାର ଶାମଲ ୫୪୩ ମାର୍କ (୯୦.୫%), ସାଇସ୍ମିତା ପାଢୀ ୫୪୨ ମାର୍କ (୯୦.୩୩%), ଶୁଭଶ୍ରୀ ମେହେର ୫୪୨ ମାର୍କ (୯୦.୩୩%), ସୁବ୍ରତ ବିଶି ୫୪୨ ମାର୍କ (୯୦.୩୩%), ପ୍ରଜ୍ଞା ମେହେର ୫୪୦ ମାର୍କ (୯୦%) ଓ ଗୌରୀଶଙ୍କର ସେଠ୍ ୫୫୭ ମାର୍କ (୯୨.୮୩%) ରଖି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ଚଳିତବର୍ଷ ଗଣିତରେ ତିନି ଜଣ, ମନିଷ ଅଗ୍ରୱାଲ, ନେହାରାଣୀ ଜୈନ ଏବଂ ନମ୍ରତା ନୀଲା ଓ ପ୍ରାଣୀ ବିଜ୍ଞାନ(ଜୁଲୋଜି) ରେ ତିନି ଜଣ ପ୍ରଜ୍ଞା ମେହେର, ସିଜଲ ପଣ୍ଡା ଏବଂ ନିଶିକା ସାହୁ ୧୦୦ ରୁ ୧୦୦ ନମ୍ବର ରଖିଥିବାବେଳେ ବିଜ୍ଞାନରେ ସମୁଦାୟ ଛାତ୍ରଛାତ୍ରୀର ୩୪.୪%, ୮୦%ରୁ ଉର୍ଦ୍ଧ୍ୱ ଏବଂ ୮୦% ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ପାସ୍ କରି ବିକାଶକୁ ପଶ୍ଚିମ ଓଡ଼ିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବରେ ପ୍ରତିଷ୍ଠିତ କରିପାରିଛି ବୋଲି କ୍ରିଷ୍ଣା ବିକାଶ ଅନୁଷ୍ଠାନର ଚ୍ୟାୟରମେନ୍ ଶ୍ରୀ ଦଶାରୀ ମୁରଲୀ କ୍ରୀଷ୍ଣା ସିଏଚ୍‌ଏସ୍‌ଇ ଫଳାଫଳ ବିଷୟରେ ସୂଚନା ଦେଇଛନ୍ତି।

## ବେଦାନ୍ତ ଆଲୁମିନିୟମର ଜୈବ ବିବିଧତା ଦିବସ

# ବନ୍ୟପ୍ରାଣୀଙ୍କ ସୁରକ୍ଷା ଏବଂ ବାସସ୍ଥାନ ପୁନରୁଦ୍ଧାର ପାଇଁ ବହୁବିଧ ପଦକ୍ଷେପ ଘୋଷଣା

ଭୁବନେଶ୍ୱର,(ସବ୍ୟୁ): ଆନ୍ତର୍ଜାତୀୟ ଜୈବ ବିବିଧତା ଦିବସରେ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏହାର କାର୍ଯ୍ୟକ୍ଷମ କ୍ଷେତ୍ରଗୁଡ଼ିକରେ ଜୈବ ବିବିଧତା ସଂରକ୍ଷଣ ଏବଂ ପ୍ରାକୃତିକ ବାସସ୍ଥାନ ପୁନରୁଦ୍ଧାର ପାଇଁ ଉତ୍ସର୍ଗୀକୃତ ପଦକ୍ଷେପଗୁଡ଼ିକର ଏକ ଶୃଙ୍ଖଳା ଘୋଷଣା କରିଛି। କମ୍ପାନୀ ହଜାରରୁ ଅଧିକ ସରୀସୃପ ଏବଂ ଛୋଟ ବନ୍ୟପ୍ରାଣୀଙ୍କୁ ଉଦ୍ଧାର ଏବଂ ସୁରକ୍ଷିତ ଭାବରେ ମୁକ୍ତ କରିବା, ସବୁଜବଳୟ ବିକାଶ କରିବା, ପୋଖରୀ ସଫା କରିବା, ସ୍ଥାନୀୟ ପ୍ରଜାତିକୁ ପୁନଃପ୍ରବର୍ତନ କରିବା ତଥା ବଡ଼ ପରିମାଣର ବନୀକରଣ ପ୍ରୟାସ ଆରମ୍ଭ ଏବଂ ସ୍ଥାନୀୟ ସମ୍ପ୍ରଦାୟରେ ଶିକ୍ଷାଗତ ପ୍ରସାର କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ପରି ବ୍ୟାପକ ପଦକ୍ଷେପ ଗ୍ରହଣ କରିଛି ଯାହା ଦ୍ୱାରା ପରିବେଶଗତ ପରିଚାଳନାର ସଂସ୍କୃତିକୁ ପ୍ରୋତ୍ସାହିତ କରାଯାଇପାରିବ । ଏହି ବର୍ଷର ବିଷୟବସ୍ତୁ, 'ପ୍ରକୃତି ସହିତ ସମନ୍ୱୟ ଏବଂ ସ୍ଥାୟୀ ବିକାଶ', ପରିବେଶଗତ ଦାୟିତ୍ୱ ସହିତ ଶିଳ୍ପ ଅଭିବୃଦ୍ଧିକୁ ସମନ୍ୱିତ କରିବା ପାଇଁ ବେଦାନ୍ତ ଆଲୁମିନିୟମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ବେଦାନ୍ତ ଆଲୁମିନିୟମ ଏହାର କାର୍ଯ୍ୟକ୍ଷମ ସ୍ଥାନରେ ବିଦ୍ୟମାନ ଜୈବ ବିବିଧତା ପରିଚାଳନା ଯୋଜନାଗୁଡ଼ିକୁ ସଂଶୋଧନ କରିବା ପାଇଁ ପିଡବ୍ଲୁସି ଇଣ୍ଡିଆ ସହିତ ସହଭାଗୀ ହୋଇଛି। ଏହି ଯୋଜନାଗୁଡ଼ିକ ବେଦାନ୍ତର ପରିବେଶଗତ ସନ୍ତୁଳନକୁ ପୁନରୁଦ୍ଧାର କରିବା ଏବଂ କୌଣସି ନେଟ୍ କ୍ଷତି (ଏନଏନଏଲ) ହାସଲ ନକରିବା ପାଇଁ ଜୈବ ବିବିଧତାକୁ ସଂରକ୍ଷଣ



କରିବା ପାଇଁ ବ୍ୟାପକ ରଣନୀତିର ଏକ ଅଂଶ ଅଟେ । ଗତ ବର୍ଷର ସଫଳତା ଏବଂ ବେଦାନ୍ତ ଆଲୁମିନିୟମର ଚାଲୁଥିବା ଜୈବ ବିବିଧତା ପଦକ୍ଷେପ ଉପରେ ମତ ଦେଇ, ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, 'ଜୈବ ବିବିଧତା ପ୍ରତି ଆମର ପ୍ରତିବଦ୍ଧତା ଅନୁପାଳନଠାରୁ ଅଧିକ ଏହା ଆମର କାର୍ଯ୍ୟର ସୂତ୍ରରେ ସ୍ଥାନିତ ହୋଇଛି । ଗତ ବର୍ଷ ଧରି, ଆମେ ଆମର ସ୍ଥାନଗୁଡିକର ଚାରିପାଖରେ ଥିବା ଇକୋସିଷ୍ଟମକୁ ସୁରକ୍ଷା ଏବଂ ପୋଷଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି କରିଛୁ। କମ୍ପାନୀର ମେଗା ଆଲୁମିନିୟମ ପ୍ଲାଣ୍ଟ ଓଡ଼ିଶାର ଝାରସୁଗୁଡାରେ, ଦଳ ଅନ୍ତର୍ଜାତୀୟ ଜୈବିକ ବିବିଧତା ଦିବସ ପାଳନର ଅଂଶ ଭାବରେ ୩୦ ଟି ଗାଁରେ ପୋଖରୀ ପୁନରୁଦ୍ଧାର କାର୍ଯ୍ୟକଳାପ ଆୟୋଜନ କରିଛି। ଏହି ସମ୍ପ୍ରଦାୟ-ଚାଳିତ ପଦକ୍ଷେପର ଲକ୍ଷ୍ୟ ହେଉଛି ଜଳର ଗୁଣବତା ଉନ୍ନତ କରିବା ଏବଂ ସୁସ୍ଥ ଜଳୀୟ ପରିସଂସ୍ଥାକୁ ସମର୍ଥନ କରିବା, ଯାହା ପରିବେଶଗତ ଏବଂ ସମ୍ପ୍ରଦାୟ କଲ୍ୟାଣ ଉଭୟକୁ ଉନ୍ନତ କରିବା ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ଆହୁରି ମଜବୁତ କରିଛି । ଅଂଚଳର ସବୁଜ ଆବରଣକୁ ଆହୁରି ସମୃଦ୍ଧ କରିବା ପାଇଁ, ରାସ୍ତାର ଉଭୟ ପାର୍ଶ୍ୱରେ ୧.୨ କିଲୋମିଟର ବ୍ୟାପୀ ଏକ ରାସ୍ତା ରୋପଣ ଅଭିଯାନ ଅନୁଷ୍ଠିତ ହେବ । ଏହା ସହିତ, ଝାରସୁଗୁଡ଼ାରେ ଦୁଇଟି ଉଦ୍ୟାନର ନବୀକରଣ ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ଯୋଜନା ଚାଲିଛି, ଯାହା ସମ୍ପ୍ରଦାୟର ଉପଭୋଗ ପାଇଁ ସ୍ପନ୍ଦନଶୀଳ, ସବୁଜ ସ୍ଥାନ ସୃଷ୍ଟି କରିବ ।

ଓଡ଼ିଶାର ସୁନ୍ଦରଗଡ଼ରେ ଏହାର ଜାମଖାଣି କୋଇଲା ଉତୋଳନ ସ୍ଥଳରେ ବେଦାନ୍ତ ଆଲୁମିନିୟମ ବନୀକରଣର ଅଭିନବ ମିୟାୱାକି ପଦ୍ଧତି ଗ୍ରହଣ କରିଛି, ଦ୍ରୁତ ବର୍ଦ୍ଧିତ, ଆତ୍ମନିର୍ଭରଶୀଳ ଜଙ୍ଗଲ ସୃଷ୍ଟି କରିବା ପାଇଁ ଉଚ୍ଚ ଘନତାରେ ଦେଶୀୟ ଗଛ, ଉପ-ଗଛ ଏବଂ ବୁଦାଗୁଡ଼ିକର ବିବିଧ ମିଶ୍ରଣ ରୋପଣ କରିଛି । ଖଣି ପରିଧିରେ ୧୮ ହେକ୍ଟରରେ ୩.୭୫ ଲକ୍ଷ ଚାରା ସହିତ ପ୍ରକଳ୍ପ ଆରମ୍ଭ ହୋଇଥିଲା । ଏହି ସବୁଜବଳୟ ଖଣି କ୍ଷେତ୍ରରେ ପୁନରୁତ୍ପାଦନକାରୀ ପରିବେଶଗତ ଅଭ୍ୟାସ ପାଇଁ ଏକ ଜୈବ ବିବିଧତା ହଟସ୍ପଟ୍ ଏବଂ ମଡେଲ୍ ଭାବରେ କାର୍ଯ୍ୟ କରିବ । ବେଦାନ୍ତ ଆଲୁମିନିୟମ ପରିବେଶଗତ ଶିକ୍ଷା ଏବଂ ସମ୍ପ୍ରଦାୟ ସମ୍ପୃକ୍ତି ଉପରେ ମଧ୍ୟ ଗୁରୁତ୍ୱାରୋପ କରେ। ସ୍ଥାନୀୟ ସ୍କୁଲ ପିଲା ଏବଂ କର୍ମଚାରୀଙ୍କ ପରିବାର ପାଇଁ ନିୟମିତ ପ୍ରସାର କାର୍ଯ୍ୟକ୍ରମ ପରିଚାଳନା କରାଯାଏ, ସେମାନଙ୍କୁ ବୃକ୍ଷରୋପଣ ଅଭିଯାନ, ପ୍ରକୃତି ପଦଯାତ୍ରା ଏବଂ ହର୍-ଏ-ଟ୍ରି ଏବଂ ମାନବ-ଶୃଙ୍ଖଳ କାର୍ଯ୍ୟକ୍ରମରେ ସାମିଲ କରାଯାଏ। ଏହି ପଦକ୍ଷେପଗୁଡ଼ିକ ପରବର୍ତ୍ତୀ ପିଢ଼ି ମଧ୍ୟରେ ପ୍ରକୃତି ଚେତନାର ଏକ ଗଭୀର ଭାବନାକୁ ପ୍ରୋତ୍ସାହିତ କରିବା ପାଇଁ ଡିଜାଇନ୍ କରାଯାଇଛି ।

# ଆମେରିକାରେ ଦୁଇ ଇସ୍ରାଏଲୀ କୂଟନୀତିଜ୍ଞଙ୍କୁ ହତ୍ୟା

## ପ୍ରତିଶୋଧ ନେବୁ: ନେତାନ୍ୟାହୁ

**ତେଲ ଅଭିଭ୍:** ୱାଶିଂଟନର ଯିହୂଦୀ ସଂଗ୍ରହାଳୟ ବାହାରେ ଦୁଇ ଜଣ ଇସ୍ରାଏଲୀ କୂଟନୀତିଜ୍ଞଙ୍କୁ ନିର୍ମମ ହତ୍ୟା କରାଯାଇଛି । ଏହି ଘଟଣାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିନ୍ଦା କରିଛନ୍ତି । ଏହି ଆକ୍ରମଣ ପରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ବିଶ୍ୱବ୍ୟାପୀ ଇସ୍ରାଏଲୀ ଦୂତାବାସ ଏବଂ ନାଗରିକଙ୍କ ସୁରକ୍ଷା ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେ ସ୍ପଷ୍ଟ ଶବ୍ଦରେ କହିଛନ୍ତି, ଯେ ଏହାର ପ୍ରତିଶୋଧ ନିଆଯିବ । ଏହି ଆକ୍ରମଣ ସେହି ମାନସିକତାକୁ ପ୍ରତିଫଳିତ କରେ ଯିଏ ହିଂସା ମାଧ୍ୟମରେ ନିଜର ଏଜେଣ୍ଡାକୁ ଆଗକୁ ବଢାଇବାକୁ ଚାହୁଁଛି । ଏହି ଘଟଣା ଘଟାଇଥିବା ଆକ୍ରମଣକାରୀ ଗୁଳି ଚଳାଇବା ପରେ ପାଲେଷ୍ଟାଇନର ସ୍ୱାଧୀନତା ସହିତ ଜଡିତ ସ୍ଲୋଗାନ ଦେଉଥିଲେ । ଯାହା ଏହି ଆକ୍ରମଣ ପଛରେ ଥିବା ଆତଙ୍କବାଦୀ ଚିନ୍ତାଧାରାକୁ ସ୍ପଷ୍ଟ ଭାବରେ ବ୍ୟାଖ୍ୟା କରେ । ଆମେରିକା ମଧ୍ୟ ଏହି




ଘଟଣାକୁ ଏକ ଆତଙ୍କବାଦୀ ଆକ୍ରମଣ ବୋଲି କହିଛି । ଯାହା ଏହାର ଗମ୍ଭୀରତାକୁ ଦର୍ଶାଉଛି । ଏହି ଘଟଣା ପୁଣିଥରେ ଆତଙ୍କବାଦର ବର୍ବରତାକୁ ସାମ୍ନାକୁ ଆଣିଛି । ଏହି ଘଟଣା କେବଳ ଇସ୍ରାଏଲ କିମ୍ବା ଆମେରିକା ଉପରେ ଆକ୍ରମଣ ନୁହେଁ ବରଂ ମାନବତା ବିରୁଦ୍ଧରେ ଏକ ଘୃଣ୍ୟ ଅପରାଧ । ଏହି ଘଟଣା ଭାରତ ଏବଂ ଇସ୍ରାଏଲ ମଧ୍ୟରେ ଏକ ଗଭୀର ସମାନତାକୁ ଦର୍ଶାଉଛି । ଉଭୟ ଦେଶ ଦଶନ୍ଧି ଧରି ଆତଙ୍କବାଦର ଶିକାର ହୋଇଆସୁଛନ୍ତି ଏବଂ ଏହି ଲଢ଼େଇରେ ପରସ୍ପରର ଦୃଢ଼ ସହଯୋଗୀ ହୋଇଛନ୍ତି । ତାହା ୨୨ ଏପ୍ରିଲ୍ ୨୦୨୫ରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ହେଉ, ଯେଉଁଥିରେ ୨୬ ଜଣ ନିର୍ଦ୍ଦୋଷ ଲୋକ ପ୍ରାଣ ହରାଇଥିଲେ କିମ୍ବା ୱାଶିଂଟନରେ ୟାରନ୍ ଏବଂ ସାରାଙ୍କ ପରି ଯୁବ ଇସ୍ରାଏଲୀ କୂଟନୀତିଜ୍ଞଙ୍କ ହତ୍ୟା ହେଉ । ଆତଙ୍କବାଦ କାହାର ଜୀବନ ବିଷୟରେ ଚିନ୍ତା କରେ ନାହିଁ, ଏହା କେବଳ ବିନାଶ ବିସ୍ତାର କରେ ।

# ୱାକଫ୍ ଆଇନ୍ ଶୁଣାଣି ଶେଷ: ରାୟ ସଂରକ୍ଷିତ

**ନୂଆଦିଲ୍ଲୀ:** ସଂଶୋଧିତ ନୂଆ ୱାକଫ୍ ଆଇନକୁ ନେଇ ସୁପ୍ରିମକୋର୍ଟରେ ଚାଲିଥିବା ଶୁଣାଣି ଶେଷ ହୋଇଛି । ସର୍ବୋଚ୍ଚ ଅଦାଲତ ରାୟକୁ ସଂରକ୍ଷିତ ରଖିଛନ୍ତି । ତେବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୱାକଫ୍ କିଛି ନୁହେଁ, ଏହା ଏକ ଦାତବ୍ୟ ଓ ଇସ୍‌ଲାମର କୌଣସି ଅବିଚ୍ଛେଦ୍ୟ ଅଙ୍ଗ ନୁହେଁ ବୋଲି କହିବା ପରେ ସୁପ୍ରିମକୋର୍ଟ ତାଙ୍କ ମନ୍ତବ୍ୟରେ କହିଛନ୍ତି ଯେ ହିନ୍ଦୁମାନଙ୍କର ମୋକ୍ଷ ଏକ ବ୍ୟବସ୍ଥା ରହିଛି । ସୁପ୍ରିମକୋର୍ଟରେ ୱାକଫ୍ ଆଇନ ସମ୍ପର୍କିତ ଶୁଣାଣି ଶେଷ ହୋଇଛି । ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ବାଢ଼ି କପିଲ ଶିବଲ କହିଥିଲେ ଯେ ୱାକଫ୍ ହେଉଛି ଈଶ୍ୱରଙ୍କ ପ୍ରତି ଏକ ସମର୍ପିତ ଭାବ । ଅନ୍ୟମାନଙ୍କ ଭଳି ୱାକଫ୍ ମଧ୍ୟ ଭଗବାନଙ୍କର ଏକ କରୁଣା । କରୁଣା ହେଉଛି ଏକ ସମ୍ପ୍ରଦାୟର । ଏହା ଭବିଷ୍ୟତର ଆଧ୍ୟାତ୍ମିକର ଏକ ମାର୍ଗ ବୋଲି ସେ କହିଥିଲେ । ପ୍ରଧାନ ବିଚାରପତି କହିଥିଲେ ଯେ ହିନ୍ଦୁମାନଙ୍କର 'ମୋକ୍ଷ ପ୍ରାପ୍ତି' ଏକ ଧାରା ରହିଛି । ଜଷ୍ଟିସ ଅଗଷ୍ଟାଇନ୍ ଜର୍ଜ ମାସିସ୍ ମଧ୍ୟ ପ୍ରଧାନ ବିଚାରପତିଙ୍କୁ ଉଲ୍ଲେଖ କରି କହିଥିଲେ ଯେ ସମାନ ବ୍ୟବସ୍ଥା ମଧ୍ୟ ଖ୍ରୀଷ୍ଟିଆନ ଧର୍ମରେ ରହିଛି । କେନ୍ଦ୍ର ଯୁକ୍ତିର ଜବାବ ରଖି ଆଇନଜୀବୀ ରାଜୀବ ଧାୱନ କହିଥିଲେ ଯେ ବେଦରେ ଉଲ୍ଲେଖ ରହିଛି ଯେ ହିନ୍ଦୁତ୍ୱରେ ମନ୍ଦିର ଏକ ଆବଶ୍ୟକୀୟ ଅଂଶ ନୁହେଁ । ପ୍ରକୃତିକୁ ପୂଜାର କରିବାର ଏକ ବ୍ୟବସ୍ଥା ରହିଛି । ଯଥା– ନିଆଁ, ପାଣି ଓ ବର୍ଷାକୁ ପୂଜା କରାଯାଏ । ସେହିଭଳି ପର୍ବତ ଓ ସମୁଦ୍ରକୁ ମଧ୍ୟ ପୂଜା କରାଯାଇଥାଏ । ଜଷ୍ଟିସ ଗଭାଇ କହିଥିଲେ ଯେ ଅନ୍ୟ ଧର୍ମରେ ମଧ୍ୟ ଦାତବ୍ୟ ଏକ ମୌଳିକ ନୀତି । ତେବେ ଆଇନଜୀବୀ କପିଲ ଶିବଲ କେନ୍ଦ୍ରୀୟ ୱାକଫ୍ କାଉନ୍ସିଲ୍ ଓ ରାଜ୍ୟ ୱାକଫ୍ ବୋର୍ଡ଼ରେ ଅଣହିନ୍ଦୁଙ୍କୁ ସାମିଲ କରିବା ନିୟମକୁ ବିରୋଧ କରିଥିଲେ । ସେ କହିଥିଲେ ଯେ ହିନ୍ଦୁ ଧାର୍ମିକ ସ୍ଥଳୀର ପରିଚାଳନା ଲାଗି ଗଠନ ଏଣ୍ଡାମେଣ୍ଟରେ ଅନଣ ହିନ୍ଦୁଙ୍କୁ ସାମିଲ କରାଯାଏ ନାହିଁ । ତେଣୁ ୱାକଫ କ୍ଷେତ୍ରରେ ଅଣମୁସ୍‌ଲିମମାନଙ୍କୁ ସାମିଲ କରାନଯାଉ । ଆସନ୍ତାକାଲି ରାୟ ପ୍ରକାଶ ପାଇବାର ସମ୍ଭାବନା ରହିଛି ।

# ଭୂକମ୍ପରେ ଥରହର ଗ୍ରୀସ୍

**ଏଥେନ୍ସ:** ଭୂକମ୍ପରେ ଥରିଲା ଗ୍ରୀସ୍ । ସକାଳେ ସକାଳେ ଗ୍ରୀସରେ ବଡ଼ ଧରଣର ଭୂମିକମ୍ପ । ସକାଳ ୮ଟା ୪୯ ମିନିଟରେ ଗ୍ରୀସରେ ଭୂମିକମ୍ପ ହୋଇଥିବା ସୂଚନା । ରିକ୍ଟର ସ୍କେଲରେ ଭୂକମ୍ପର ତୀବ୍ରତା ୬.୦ ରେକର୍ଡ କରାଯାଇଥିବା ରାଷ୍ଟ୍ରୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ସ୍ପଷ୍ଟ କରିଛି । ଗ୍ରୀସର କାସୋସ୍ ଦ୍ୱୀପ ନିକଟରେ ଏହି ଶକ୍ତିଶାଳୀ ଭୂମିକମ୍ପ ହୋଇଥିବା ବେଳେ ଯାହା ପରେ ଗ୍ରୀସର ଅନେକ ସ୍ଥାନରେ ଭୂମିକମ୍ପ ଅନୁଭୂତ ହୋଇଛି । ଏବଂ ଲୋକେ ଭୟରେ ଘରୁ ବାହାରି ଆସିଛନ୍ତି । ଲୋକଙ୍କ ମନରେ ଭୟ ଓ ଆତଙ୍କର ବାତାବରଣ ଖେଳିଯାଇଛି । ସେପଟେ ଭୂକମ୍ପ ପରେ ସୁନାମୀ ନେଇ ମଧ୍ୟ ସତର୍କ କରାଯାଇଛି ।

# ଜ୍ୟୋତିଙ୍କ ରିମାଣ୍ଡ ଅବଧି ବଢ଼ିଲା

**ନୂଆଦିଲ୍ଲୀ:** ପାକିସ୍ତାନ ପାଇଁ ଗୁପ୍ତଚର ଭାବେ କାମ କରୁଥିବା ଅଭିଯୋଗରେ ଗିରଫ ହୋଇଥିବା ଜ୍ୟୋତି ମାଲହୋତ୍ରାଙ୍କୁ ଗୁରୁବାର ହରିୟାଣାର ହିସାର କୋର୍ଟରେ ପୁଲିସ ସକାଳ ୯.୩୦ରେ ହାଜର କରିଥିଲା । ହାଜର ପରେ ପୁଲିସ କୋର୍ଟରୁ ଜ୍ୟୋତି ମାଲହୋତ୍ରାଙ୍କୁ ଆଉ ୪ ଦିନ ପାଇଁ ରିମାଣ୍ଡରେ ନେଇଛି । କୋର୍ଟରେ ହାଜର କରିବା ପୂର୍ବରୁ ପୁଲିସ ରାତି ୧୧.୩୦ରେ ଜ୍ୟୋତିଙ୍କର ଡାକ୍ତରୀ ପରୀକ୍ଷା କରାଇଥିଲା । ଉଲ୍ଲେଖନୀୟ ଯେ ହରିୟାଣାର ହିସାରର ବାସିନ୍ଦା ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କୁ ପାକିସ୍ତାନର ଗୁଇନ୍ଦା ସଂସ୍ଥା ପାଇଁ ଗୁପ୍ତଚର ଏବଂ ସମ୍ବେଦନଶୀଳ ସୂଚନା ସେୟାର କରିବା ଅଭିଯୋଗରେ ଗିରଫ କରାଯାଇଛ । ହିସାର ପୁଲିସ ତାଙ୍କୁ ମଇ ୧୭ ତାରିଖରେ ଗିରଫ କରି କୋର୍ଟରେ ହାଜର କରିଥିଲା । କୋର୍ଟରୁ ତାଙ୍କୁ ପାଞ୍ଚ ଦିନିଆ ପୁଲିସ ରିମାଣ୍ଡରେ



ପଠାଇ ଦିଆଯାଇଥିଲା । ଡିଏସପି କମଲଜିତଙ୍କ କହିବାନୁସାରେ ହରିଶ କୁମାରଙ୍କ ଝିଅ ଜ୍ୟୋତିଙ୍କୁ ଅଫିସିଆଲ୍ ସିକ୍ରେଟ୍ ଆକ୍ଟ ଏବଂ ବିଏନ୍‌ଏସର ଧାରା ୧୫୨ ଅନୁଯାୟୀ ଗିରଫ କରିଛୁ । ତାଙ୍କ ମୋବାଇଲ୍ ଏବଂ ଲାପଟପ୍ ଜବତ ହେବା ପରେ କିଛି ସନ୍ଦେହଜନକ ଜିନିଷ ଉଦ୍ଧାର ହୋଇଛି ।

# ରାଜସ୍ଥାନରେ ପ୍ରଧାନମନ୍ତ୍ରୀ: ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ

**ଜୟପୁର:** ରାଜସ୍ଥାନର ବିକାନେର ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ୨୬,୦୦୦ କୋଟି ଟଙ୍କାର ବହୁବିଧ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ, ଶିଳାନ୍ୟାସ ଏବଂ ଦେଶକୁ ସମର୍ପଣ କରିଛନ୍ତି । ଏହି ଅବସରରେ ଉଦବୋଧନ ଦେଇ, ସେ କାର୍ଯ୍ୟକ୍ରମରେ ଉପସ୍ଥିତ ବିଶାଳ ସମାବେଶକୁ ସ୍ୱାଗତ କରିଥିଲେ, ଏବଂ ୧୮ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରୁ ଅନଲାଇନରେ ଯୋଗ ଦେଇଥିବା ଲୋକଙ୍କ ଗୁରୁତ୍ୱପୂର୍ଣ୍ଣ ଅଂଶଗ୍ରହଣକୁ ସ୍ୱୀକାର କରିଥିଲେ । ସେ ବିଭିନ୍ନ ରାଜ୍ୟର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଉପରାଜ୍ୟପାଳ ଏବଂ ଅନ୍ୟାନ୍ୟ ଜନପ୍ରତିନିଧିଙ୍କ ଉପସ୍ଥିତି ବିଷୟରେ ଉଲ୍ଲେଖ କରିଥିଲେ । ପ୍ରଧାନମନ୍ତ୍ରୀ ଦେଶବ୍ୟାପୀ ସମସ୍ତ ସମ୍ମାନିତ ବ୍ୟକ୍ତି ଏବଂ ନାଗରିକଙ୍କୁ ଶୁଭେଚ୍ଛା ଜଣାଇଥିଲେ ।



ଶ୍ରୀ ମୋଦୀ କହିଥିଲେ ଯେ , ସେ କରଣୀ ମାତାଙ୍କ ଆଶୀର୍ବାଦ ନେବା ପରେ ଏହି କାର୍ଯ୍ୟକ୍ରମରେ ପହଞ୍ଚିଥିଲେ । ଏହି ଆଶୀର୍ବାଦ ଏକ ବିକଶିତ ଭାରତ ନିର୍ମାଣ ପାଇଁ ଦେଶର ସଂକଳ୍ପକୁ ଆହୁରି ମଜବୁତ କରେ ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ୨୬,୦୦୦ କୋଟି ଟଙ୍କାର ବିକାଶ ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ ବିଷୟରେ ଉଲ୍ଲେଖ କରି, ସେ ଦେଶର ଅଭିବୃଦ୍ଧିକୁ ଆଗକୁ ନେବାରେ ଏହାର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ପରିବର୍ତ୍ତନକାରୀ ପଦକ୍ଷେପ ପାଇଁ ସେ ନାଗରିକମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ।

ଭାରତରେ ଭିତ୍ତିଭୂମିର ପରିବର୍ତ୍ତନ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ଗତ ୧୧ ବର୍ଷ ମଧ୍ୟରେ ରାସ୍ତା, ବିମାନବନ୍ଦର, ରେଳପଥ ଏବଂ ରେଳ ଷ୍ଟେସନରେ ହୋଇଥିବା ଦ୍ରୁତ ଅଗ୍ରଗତି ବିଷୟରେ ଇଙ୍ଗିତ କରିଥିଲେ । ଭାରତ ବର୍ତ୍ତମାନ ପୂର୍ବ ବର୍ଷ ତୁଳନାରେ ଭିତ୍ତିଭୂମି ବିକାଶରେ ଛଅ ଗୁଣ ଅଧିକ ନିବେଶ କରୁଛି, ଏହି ପ୍ରଗତି ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି ବୋଲି ପ୍ରଧାନମନ୍ତ୍ରୀ କହିବା ସହିତ, ଉତ୍ତରରେ ଉଲ୍ଲେଖନୀୟ ଚେନାବ ସେତୁ, ଅରୁଣାଚଳ ପ୍ରଦେଶର ସେଲା ଟନେଲ ଏବଂ ପୂର୍ବରେ ଆସାମର ବୋଗିବିଲ ସେତୁ ସମ୍ପର୍କରେ ଉଲ୍ଲେଖ କରି ସାରା ଦେଶରେ ପ୍ରତୀକାତ୍ମକ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ଉଲ୍ଲେଖ କରିଥିଲେ । ପଶ୍ଚିମ ଭାରତରେ, ସେ ମୁମ୍ବାଇର ଅଟଳ ସେତୁ ସମ୍ପର୍କରେ ଉଲ୍ଲେଖ କରିଥିଲେ, ଯେତେବେଳେ କି ଦକ୍ଷିଣରେ, ସେ ଭାରତର ପ୍ରଥମ ଏହି ପ୍ରକାରର ସେତୁ, ପମ୍ବନ ସେତୁ ଉପରେ ଆଲୋକପାତ କରିଥିଲେ ।

# ଏନ୍‌କାଉଣ୍ଟରରେ ଟଳିଲେ ଦୁଇ ଆତଙ୍କୀ

## ଜଣେ ଯବାନ ସହିଦ

**ଶ୍ରୀନଗର:** ଜମ୍ମୁ– କାଶ୍ମୀରର କିସ୍ତୱାରରେ ଆତଙ୍କବାଦୀଙ୍କ ସହ ଏନକାଉଣ୍ଟର ସମୟରେ ଜଣେ ଯବାନ ସହିଦ ହୋଇଥିବା ବେଳେ ୨ଜଣ ଆତଙ୍କବାଦୀ ନିହତ ହୋଇଥିବା ଜଣାପଡ଼ିଛି । ଭାରତୀୟ ସେନାର ହ୍ୱାଇଟ୍ ନାଇଟ୍ କୋର ପକ୍ଷରୁ ପ୍ରକାଶ, 'ସୁରକ୍ଷାବାହିନୀ ଓ ଆତଙ୍କବାଦୀ ମଧ୍ୟରେ ଏବେ ବି ପ୍ରବଳ ଗୁଳିବିନିମୟ ଜାରି ରହିଛି । ଏହି ଗୁଳିମାଡ଼ରେ ଜଣେ ଯବାନ ଗୁରୁତର ଆହତ ହୋଇଥିଲେ । ଚିକିତ୍ସା ସମୟରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଡାକ୍ତରଙ୍କ ସୂତ୍ରରୁ ପ୍ରକାଶ ପାଇଛି ।ଅଧିକାରୀମାନଙ୍କ କହିବାନୁସାରେ, ଛତ୍ରୁର ଶିଙ୍ଗପୁରା ଅଞ୍ଚଳରେ ଆତଙ୍କବାଦୀଙ୍କ ଉପସ୍ଥିତି ବିଷୟରେ ସୂଚନା ପାଇବା ପରେ ସର୍ଚ୍ଚ ଅପରେସନ୍ ଆରମ୍ଭ ହୋଇଥିଲା । ଏହି ସମୟରେ ସୁରକ୍ଷା ବାହିନୀ ଏବଂ ସନ୍ଦିଗ୍ଧ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଜୋରଦାର ହୋଇଥିଲା ।ରିପୋର୍ଟ ଅନୁଯାୟୀ, ଛତ୍ରୁର ଶିଙ୍ଗପୁରା ଅଞ୍ଚଳରେ ଜୈଶ–ଏ–ମହମ୍ମଦ (ଜେଇଏମ୍)ର ତିନିରୁ ଚାରି ଜଣ ଆତଙ୍କବାଦୀ ଲୁଚି ରହିଥିବା ସୂଚନା ମିଳିଛି । ସୁରକ୍ଷା ବାହିନୀ ସର୍ଚ୍ଚ ଅପରେସନ୍ ଜାରି ରଖିଛନ୍ତି । ସେନା ଏହି ଅପରେସନକୁ ଅପରେସନ ତ୍ରାଶିର ନାମ ଦେଇଛି ।

# ଭାରତକୁ ୟୁଏଇର ସମର୍ଥନ

**ନୂଆଦିଲ୍ଲୀ :** ଆତଙ୍କବାଦ ବିରୋଧରେ ଭାରତର ନୀତି ଏବଂ ଅପରେସନ ସିନ୍ଦୁର ଉପରେ ଭାରତର ନୀତି ସଂପର୍କରେ ଅବଗତ କରିବା ପାଇଁ ଶିବସେନା ସାଂସଦ ଶ୍ରୀକାନ୍ତ ସିନ୍ଦେଙ୍କ ନେତୃତ୍ୱରେ ଏକ ସର୍ବଦଳୀୟ ପ୍ରତିନିଧି ଦଳ ୟୁଏଇର ଆବୁଧାବିରେ ପହଞ୍ଚିଛି । ସେ ୟୁଏଇ ଅଧିକାରୀଙ୍କ ସହିତ ଫଳପ୍ରଦ ବୈଠକ କରିଥିଲେ । ଏହି ଅବସରରେ ଭାରତ ପ୍ରତି ୟୁଏଇର ପ୍ରତିବଦ୍ଧତା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହାର ଜବାବରେ ୟୁଏଇ ଆତଙ୍କବାଦକୁ ମାନବତା ପାଇଁ ବିପଦ ବୋଲି କହିଛି ଏବଂ ଭାରତ ସହିତ ଘନିଷ୍ଠ ଭାବରେ କାମ କରିବାକୁ ପ୍ରତିଶ୍ରୁତି ଦେଇଛି । ଶିବସେନା ସାଂସଦ ଶ୍ରୀକାନ୍ତ ସିନ୍ଦେ କହିଛନ୍ତି, ଆମର ୟୁଏଇ ପ୍ରତିପକ୍ଷଙ୍କ ସହ ଆମର ଏକ ବହୁତ ଫଳପ୍ରଦ ବୈଠକ ହୋଇଥିଲା । ଆମେ ୟୁଏଇ ପ୍ରତିରକ୍ଷା କମିଟିର ଅଧ୍ୟକ୍ଷ ଅଲି ରସିଦ ଅଲ ନୁଆଇମିଙ୍କୁ ଭେଟିଥିଲୁ । ସେ ମଧ୍ୟ ୟୁଏଇର ସହିଷ୍ଣୁତା ମନ୍ତ୍ରୀ ଶେଖ ନାହ୍ୟାନଙ୍କୁ ମଧ୍ୟ ଭେଟିଥିଲେ । ସେ କହିଥିଲେ, ମୁଁ ଭାବୁଛି ୟୁଏଇ ଆତଙ୍କବାଦ ବିରୁଦ୍ଧରେ ପୂର୍ଣ୍ଣ ପ୍ରତିବଦ୍ଧତା ସହିତ ଭାରତ ସହିତ କାନ୍ଧକୁ କାନ୍ଧ ମିଶାଇ ଠିଆ ହୋଇଛି ।

# ସତ୍ୟପାଲ ମଲ୍ଲିକଙ୍କ ବିରୋଧରେ ସିବିଆଇ ଚାର୍ଜସିଟ୍ ଦାଖଲ



**ନୂଆଦିଲ୍ଲୀ :** କିରୁ ହାଇଡ୍ରୋ ପ୍ରୋଜେକ୍ଟ ସହିତ ଜଡିତ ଦୁର୍ନୀତି ମାମଲାରେ ଜମ୍ମୁ–କାଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲିକଙ୍କ ସମସ୍ୟା ବଢ଼ିପାରେ । ସତ୍ୟପାଲ ମଲିକ ଏବଂ ଅନ୍ୟ ୫ ଜଣଙ୍କ ବିରୁଦ୍ଧରେ ଗୁରୁବାର ଦିନ ସିବିଆଇ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଛି । କିରୁ ଜଳ ପ୍ରକଳ୍ପ ସହ ଜଡିତ ଦୁର୍ନୀତି ମାମଲାରେ ସିବିଆଇ ଏକ ମାମଲା ରୁଜୁ କରିଥିଲା । ଏହି ମାମଲା କିସ୍ତୱାଡର କିରୁ ଜଳବିଦ୍ୟୁତ ବିଦ୍ୟୁତ ପ୍ରକଳ୍ପ ସହିତ ଜଡିତ । ଯେଉଁଥିରେ ପ୍ରାୟ ୨,୨୦୦ କୋଟି ଟଙ୍କାର ଚୁକ୍ତିନାମା ଦିଆଯାଇଥିଲା ।ଫେବୃଆରୀ ୨୦୨୪ରେ, ସିବିଆଇ ଏହାର ତଦନ୍ତ ସମୟରେ, ମଲିକଙ୍କ ଦିଲ୍ଲୀ ଏବଂ ଜମ୍ମୁ ଓ କାଶ୍ମୀରରେ ଥିବା ବାସଭବନ ସମେତ ୩୦ରୁ ଅଧିକ ସ୍ଥାନ ତଲାସି କରିଥିଲା । ସିବିଆଇ ତଦନ୍ତରେ ପୂର୍ବତନ ସିଭିପିପିପିଏଲ୍ ଅଧ୍ୟକ୍ଷ ନବୀନ କୁମାର ଚୌଧୁରୀ, ପୂର୍ବତନ ଅଧିକାରୀ ଏମଏସ ବାବୁ, ଏମକେ ମିତ୍ତଲ ଏବଂ ଅରୁଣ କୁମାର ମିଶ୍ରଙ୍କ ସମେତ ଅନେକ ଲୋକଙ୍କ ନାମ ଆଗକୁ ଆସିଥିଲା । ଏହା ବ୍ୟତୀତ ପଟେଲ ଇଞ୍ଜିନିୟରିଂ ଲିମିଟେଡ ବି ତଦନ୍ତ ପରିସରକୁ ଆସିଥିଲା ଯାହାକୁ ଠିକା ଦିଆଯାଇଥିଲା ।

ସିବିଆଇ ଅନୁଯାୟୀ, ସିଭିପିପିପିଏଲର ୪୭ତମ ବୋର୍ଡ ବୈଠକରେ ରିଭର୍ସ ନିଲାମ ମାଧ୍ୟମରେ ଇ–ଟେଣ୍ଡରିଂ ମାଧ୍ୟମରେ ପ୍ରକଳ୍ପକୁ ପୁନଃ ଟେଣ୍ଡର କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲେ ମଧ୍ୟଏହା କାର୍ଯ୍ୟକାରୀ ହୋଇନଥିଲା ଏବଂ ଶେଷରେ ପଟେଲ ଇଞ୍ଜିନିୟରିଂ ଲିମିଟେଡକୁ ଠିକା ଦିଆଯାଇଥିଲା ।

# ଦିଲ୍ଲୀରେ କାଳବୈଶାଖୀ ତାଣ୍ଡବ



**ନୂଆଦିଲ୍ଲୀ:** ଜୀବନ ନେଲା କାଳବୈଶାଖୀ । ଝଡ଼ତୋଫାନରେ ଚାଲିଗଲା ୫ ଜୀବନ । ଗତକାଲି ପ୍ରବଳ ବର୍ଷା ପବନରେ ଦିଲ୍ଲୀ ବେହାଲ ହୋଇଥିବା ବେଳେ ଦିଲ୍ଲୀ ଏବଂ ଏନସିଆରରେ ୫ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଦିଲ୍ଲୀରେ ୨ ଜଣ ଏବଂ ଏନସିଆରରେ ୩ ଜଣଙ୍କ ଜୀବନ ଯାଇଛି । କାନ୍ଥ ଏବଂ ଗଛ ପଡି ମୃତ୍ୟୁ ହୋଇଥିବା ପ୍ରାଥମିକ ସ୍ତରରେ ସୂଚନା ମିଳିଛି । ତେବେ ଗତକାଲି ସନ୍ଧ୍ୟାରେ ବର୍ଷା ପବନରେ ବେହାଲ ହୋଇଛି ରାଜଧାନୀ ଦିଲ୍ଲୀ । ଭୟଙ୍କର ବର୍ଷାରେ ବିଶେଷକରି ଏନସିଆର୍ ଅଞ୍ଚଳ ବେହାଲ ହୋଇଛି । ପ୍ରବଳ ଝଡ଼ତୋଫାନ ଫଳରେ ପରିସ୍ଥିତି ସଙ୍ଗୀନ ହୋଇଛି । ସଫଦରଜଙ୍ଗ ଅଞ୍ଚଳରେ ଘଣ୍ଟାକୁ ୮୦ କିଲୋମିଟର ବେଗରେ ପବନ ବହିବା ରେକର୍ଡ ହୋଇଛି । କିଛି ଜାଗାରେ ବିଦ୍ୟୁତ ସେବା ବାଧାପ୍ରାପ୍ତ ହୋଇଛି । ଝଡ଼ତୋଫାନାରେ ଗଛ ଉପୁଡ଼ିଛି । ହୋଡିଂ ଭାଙ୍ଗି ରାସ୍ତା ଉପରେ ପଡ଼ିଛି । ଫଳରେ ଯାତାୟତ ବାଧାପ୍ରାପ୍ତ ହୋଇଥିଲା । ପ୍ରବଳ ବର୍ଷା ପରେ ରାସ୍ତାରେ ପାଣି ଜମିଛି ଫଳରେ ଟ୍ରାଫିକ ଜାମ୍ ହୋଇଥିଲା ଆଉ ବର୍ଷା ପବନ ପାଇଁ ମେଟ୍ରୋ ସେବା ମଧ୍ୟ ଅଟକିଯାଇଥିଲା । ବିଭିନ୍ନ ଜାଗାରେ ଗଛ ଭାଙ୍ଗି ପଡ଼ିଥିବା ନେଇ ଖବର ମିଳିବା ପରେ ରାସ୍ତାରୁ ଗଛ ହଟାଯାଇଥିଲା । ଖାଲି ସଡ଼କପଥରେ ଯାତାୟତ ବାଧାପ୍ରାପ୍ତ ହୋଇନି, ବରଂ ବିମାନ ଚଳାଚଳ ମଧ୍ୟ ପ୍ରଭାବିତ ହୋଇଥିଲା । ବହୁ ଉଡ଼ାଣକୁ ବାତିଲ କରାଯାଇଥିଲା, ବା ବିଳମ୍ବରେ ଉଡ଼ାଣ ପାଇଁ ଅନୁମତି ମିଳିଥିଲା । କହିବାକୁ ଗଲେ ଏକପ୍ରକାର ଦିଲ୍ଲୀ ଝଡତୋଫାନ ଏବଂ କୁଆପଥର ବର୍ଷାରେ ବେହାଲ ହୋଇଥିଲା ।

# ପହଲଗାମ୍ ଆତଙ୍କୀ ହମ୍‌ଲାକୁ ମାସେ ପୂରିଲା

## ପାକିସ୍ତାନ ନିଦ ହଜାଇଲା ଅପରେସନ୍ ସିନ୍ଦୂର

**ନୂଆଦିଲ୍ଲୀ:** ପହଲଗାମ୍ ହମଲା ସାରା ବିଶ୍ୱକୁ ଦୋହଲାଇ ଦେଇଥିଲା । ଏହି ଘଟଣାକୁ ମାସେ ପୂରିଛି । ୨୨ ଏପ୍ରିଲ ୨୦୨୫, ମଙ୍ଗଳବାର... ସମସ୍ତେ ନିଜ ନିଜ ପ୍ରିୟଜନ, ସମ୍ପର୍କୀୟ, ପରିବାର ସହ ବୁଲିଯାଇଥିଲେ ଭାରତର ଭୂସ୍ୱର୍ଗ କାଶ୍ମୀର । କିଏ ନିଜ ସ୍ତ୍ରୀକୁ ନେଇ ବିବାହ ପରେ କାଶ୍ମୀର ବୁଲିବାକୁ ଯାଇଥିଲା ତ ପୁଣି କିଏ ନିଜ ବିବାହ ବାର୍ଷିକୀ ପାଳିବାକୁ ଯାଇଥିଲା ।କେହି କେହି ହନିମୁନ ଟ୍ରିପରେ ସୁଇଜରଲ୍ୟାଣ୍ଡ ପ୍ଲାନ କରିଥିବା ବେଳେ ପରବର୍ତ୍ତୀ ମୁହୂର୍ତ୍ତରେ ମିନି ସୁଇଜରଲ୍ୟାଣ୍ଡ ପହଲଗାମ୍ ବୁଲିଯିବାକୁ ମନସ୍ଥ କରିଥିଲେ । କାଶ୍ମୀରର ବିଭିନ୍ନ ସ୍ଥାନ ବୁଲି ସେଦିନ ପହଲଗାମର ବୈସରଣରେ ଏକାଠି ହୋଇଥିଲେ ପର୍ଯ୍ୟଟକ । ଆଉ ପ୍ରକୃତିର ମଜା ବି ନେଉଥିଲେ... କିଏ ମ୍ୟାଗି ସହ ମିନି ସୁଇଜରଲ୍ୟାଣ୍ଡର ମଜା ନେଉଥିଲା ତ କିଏ ଫଟୋ ଉଠାଇ ସୁନ୍ଦରୀ କାଶ୍ମୀରର କୋଳରେ ସୁନ୍ଦର ସ୍ମୃତି ସାଉଣ୍ଟୁଥିଲା ପୁଣି କିଏ ରିଲ୍ସରେ ମାତିଥିଲା ତ କିଏ କାଶ୍ମୀରର ଛାତି ଉପରେ ପ୍ରେମ–ବିଭୋରତାର କବିତା ଲେଖୁଥିଲା ।

ହଠାତ୍ ସବୁଜ ବନାନୀର ପାଇନ ଗଛ ଭିତରୁ ବାହାରିଥିଲେ ସୈତାନ ଆଉ ଆଖି ବୁଜି ଗୁଳିମାଡ କରିଥିଲେ । କେଇ ମୁହୂର୍ତ୍ତରେ ମିନି ସୁଇଜରଲ୍ୟାଣ୍ଡ ମୃତ୍ୟୁର ଉପତ୍ୟକା ପାଲଟିଗଲା



। ଆଉ ସବୁଜ ଘାସ ଗାଲିଚାରେ ସବୁଦିନ ଗୋଟେ ରକ୍ତାକ୍ତ କାହାଣୀ ଲେଖା ହେଲା । ଭାରତର ଭୂସ୍ୱର୍ଗରେ ଭୟ ଆତଙ୍କର କାହାଣୀ ସାରା ବିଶ୍ୱ ଦେଖିଲା । ଆତଙ୍କୀଙ୍କ ଆକ୍ରମଣ ଏତେ ଭୟଙ୍କର ଥିଲା ଯେ ଗୁଳିମାଡରେ ୨୬ ଜଣଙ୍କୁ ହତ୍ୟା କଲେ ଆତଙ୍କବାଦୀ । କାହାକୁ ସ୍ତ୍ରୀ ଆଗରେ ମାରିଥିଲେ ତ କାହାକୁ ତା ପିଲା ଆଗରେ ଗୁଳିକରି ହତ୍ୟା କରିଥିଲେ । ବୁଢା ବାପାମାଆ ଆଗରେ ବି ବନ୍ଧୁକଧାରୀ ସୈତାନମାନେ ପୁଅର ଜୀବନ ନେଇଥିଲେ । ସବୁଠାରୁ ଲୋମଟାଙ୍କୁରା କଥା କଣ ଜାଣନ୍ତି – ଧର୍ମ ପଚାରି ପଚାରି ଗୁଳିମାରୁଥିଲେ ଆତଙ୍କୀ । ଆତଙ୍କୀଙ୍କ ଗୁଳିରେ ସେଦିନ ଟଳିପଡିଥିଲେ ଖାଲି ପୁରୁଷ । କାଶ୍ମୀର ସାଗୁଆ ଭୂଇଁରେ ଭାଙ୍ଗି ଯାଇଥିଲା ଅନେକ ସ୍ତ୍ରୀଙ୍କ ନାଲି ଶଙ୍ଖା, ସୁନ୍ଦରୀ କାଶ୍ମୀର ସେଦିନ ପୋଛି ଦେଇଥିଲା ଅନେକ ସ୍ତ୍ରୀଙ୍କ ମଥାର ସିନ୍ଦୂର । ଆଉ ସେମାନଙ୍କୁ ବିଧବା ସଜେଇ ଦେଇଥିଲା । ମୃତକଙ୍କ ମଧ୍ୟରେ ଜଣେ ମୁସଲମାନ ଥିଲେ, ସିଏ ଘୋଡା ଚାଳକ ଥିଲେ, ପର୍ଯ୍ୟଟକଙ୍କୁ ବଞ୍ଚାଇବାକୁ ପ୍ରୟାସ କରିବାରୁ ତାଙ୍କୁ ହତ୍ୟା କରିଥିଲେ ଆତଙ୍କୀ ।

ତେବେ ୟା ଭିତରେ ସେହି ଅମଙ୍ଗଳ ମଙ୍ଗଳବାରକୁ ୩୦ ଦିନ ପୂରିଥିବା ବେଳେ ଆତଙ୍କୀଙ୍କୁ ନିପାତ କରିବାକୁ ମେ ୬ ମଧ୍ୟରାତ୍ରିରେ ବଡ ଷ୍ଟ୍ରାଇକ୍ ହୋଇଥିଲା । ଭାରତ ପାକ୍ ଆଖିରୁ ନିଦ ହଜାଇ ଦେଇଥିବା ବେଳେ ହାଲକା ନିଦରେ ଟିକେ ଘୁମେଇ ପଡିଥିବା ପାକିସ୍ତାନ ଉପରେ ଅଧରାତିରେ ଏୟାର ଷ୍ଟ୍ରାଇକ୍ କରି ବଦଲା ନେଇଥିଲା ଭାରତ । ପ୍ରଥମେ ପାକିସ୍ତାନର ୯ଟି ଆତଙ୍କୀ ଆଡ୍ଡାକୁ ଧ୍ୱଂସ କରିଥିଲା ଭାରତ । ଏହାପରେ ପାକିସ୍ତାନ ଆକ୍ରମଣାତ୍ମକ ମନୋଭାବ ଦେଖାଇବା ପରେ ପାକିସ୍ତାନର ୧୧ଟି ଏୟାରବେସକୁ ଟାର୍ଗେଟ୍ କରିଥିଲା ଭାରତ । ଏଥିରେ ପାକିସ୍ତାନର ବ୍ୟାପକ କ୍ଷତି ଘଟିଥିଲା ।

## ଏସିଆ କପ୍, ଟି-୨୦ ବିଶ୍ୱକପ୍

# ପରସ୍ପର ବିପକ୍ଷରେ ଖେଳିବେ ଭାରତ-ପାକ୍ !



ନୂଆଦିଲ୍ଲୀ,୨୨।୫ (ଏଜେନ୍ସି): ଆତଙ୍କବାଦକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଚରମରେ ପହଞ୍ଚିଥିଲା । ଦୁଇ ଦେଶ ମଧ୍ୟରେ ଉତ୍ତେଜନାର ପ୍ରଭାବ କ୍ରୀଡା ଉପରେ ମଧ୍ୟ ପଡ଼ିଛି । ଆଇସିସିର ବାର୍ଷିକ ବୈଠକ ଆଗାମୀ ଜୁଲାଇରେ ସିଙ୍ଗାପୁରରେ ହେବାକୁ ଯାଉଛି । ଏଥିରେ ଆଇସିସି ଟୁର୍ଣ୍ଣାମେଣ୍ଟରେ ଭାରତ ଓ ପାକିସ୍ତାନର କ୍ରିକେଟ୍ ଭବିଷ୍ୟତ ଉପରେ ଆଲୋଚନା ହେବ । ଆଲୋଚନା ହେଉଛି ଯେ ଆଗାମୀ ସେପ୍ଟେମ୍ବରରେ ହେବାକୁଥିବା ଏସିଆ କପ୍‌ରେ ଭାରତ ଭାଗ ନେବ ନାହିଁ । ହେଲେ ବିସିସିଆଇ ଏଭଳି ଚର୍ଚ୍ଚା ଓ କଳ୍ପନାକୁ ଖଣ୍ଡନ କରିଛି । ଶ୍ରୀଲଙ୍କାରେ ହେବାକୁଥିବା ମହିଳା ଏସିଆ କପ୍ ଏହି କାରଣରୁ ରଦ୍ଦ ହୋଇଥିଲା । କାରଣ ଭାରତ ଏଥିରେ ଅଂଶଗ୍ରହଣ କରିନଥିଲା । ଏମିତି ସ୍ଥିତିରେ ଆଇସିସିର ବାର୍ଷିକ ସମ୍ମିଳନୀରେ ଭାରତ-ପାକିସ୍ତାନର କ୍ରିକେଟ୍‌ର ଭବିଷ୍ୟତ ଉପରେ ଆଲୋଚନା ହେବ । ଏହି ବୈଠକ ଜୁଲାଇ ୭ରୁ ୨୦ ତାରିଖ ପର୍ଯ୍ୟନ୍ତ ସିଙ୍ଗାପୁରରେ ଆୟୋଜିତ ହେବ । ଦୁଇ ଦେଶ କେବଳ ଆଇସିସି ଓ ଏସିସି ଇଭେଣ୍ଟରେ ପରସ୍ପର ବିପକ୍ଷରେ ଖେଳିଥାନ୍ତି । ମାତ୍ର ନିକଟରେ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ସାମରିକ ସଂଘର୍ଷ କାରଣରୁ କ୍ରିକେଟ୍ ମ୍ୟାଚ ବିପଦରେ ପଡିଯାଇଛି । ୨୦୨୬ରେ ଭାରତ ଓ ଶ୍ରୀଲଙ୍କା ଭାରତ ବିପକ୍ଷରେ ଟି-୨୦ ବିଶ୍ୱକପ୍ ଆୟୋଜନ କରିବେ । ଏହି ପ୍ରସଙ୍ଗ ବାର୍ଷିକ ସମ୍ମିଳନୀରେ ଆଲୋଚନା ହେବା ନିଶ୍ଚିତ । କିନ୍ତୁ ଭାରତ ଓ ପାକିସ୍ତାନ ଆଇସିସି ଟୁର୍ଣ୍ଣାମେଣ୍ଟରେ ମୁହାଁମୁହିଁ ହେବାର ସମ୍ଭାବନା କମ ରହିଛି । ଯଦି ଦୁଇ ଦେଶର ମୁକାବିଲା ହୁଏ କେବଳ ନକ୍‌ଆଉଟ୍‌ରେ ସମ୍ଭବ ହୋଇପାରେ । ଆଇସିସି ଟୁର୍ଣ୍ଣାମେଣ୍ଟ ଗୁଡିକରେ ଭାରତ ଓ ପାକିସ୍ତାନ ମଧ୍ୟରେ ଲିଗ୍ ପର୍ଯ୍ୟାୟ ମ୍ୟାଚ ଖେଳାଯାଇଥାଏ ।

## ଆଇପିଏଲ୍ ମହାସମର

# ଲକ୍ଷ୍ନୌର ଜମାଣିଆ ବିଜୟ




ଅହମ୍ମଦାବାଦ,୨୨।୫ (ଏଜେନ୍ସି): ଚଳିତ ଆଇପିଏଲ୍‌ର ପ୍ଲେ ଅଫ୍ ଦୌଡ଼ରୁ ବାଦ ପଡିସାରିଥିବା ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍ ୬୪ତମ ମ୍ୟାଚରେ ଟେବୁଲ ଟପ୍ପର ଗୁଜରାଟ ଟାଇଟନ୍ସକୁ ୩୩ ରନ୍‌ରେ ଧରାଶାୟୀ କରିଛି । ଏହି ମ୍ୟାଚରେ ଲକ୍ଷ୍ନୌ ୨୦ ଓଭରରେ ୨ ୱିକେଟ୍ ହରାଇ ୨୩୫ ରନ୍‌ର ବିଶାଳ ସ୍କୋର କରିଥିଲା । ମିଚେଲ ମାର୍ସ ୬୪ ବଲ୍‌ରୁ ୧୧୭ ରନ୍‌ର ଉପଯୋଗୀ ଇନିଂସ ଖେଳିଥିଲେ । ଜବାବରେ ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୯ ୱିକେଟ୍ ହରାଇ ୨୦୨ ରନ୍ କରିବାକୁ ସକ୍ଷମ ହୋଇଥିଲା ।

ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ଗୁଜରାଟ ଟାଇଟନ୍ସ ଟସ୍ ଜିତି ଲକ୍ଷ୍ନୌକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ମ୍ୟାଚ ବିଜୟ କିମ୍ବା ପରାଜୟ ଦଳକୁ ପ୍ରଭାବିତ କରିବାକୁ ନଥିବାରୁ ଲକ୍ଷ୍ନୌ ଆରମ୍ଭରୁ ହିଁ ବିସ୍ଫୋରକ ଖେଳିଥିଲା । ଦୁଇ ବିଦେଶୀ ଖେଳାଳି ଆଦିନ ମାକ୍ରାମ ଓ ମିଚେଲ ମାର୍ସ ୯.୫ ଓଭରରେ ୯୧ ରନ୍ ସଂଗ୍ରହ କରିଥିଲେ । ମାକ୍ରାମ୍ ୨୪ ବଲ୍‌ରୁ ୩ ଚୌକା ଓ ୨ ଛକା ସହାୟତାରେ ୩୬ ରନ୍ କରିଥିଲେ । ମାର୍ସ ଶତକୀୟ ଇନିଂସ ଖେଳିଥିଲେ । ୬୪ ବଲ୍‌ର ସମ୍ମୁଖୀନ ହୋଇଥିବା ମାର୍ସ ୧୦ଟି ଚୌକା ଓ ୮ଟି ଛକା ସହାୟତାରେ ୧୧୭ ରନ୍ କରିଥିଲେ । ମାର୍ସ ଆଉଟ୍ ହେବା ବେଳକୁ ଲକ୍ଷ୍ନୌର ସ୍କୋର ୧୮.୨ ଓଭରରେ ୨୧୨ ରନ୍‌ରେ ପହଞ୍ଚିଯାଇଥିଲା । ନିକୋଲାସ ପୁରନ ୨୭ ବଲ୍‌ରୁ ୫ଟି ଛକା ଓ ୪ଟି ଚୌକା ସହାୟତାରେ ଅପରାଜିତ ୫୬ ରନ୍ କରିଥିଲେ । ଅଧିନାୟକ ରିଷଭ ପନ୍ତ ୬ ବଲ୍‌ରୁ ୨ଟି ଛକା ମାରି ୧୬ ରନ୍ କରିଥିଲେ । ଲକ୍ଷ୍ନୌ ସୁପରଜ୍ୟାଣ୍ଟସ ଇନିଂସରେ ୧୭ଟି ଛକା ହୋଇଥିଲା । ତେଣୁ ଲକ୍ଷ୍ନୌ ୨ ୱିକେଟ୍ ହରାଇ ୨୩୫ ରନ୍‌ର ବଡ଼ ସ୍କୋର କରିଥିଲା ।

ଗୁଜରାଟ ଟାଇଟନ୍ସ ସମ୍ମୁଖରେ ୨୩୬ ରନ୍‌ର ବିଜୟଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ଟେବୁଲରେ ଶୀର୍ଷ ସ୍ଥାନ ବଜାୟ ରଖିବାକୁ ହେଲେ ଗୁଜରାଟ ପାଇଁ ଏହି ମ୍ୟାଚ ଜିତିବା ନିତ୍ୟାନ୍ତ ଜରୁରୀ ଥିଲା । ସାଇ ସୁଦର୍ଶନ ଓ ଶୁଭମନ ଗିଲ ପାଳି ଆରମ୍ଭ କରିଥିଲେ । ଓଭର ପିଛା ପାଖାପାଖି ୧୨ ରନ୍‌ର ଆବଶ୍ୟକତା ଥିଲା । ତେଣୁ ଆରମ୍ଭ ମଧ୍ୟ ବିସ୍ଫୋରକ ଥିଲା । ଶୁଭମନ ଗିଲ ୨୦ ବଲର ସମ୍ମୁଖୀନ ହୋଇ ୭ଟି ଚୌକା ସହାୟତାରେ ୩୫ ରନ୍ କରିଥିଲେ । ସାଇ ସୁଦର୍ଶନ ୧୬ ବଲ୍‌ର ସମ୍ମୁଖୀନ ହୋଇ ୪ଟି ଚୌକା ସହାୟତାରେ ୨୧ ରନ୍ କରିଥିଲେ । ଏହାପରେ ବଟଲର ମଧ୍ୟ ୩୩ ରନ୍‌ର ଇନିଂସ ଖେଳି ଦଳ ପାଇଁ ବିଜୟ ଆଶା ସଞ୍ଚାର କରିଥିଲେ । ବଟଲର ୧୮ ବଲ୍‌ରୁ ୩ଟି ଚୌକା ଓ ୨ଟି ଛକା ସହାୟତାରେ ୩୩ ରନ୍ କରିଥିଲେ । ମଧ୍ୟମକ୍ରମରେ ରଦରଫୋର୍ଡ ମଧ୍ୟ ଉପଯୋଗୀ ୩୮ ରନ୍ ଆଦାୟ କରିଥିଲେ । ସେ ୨୨ବଲର ସମ୍ମୁଖୀନ ହୋଇ୩ଟି ଛକା ଓ ଗୋଟିଏ ଚୌକା ସହାୟତାରେ ୩୮ ରନ୍ କରିଥିଲେ । ଶାହରୁଖ ଖାନ୍ ଏକାକୀ ଲଢ଼େଇ କରି ଦଳୀୟ ସ୍କୋରକୁ ୨୦୦ ରନ୍ ପାଖାପାଖି ପହଞ୍ଚାଇଥିଲେ । ଶାହାରୁଖ ୨୯ ବଲରୁ ୫୭ ରନ୍ କରିଥିଲେ । ତାଙ୍କ ୱିକେଟ୍ ପତନ ସହ ଦଳର ବିଜୟଆଶାରେ ପୂର୍ଣ୍ଣଚ୍ଛେଦ ପଡିଥିଲା । ରାହୁଲ ତେୱାତିଆ ୨ ଓ ଅର୍ସଦ ଖାନ୍ ୧ ରନ୍ କରିଥିଲେ । ତେଣୁ ଗୁଜରାଟ ୯ ୱିକେଟ୍ ହରାଇ ୨୦୨ ରନ୍ କରିବାକୁ ସକ୍ଷମ ହୋଇଥିଲା ।

### ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ୍ | ଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ଗୁଜରାଟ | ୧୩ | ୯ | ୪ | ୧୮ |
| ବେଙ୍ଗାଲୁରୁ | ୧୨ | ୮ | ୩ | ୧୭ |
| ପଞ୍ଜାବ | ୧୨ | ୮ | ୩ | ୧୭ |
| ମୁମ୍ବାଇ | ୧୩ | ୮ | ୫ | ୧୬ |
| ଦିଲ୍ଲୀ | ୧୩ | ୬ | ୬ | ୧୩ |
| କୋଲକାତା | ୧୩ | ୫ | ୬ | ୧୨ |
| ଲକ୍ଷ୍ନୌ | ୧୩ | ୬ | ୭ | ୧୨ |
| ସନ୍‌ରାଇଜର୍ସ | ୧୨ | ୪ | ୭ | ୯ |
| ରାଜସ୍ଥାନ | ୧୪ | ୪ | ୧୦ | ୮ |
| ଚେନ୍ନାଇ | ୧୩ | ୩ | ୧୦ | ୬ |

### ଆଜିର ମ୍ୟାଚ

ବେଙ୍ଗାଲୁରୁ – ହାଇଦ୍ରାବାଦ
ସମୟ: ରାତି ୭.୩୦
ସ୍ଥାନ: ବେଙ୍ଗାଲୁରୁ
ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ସିନେମା

# ୧୯ ବର୍ଷରୁ କମ୍ କ୍ରିକେଟ୍: ମହାତ୍ରେ ଭାରତୀୟ ଦଳର ଅଧିନାୟକ

ନୂଆଦିଲ୍ଲୀ,୨୨।୫ (ଏଜେନ୍ସି): ଆଗାମୀ ଇଂଲଣ୍ଡ ବିପକ୍ଷ ଶୃଙ୍ଖଳା ପାଇଁ ୧୯ ବର୍ଷରୁ କମ୍ ଭାରତୀୟ ଦଳ ଘୋଷଣା ହୋଇଛି । ଯୁବ ତାରକା ଆୟୁଷ ମହାତ୍ରେ ଭାରତୀୟ ଦଳର ନେତୃତ୍ୱ ନେବେ । ଆଇପିଏଲ୍‌ରେ ନିଜ ଚମକ ଦେଖାଇଥିବା ବିହାରର ୧୪ ବର୍ଷର ବାଳକ ବୈଭବ ସୂର୍ଯ୍ୟବଂଶୀଙ୍କୁ ଦଳରେ ସ୍ଥାନ ମିଳିଛି । ଏହି ଗସ୍ତରେ ଭାରତୀୟ ଦଳ ଗୋଟିଏ ଅଭ୍ୟାସ ମ୍ୟାଚ, ୫ଟି ଦିନିକିଆ ଓ ୨ଟି ଟେଷ୍ଟ ମ୍ୟାଚ ଖେଳିବ । ଜୁନ୍ ୨୪ ତାରିଖରୁ ଏହି ଦ୍ୱିପାକ୍ଷିକ ଶୃଙ୍ଖଳା ଆରମ୍ଭ ହେବାକୁଯାଉଛି । ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଏହି ଘୋଷଣା କରିଛନ୍ତି । ଏହା ପୂର୍ବରୁ ଭାରତ ଏ ଦଳର ଘୋଷଣା ମଧ୍ୟ ବୋର୍ଡ ପକ୍ଷରୁ କରାଯାଇଥିଲା ।

ଇଂଲଣ୍ଡରେ ଗସ୍ତ ପାଇଁ ଘୋଷଣା ହୋଇଥିବା ୧୬ ଜଣିଆ ଦଳରେ ୧୪ ବର୍ଷୀୟ ବାମହାତି ବ୍ୟାଟର ବୈଭବଙ୍କୁ ସୁଯୋଗ ମିଳିଥିବାରୁ ତାଙ୍କୁ ଦକ୍ଷତା ଦେଖାଇବାର ଭଲ ମଉକା ରହିଛି । ଆଇପିଏଲ୍‌ରେ ସର୍ବକନିଷ୍ଠ ଖେଳାଳି ଭାବେ ଡେବ୍ୟୁ କରିବା ସହ ବିସ୍ଫୋରକ ଶତକ ହାସଲ କରିଥିଲେ । ସେ ରାଜସ୍ଥାନ ରୟାଲ୍ସ ପାଇଁ ଚଳିତ ଆଇପିଏଲ୍‌ରେ ୭ଟି ମ୍ୟାଚ ଖେଳି ୨୫୨ ରନ୍ କରିଛନ୍ତି । ମାସକ ତଳେ ବୈଭବ ନିଜର ୧୪ତମ ଜନ୍ମଦିନ ରାଜସ୍ଥାନ ରୟାଲ୍ସ ଦଳ ସହ ପାଳିଥିଲେ । ଗତ ବର୍ଷୀୟ ବୈଭବଙ୍କୁ ନିଲାମରୁ ରାଜସ୍ଥାନ ୧.୧ କୋଟି ଟଙ୍କାରେ କିଣିଥିଲା । ସେ ଲକ୍ଷ୍ନୌ ବିପକ୍ଷ ମ୍ୟାଚରେ ଡେବ୍ୟୁ କରିଥିଲେ । ସେ ପ୍ରଥମ ବଲରେ ହିଁ ଛକା ମାରି ନିଜ ଦକ୍ଷତାର ପରିଚୟ ଦେଇଥିଲେ । ଏହାପରେ ସେ ୩୫ ବଲ୍‌ରେ ଶତକ, ୧୫ ବଲ୍‌ରେ ୪୦ ଓ ଚେନ୍ନାଇ ବିପକ୍ଷରେ ୩୩ ବଲ୍‌ରେ ୫୭ ରନ୍‌ର ଇନିଂସ ଖେଳିଥିଲେ । ଏହି କାରଣରୁ ତାଙ୍କୁ ୧୯ ବର୍ଷୀୟ କମ୍ ଭାରତୀୟ ଦଳରେ ସୁଯୋଗ ମିଳିଛି ।




## ବୈଭବଙ୍କୁ ସୁଯୋଗ

ସେହିଭଳି ମହାତ୍ରେ ମଧ୍ୟ ଚଳିତ ଆଇପିଏଲ୍‌ରେ ଚେନ୍ନାଇ ପାଇଁ ୬ଟି ଇନିଂସରେ ୨୦୬ ରନ୍ କରିଛନ୍ତି । ଆର୍‌ସିବି ବିପକ୍ଷରେ ସେ ୪୮ ବଲରେ ବିସ୍ଫୋରକ ୯୪ ରନ ସଂଗ୍ରହ କରିଥିଲେ । ଆଇପିଏଲ୍ ଆରମ୍ଭରୁ ମହାତ୍ରେ କିମ୍ବା ସୂର୍ଯ୍ୟବଂଶୀ ଖେଳିବାର ସୁଯୋଗ ପାଇନଥିଲେ । କିନ୍ତୁ ଉଭୟ ଦଳର ଅଧିନାୟକ ଆହତ ହେବାରୁ ସେମାନଙ୍କୁ ସୁଯୋଗ ମିଳିଥିଲା । ତେଣୁ ଦୁହେଁ ଏହାର ଫାଇଦା ଉଠାଇ ଭାରତୀୟ ୧୯ ବର୍ଷରୁ କମ୍ ଦଳରେ ସାମିଲ ହୋଇପାରିଛନ୍ତି ।

### ୧୯ ବର୍ଷରୁ କମ ଭାରତୀୟ ଦଳ

ଆୟୂଷ ମହାତ୍ରେ (ଅଧିନାୟକ), ବୈଭବ ସୂର୍ଯ୍ୟବଂଶୀ, ଭିହାନ ମାଲହୋତ୍ରା, ମଳୟରାଜସିଂ ଚାବଡା, ରାହୁଲ କୁମାର, ଅଭିଜ୍ଞାନ କୁଣ୍ଡୁ, ହରିବଂଶ ସିଂ, ଆର୍‌ଏସ୍ ଅମ୍ବ୍ରିସ, କନିସ୍କ ଚୌହାନ, ଖିଲାନ ପଟେଲ, ହେନିଲ ପଟେଲ, ଯୁଦ୍ଧଜିତ ଗୁହା, ପ୍ରଣବ ରାଘଭେନ୍ଦ୍ର, ମହମ୍ମଦ ଇନାନ, ଆଦିତ୍ୟ ରାଣା, ଅନମୋଲ ଜିତ ସିଂ ।

ଷ୍ଟାଣ୍ଡ୍ ବାଏ: ଷ୍ଟାଣ୍ଡ ବାଏରେ ନମନ ପୁଷ୍ପକ, ଡି ଦିପେସ୍, ବେଦାନ୍ତ ତ୍ରିବେଦୀ, ବିକଳ୍ପ ତିୱାରୀ, ଅଲଙ୍କିତ ରାପୋଲ ।




### ମ୍ୟାଚ ସୂଚୀ

| | |
|---|---|
| ଜୁନ୍ ୨୪: | ଅଭ୍ୟାସ ମ୍ୟାଚ |
| ଜୁନ୍ ୨୭: | ପ୍ରଥମ ଦିନିକିଆ |
| ଜୁନ୍ ୩୦: | ଦ୍ୱିତୀୟ ଦିନିକିଆ |
| ଜୁଲାଇ ୨: | ତୃତୀୟ ଦିନିକିଆ |
| ଜୁଲାଇ ୫: | ଚତୁର୍ଥ ଦିନିକିଆ |
| ଜୁଲାଇ ୭: | ପଞ୍ଚମ ଦିନିକିଆ |
| ଜୁଲାଇ ୧୨ ରୁ ୧୫: | ପ୍ରଥମ ଟେଷ୍ଟ |
| ଜୁଲାଇ ୨୦ ରୁ ୨୩ | ଦ୍ୱିତୀୟ ଟେଷ୍ଟ |

# ପ୍ଲେ ଅଫ୍‌ରେ ୪ ଦଳ

ନୂଆଦିଲ୍ଲୀ,୨୨।୫ (ଏଜେନ୍ସି): ଆଇପିଏଲ୍ ୧୭ତମ ସଂସ୍କରଣର ପ୍ଲେ ଅଫ୍ ସ୍ଥାନ ବୃତାନ୍ତ ହୋଇଛି । ଗୁଜରାଟ ଟାଇଟନ୍ସ, ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ, ପଞ୍ଜାବ କିଙ୍ଗ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ଟେବୁଲର ପ୍ରଥମରୁ ଚତୁର୍ଥ ସ୍ଥାନରେ ରହିଛନ୍ତି । ତେଣୁ ଅବଶିଷ୍ଟ ୬ଟି ଦଳ ଯଥା ଦିଲ୍ଲୀ କ୍ୟାପିଟାଲ୍ସ, କୋଲକାତା ନାଇଟ୍‌ରାଇଡର୍ସ, ଲକ୍ଷ୍ନୌ ସୁପରଜ୍ୟାଣ୍ଟସ, ସନ୍‌ରାଇଜର୍ସ ହାଇଦ୍ରାବାଦ, ରାଜସ୍ଥାନ ରୟାଲ୍ସ ଓ ଚେନ୍ନାଇ ସୁପରକିଙ୍ଗ୍ସ ଲିଗ୍ ପର୍ଯ୍ୟାୟରୁ ଅଭିଯାନ ଶେଷ କରିବେ । ୫ଥର ଚାମ୍ପିଅନ୍ ଚେନ୍ନାଇ ସୁପରକିଙ୍ଗ୍ସ ଏଥର ପଏଣ୍ଟ ଟେବୁଲର ଶେଷ ସ୍ଥାନରେ ରହିଛି । ଗୁଜରାଟ ୪ଟି ସିଜନ୍‌ରେ ୩ଥର ପ୍ଲେ ଅଫ୍‌ରେ ପ୍ରବେଶ କରିଛି । ସେହିପରି ୧୧ ବର୍ଷ ପରେ ପଞ୍ଜାବ ପ୍ଲେ ଅଫ୍‌କୁ ଉନ୍ନୀତ ହୋଇଛି । ଶ୍ରେୟାସ ଆଇଅର ପ୍ରଥମ ଅଧିନାୟକ ଭାବେ ୩ଟି ଦଳକୁ ପ୍ଲେ ଅଫ୍‌ରେ ପ୍ରବେଶ କରାଇବାର ଭୂମିକା ନେଇଛନ୍ତି । ୨୦୧୯ ଓ ୨୦୨୨ରେ ଦିଲ୍ଲୀକୁ ଏବଂ ୨୦୨୪ରେ କୋଲକାତାକୁ ପ୍ଲେ ଅଫ୍‌କୁ ଉନ୍ନୀତ କରାଇଥିଲେ । ଆର୍‌ସିବି ୧୦ଥର ପ୍ଲେ ଅଫ୍‌କୁ ଉନ୍ନୀତ ହୋଇଥିଲେ ମଧ୍ୟ ଟାଇଟଲ ହାସଲ କରିପାରିନାହିଁ । ଶେଷ ୬ଟି ସିଜନ୍‌ରେ ବେଙ୍ଗାଲୁରୁ ୫ଥର ପ୍ଲେ ଅଫ୍‌କୁ ଉନ୍ନୀତ ହୋଇଛି । ଗତ ସିଜନ୍‌ରେ ରାଜସ୍ଥାନ ରୟାଲ୍ସ ଏଲିମିନେଟର ମୁକାବିଲାରେ ବେଙ୍ଗାଲୁରୁକୁ ହରାଇଥିଲା । ମୁମ୍ବାଇ ଓ ଚେନ୍ନାଇ ୫ଥର ଲେଖାଏଁ ଟାଇଟଲ ଜିତିଛନ୍ତି । ଏଥର ମୁମ୍ବାଇ ଯଦି ଟାଇଟଲ ହାସଲ କରେ ତେବେ ଆଇପିଏଲ୍ ଇତିହାସରେ ଦଳ ସବୁଠାରୁ ସଫଳ ଟିମ୍ ଭାବେ ବିବେଚିତ ହେବ । ପ୍ଲେ ଅଫ୍‌ରେ ମୁମ୍ବାଇର ଭଲ ରେକର୍ଡ ରହିଛି । ମୁମ୍ବାଇ ୧୩ଥର ପ୍ଲେ ଅଫ୍‌ରେ ବିଜୟ ହାସଲ କରିଛି ।



## ୟୁଥ୍ ଲିଗ୍ ଫୁଟବଲ: ଅର୍ବାନ ଆଡଭେଞ୍ଚର କ୍ଲବ୍ ବିଜୟୀ

ଭୁବନେଶ୍ୱର,୨୨।୫ (ସବ୍ୟୁ): ଫୁଟବଲ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ)ର ଘରୋଇ ପ୍ରତିଯୋଗିତା୧୭ ବର୍ଷରୁ କମ୍ ଫାଓ ୟୁଥ୍ ଲିଗ୍‌ରେ ଗୁରୁବାର ଅର୍ବାନ ଆଡଭେଞ୍ଚର କ୍ଲବ୍ ବିଜୟୀ ହୋଇଛି । କଟକ ମଙ୍ଗଳବାଗ ସ୍ଥିତ ବୋଷ କମ୍ପ୍ଲେକ୍ସରେ ଆୟୋଜିତ ମ୍ୟାଚରେ ଅର୍ବାନ ଆଡଭେଞ୍ଚର କ୍ଲବ୍ ୩-୨ ଗୋଲ୍‌ରେ ଫାଓ ଏକାଡେମୀକୁ ପରାଜିତ କରିଛି । ବିଜୟୀ ଦଳ ପକ୍ଷରୁ ସୁନୀଲ ମାଝୀ ୩୨ ମିନିଟ୍, ବିକ୍ରମ ମୁର୍ମୁ ୬୦ ମିନିଟ୍ ଏବଂ ବିଶ୍ୱଜିତ ସୋରେନ ୮୫ ମିନିଟ୍‌ରେ ଗୋଲ୍ କରିଥିଲେ । ଫାଓ ଏକାଡେମୀର ଇଶାନ୍ତ କୁଜୁର ୭ ଓ ୭୪ତମ ମିନିଟ୍‌ରେ ଡବଲ ଗୋଲ୍ କରିଥିଲେ ।

# ଆନ୍ତଃସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ୧୩୮ରନରେ କିଡ଼ସ ପବ୍ଲିକ ସ୍କୁଲ ବିଜୟୀ

କେନ୍ଦୁଝର,୨୨।୫ (ସବ୍ୟୁ):ଓଡିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଏବଂ ଜିଲ୍ଲା କ୍ରୀଡା ସଂସ୍ଥା, କେନ୍ଦୁଝର ସହଯୋଗରେ ସ୍ଥାନୀୟ ଷ୍ଟାଡିୟମ ପଡିଆ ଠାରେ ଅନୁଷ୍ଠିତ ଆଜିର ଚତୁର୍ଥ ଦିବସ ତଥା ଗ୍ରୁପ ବି' ର ପ୍ରଥମ ଲିଗ ପର୍ଯ୍ୟାୟ ଖେଳରେ କିଡ଼ସ ପବ୍ଲିକ ସ୍କୁଲ( ମିଳିତ ) ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର( ମିଳିତ) ବିପକ୍ଷରେ ୧୩୮ରନରେ ଏକ ବିପୁଳ ବିଜୟ ହାସଲ କରି ପୁରା ପଏଣ୍ଟ ହାସଲ କରିଛି। ଲିଗ କମ ନକ ଆଉଟ ପଦ୍ଧତିରେ ଅନୁଷ୍ଠିତ ଆଜିର ଖେଳରେ କିଡ଼ସ ପବ୍ଲିକ ସ୍କୁଲ ଟସରେ ଜିଣି ଏକ ନିର୍ଜୀବ ଉଇକେଟରେ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତି ନେଇଥିଲା ଏବଂ ନିର୍ଦ୍ଧାରିତ ୩୫ ଓଭରରେ ୪ ଉଇକେଟ ହରାଇ ୨୭୯ ରନ ସଂଗ୍ରହ କରିବା ସହ ନିଜର ସ୍ଥିତିକୁ ମଜବୁତ କରିଥିଲା । ଦଳ ପକ୍ଷରୁ ୫ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ସୋହମ କୁମାର ଜେନା ୯୦ ଉଇକେଟରେ ଅବସ୍ଥାନ କରି ୭୪ ବଲର ସମ୍ମୁଖୀନ ହୋଇ ୧୪ ଚୌକା ଏବଂ ୨ ଛକା ସହାୟତାରେ ୧୩୭.୮୪ ଷ୍ଟ୍ରାଇକ ରେଟ ସହ ଅପରାଜିତ ୧୦୨ ସଂଗ୍ରହ କରି ପ୍ରତିଯୋଗିତାର ପ୍ରଥମ ଶତକ ହାସଲ କରିଥିବା ବେଳେ ରାହୁଲଦେବ ନାୟକ ୪୭ ବଲର ସମ୍ମୁଖୀନ ହୋଇ ୯ଟି ଚୌକା ଓ ୨ ଛକା ସହାୟତାରେ ୧୪୨.୫୫ଷ୍ଟ୍ରାଇକ ରେଟ ସହ ୬୭ ସଂଗ୍ରହ କରି ପ୍ରତିଯୋଗିତାର ତୃତୀୟ ଅର୍ଦ୍ଧ ଶତକ ହାସଲ କରିଥିଲେ ।ପ୍ରତିପକ୍ଷ ଦଳର ଏକମାତ୍ର ସଫଳ ବୋଲର ଭାବେ ଉମା ମହେଶ ୭ ଆଭର ବୋଲିଂ କରି ୪୪ରନ ବିନିମୟରେ ୩ ଉଇକେଟ ହାସଲ କରିଥିଲେ । ଏହାର ଜବାବରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ମ୍ୟାଚ ଜିତିବା ପାଇଁ ଓଭର ପିଛା ୮ ଲେଖାଏଁ ରନ ସଂଗ୍ରହ କରିବାର ଲକ୍ଷ୍ୟ ନେଇ ଖେଳ ଆରମ୍ଭ କରିଥିଲେ ଏବଂ ୨୪.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୪୧ ରନ କରିବା ସହ ପରାଜୟ ସ୍ୱୀକାର କରିଥିଲେ । ଦଳ ପକ୍ଷରୁ କ୍ରିଷ୍ଣାଜିତ ସାହୁ ୪୧ ବଲର ସମ୍ମୁଖୀନ ହୋଇ ୯ଟି ଚୌକା ସହାୟତାରେ ୫୧ ରନ ସଂଗ୍ରହ କରିବା ସହ ପ୍ରତିଯୋଗିତାର ଚତୁର୍ଥ ଅର୍ଦ୍ଧ ଶତକ ହାସଲ କରିଥିଲେ। ପ୍ରତିପକ୍ଷ ଦଳର ସୋହମ କୁମାର ଜେନା ୭ ଓଭର ବୋଲିଂରେ ଗୋଟିଏ ମେଡନ ସହ ୧୮ ରନ ଦେଇ ୫ ଉଇକେଟ ହାସଲ କରିଥିବା ବେଳେ ରାହୁଲଦେବ ନାୟକ ୭ ବୋଲିଂରେ ଗୋଟିଏ ମେଡନ ସହ ୨୬ ରନ ଦେଇ ୩ ଉଇକେଟ ହାସଲ କରିଥିଲେ । ଉଭୟ ବ୍ୟାଟିଂ ଏବଂ ନିଜର ଯାଦୁକରୀ ବୋଲିଂରେ ଦର୍ଶକଙ୍କୁ ବିମୋହିତ କରିଥିବା ସୋହନ କୁମାର ଜେନା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ ।ଏହି ଖେଳକୁ ବିଶ୍ୱମ୍ଭର ମହାକୁଡ଼, ଯଶୋବନ୍ତ ମହାପାତ୍ର ( ଲୁନା) ପରିଚାଳନା କରିଥିବା ବେଳେ ଗିରୀଶ ଚନ୍ଦ୍ର ହୋତା ମ୍ୟାଚ ରେଫରୀ ଏବଂ ରାଜେନ୍ଦ୍ର ସାହୁ ସ୍କୋରର ଦାୟିତ୍ୱ ତୁଲାଇ ଥିଲେ ।

# ସର୍ବାଧିକ ମ୍ୟାଚ ହାରିଛନ୍ତି ଧୋନି

ନୂଆଦିଲ୍ଲୀ,୨୨।୫ (ଏଜେନ୍ସି): ଆଇପିଏଲ୍ ଇତିହାସରେ ମହେନ୍ଦ୍ର ସିଂ ଧୋନିଙ୍କର ଶ୍ରେଷ୍ଠ ଅଧିନାୟକ ଭାବେ ସ୍ୱତନ୍ତ୍ର ପରିଚୟ ରହିଛି । ତାଙ୍କ ନେତୃତ୍ୱରେ ଚେନ୍ନାଇ ୫ଥର ଟାଇଟଲ ହାସଲ କରିଛି । ଏହା ସତ୍ତ୍ୱେ ଧୋନିଙ୍କ ନାଁରେ ସର୍ବାଧିକ ମ୍ୟାଚ ହାରିବାର ଅଲୋଡା ରେକର୍ଡ ରହିଛି । ଧୋନି ୨୩୪ ମ୍ୟାଚରେ ନେତୃତ୍ୱ ନେଇଥିବା ବେଳେ ଦଳ ୯୭ଥର ପରାଜିତ ହୋଇଛି । ଦ୍ୱିତୀୟ ସ୍ଥାନରେ ରହିଛି ବେଙ୍ଗାଲୁରୁ । କୋହଲିଙ୍କ ନେତୃତ୍ୱରେ ବେଙ୍ଗାଲୁରୁ ୧୪୩ ମ୍ୟାଚ ଖେଳି ୭୦ଥର ହାରିଛି । ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ରୋହିତ ଶର୍ମା ଏହି ତାଲିକାର ତୃତୀୟ ସ୍ଥାନରେ ରହିଛନ୍ତି । ତାଙ୍କ ନେତୃତ୍ୱରେ ମୁମ୍ବାଇ ୬୭ ମ୍ୟାଚ ହାରିଛି । ଚତୁର୍ଥ ଓ ପଞ୍ଚମ ସ୍ଥାନରେ ଅଛନ୍ତି ଗୌତମ ଗମ୍ଭୀର ଓ ଡେଭିଡ ୱାର୍ଣ୍ଣର । ଗମ୍ଭୀର ୧୨୯ ମ୍ୟାଚରେ ଦଳର ନେତୃତ୍ୱ ନେଇଥିବା ବେଳେ ୫୭ ମ୍ୟାଚ ହାରିଛି । ସେହିପରି ୱାର୍ଣ୍ଣର ୮୩ ମ୍ୟାଚରେ ଦଳର ନେତୃତ୍ୱ ନେଇଥିବା ବେଳେ ୪୧ଟିରେ ପରାଜିତ ହୋଇଛି ।




ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି